ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨ ସେପ୍ଟେମ୍ବର, ୨୦୨୩

ଏ ପୃଥିବୀର ଊର୍ଦ୍ଧ୍ୱରେ ଯେଉଁ ସବୁ ସ୍ୱର୍ଗ ରହିଛି- ସେଗୁଡ଼ିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିଭଳି ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ। -ଶ୍ରୀଅରବିନ୍ଦ



# ନକଲି ଆକାଉଣ୍ଟ ଚିନ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗୁଜରାଟରେ ଆଇଏଏସ୍, ଆଇପିଏସ୍ ଅଧିକାରୀ ଏବଂ ମେଡିକାଲ ବୃତ୍ତିଧାରୀଙ୍କ ଭଳି ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ଅସୁବିଧାରେ ପକାଇବା ଲାଗି ସାମାଜିକ ଗଣମାଧ୍ୟମ(ସୋସିଆଲ ମିଡିଆ)ରେ ସେମାନଙ୍କ ତଥ୍ୟ ଓ ଫଟୋକୁ ନେଇ ନକଲି ଆକାଉଣ୍ଟ ଧାରା ଦ୍ରୁତଗତିରେ ପ୍ରସାର ହେଉଛି। ସରକାରୀ ସ୍ତରରେ ଦରମା କିମ୍ବା ପେନ୍‌ସନ ତାଲିକା( ସିଭିଲ ତାଲିକା)ରୁ ସହଜରେ ଉପଲବ୍ଧ ହେଉଥିବା ଆଇଏଏସ୍, ଆଇପିଏସ୍ ଅଧିକାରୀଙ୍କ ତଥ୍ୟକୁ ନେଇ ସ୍କାମରମାନେ ପ୍ରକୃତ ଚିତ୍ର ସହ ନକଲି ପ୍ରୋଫାଇଲ ସୃଷ୍ଟିକରି ଶୋଷଣ କରୁଛନ୍ତି। ଜରୁରିକାଳୀନ ଚିକିତ୍ସା ପାଇଁ ପାଣ୍ଠି ମାଗିବାକୁ ସ୍କାମରମାନେ ନକଲି ପ୍ରୋଫାଇଲକୁ ନେଇ ଷ୍ଟୋରି କରି ଲୋକଙ୍କ ମଧ୍ୟରେ ଦୟାଭାବ ସୃଷ୍ଟି କରିପାରୁଛନ୍ତି। ବରିଷ୍ଠ ଅମଲାତନ୍ତ୍ରୀଙ୍କଠାରୁ ଆରମ୍ଭକରି ଆଗଧାଡ଼ିର ଡାକ୍ତରଙ୍କ ପର୍ଯ୍ୟନ୍ତ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ତେବେ ରାଜ୍ୟ ସାଇବର କ୍ରାଇମ ୟୁନିଟ୍ ଏହି ଘଟଣାର ଯାଞ୍ଚକରି ୫୩ରୁ ଅଧିକ ନକଲି ଆକାଉଣ୍ଟକୁ ବନ୍ଦ କରିଥିବା ଜଣାପଡ଼ିଛି। ଯେଉଁମାନେ ଏହି ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ୧୯୮୬ ବ୍ୟାଚ୍ ଆଇଏଏସ୍ ଅଧିକାରୀ ପଙ୍କଜ କୁମାର । ଏଥିସହ ଗୁଜରାଟ ଖଣିଜ ବିକାଶ ନିଗମର ରାଜୀବ କୁମାର ଗୁପ୍ତା ଏବଂ ଗୁଜରାଟ ରାଜ୍ୟ ମାନବାଧିକାର ଆୟୋଗର ଭାର୍ଗବୀ ଡାଭେଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ନକଲ କରାଯାଇଛି। ଗୁଜରାଟ ଜାରି ରଖିଥିବା ଡିଜିଟାଲ ଦୁର୍ନୀତି ବିରୋଧୀ ଲଢ଼େଇର ପ୍ରତିଧ୍ୱନି ଅନ୍ୟ ରାଜ୍ୟରେ ମଧ୍ୟ ଦେଖିବାକୁ ମିଳିଛି। ତେବେ ଭର୍ଚୁଆଲ କ୍ଷେତ୍ରର ସୁଦୃଢ଼ତା ପାଇଁ ଅମଲାତନ୍ତ୍ର, ନୀତ ନିର୍ଦ୍ଧାରକ ଏବଂ ନାଗରିକମାନଙ୍କର ମିଳିତ ପ୍ରୟାସ ଆବଶ୍ୟକ। ସମ୍ମିଳିତ ଭାବେ ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକ ସାର୍ବଜନୀନ ତଥ୍ୟର ସୁରକ୍ଷା ଏବଂ ଉପଲବ୍ଧ ତଥ୍ୟର ଅପବ୍ୟବହାରକୁ ରୋକିବା ସକାଶେ ସମାଧାନର ନୂତନ ଉପାୟ ସହ ଆଗକୁ ଆସିବା ଦରକାର।

### ନୂଆ ପଦବୀର ପ୍ରତିଧ୍ୱନି

ଚିଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଭଳି ଜଣେ ଚିଫ୍ ଇନ୍‌ଭେଷ୍ଟିଂ ଅଫିସର ବା ମୁଖ୍ୟ ଅନୁସନ୍ଧାନକାରୀ ଅଧିକାରୀ (ସିଆଇଓ) ଆରମ୍ଭ କରିବାକୁ କେନ୍ଦ୍ର ବିଚାର କରୁଛି। ଅବସର ନେବାକୁ ଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ମୁଖ୍ୟ ଏସ୍.କେ. ମିଶ୍ର ଓ ସିଆଇଓ ଗଠନକୁ ନେଇ ଆଲୋଚନା ହେଉଛି। ଏହା ନିଃସନ୍ଦେହ ଯେ,୨୦୨୪ରେ ହେବାକୁ ଥିବା ଲୋକ ସଭା ନିର୍ବାଚନ ପୂର୍ବରୁ ମିଶ୍ରଙ୍କ ସାମର୍ଥ୍ୟ ଉପରେ କେନ୍ଦ୍ରର ବିଶ୍ୱାସ ରହିଥିବାରୁ ଏହି ଚର୍ଚ୍ଚା ଆହୁରି ଅଧିକ ହେବାରେ ଲାଗିଛି। ଯଦି ଏହା ବାସ୍ତବ ରୂପ ନିଏ, ତେବେ ମିଶ୍ର ଦେଶର ପ୍ରଥମ ସିଆଇଓ ଭାବରେ ସ୍ଥାନିତ ହେବେ ଓ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏଜେନ୍ସିକୁ ତଦାରଖ କରିବେ। ତେବେ ଏହିସବୁ ନିଯୁକ୍ତି ଉପରେ ସରକାର ବ୍ୟାପକ ନିୟନ୍ତ୍ରଣ ରଖିବାକୁ ଆତୁର ବୋଲି ନିକଟରେ ମିଶ୍ରଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରା ହୋଇଥିବା ଅନୁଧ୍ୟାନରୁ ସଙ୍କେତ ମିଳିସାରିଛି। ଉଲ୍ଲେଖଯୋଗ୍ୟ, ପ୍ରମୁଖ ଅନୁସନ୍ଧାନକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ସିଆଇଓ ଭୂମିକା ଗ୍ରହଣ କରିବ ବୋଲି ସରକାର ବିଚାର କରୁଛନ୍ତି ଓ ସିଆଇଓ ସଚିବ ର୍ୟାଙ୍କ୍‌ର ହେବ ବୋଲି ଆଶା କରାଯାଉଛି। ଖାଲି ସେତିକି ନୁହେଁ, ସେପ୍ଟେମ୍ବର ୧୫, ୨୦୨୩ରେ ମିଶ୍ରଙ୍କ ବିଦାୟ ପୂର୍ବରୁ ଏହା ଗଠନ ହେବା ସମ୍ଭାବନା ଅଛି। ଏହି ନୂତନ ପଦବୀ ଇଡି ଏବଂ ସିବିଆଇ ସହିତ ସହଭାଗୀ ହେବାକୁ ସ୍ଥିର ହୋଇଛି। କେତେଜଣ ବରିଷ୍ଠ ଅଧିକାରୀ ବିଶ୍ୱାସ କରନ୍ତି , ଏଭଳି ଘଟଣାରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପୁଣି ଥରେ ଆସିପାରେ। ସେମାନେ ମଧ୍ୟ ଭୟ କରୁଛନ୍ତି ଯେ ସିବିଆଇ ଏହାର ସ୍ଥିତି ହରାଇପାରେ ଏବଂ ଅପରପଟେ ଇଡି ଏବଂ ଆଇଟି ବିଭାଗର ଗୁରୁତ୍ୱ ବୃଦ୍ଧି ପାଇବ। ତେଣୁ, ଏହି ମାମଲାରେ ଅମଲାତାନ୍ତ୍ରିକ ପଦବୀଗୁଡ଼ିକର ପୁନର୍ଗଠନ ବାଦ୍ ବି ଅନେକ କିଛି ପ୍ରତିଧ୍ୱନିତ ହେବାରେ ଲାଗିଛି।

### ସ୍ୱଷ୍ଟ ହେଲା ବାସ୍ତବତା

ବରିଷ୍ଠ ଆଇଏଏସ୍ ଅଧିକାରୀ ଏନ୍‌ଜି ରୋବେନ ସିଂଙ୍କ ଅପ୍ରତ୍ୟାଶିତ ନିଲମ୍ବନ ଏବେ ପ୍ରଶାସନିକ କ୍ଷେତ୍ରରେ ଆଲୋଡ଼ନ ଖେଳାଇ ଦେଇଛି। ଏହି ନିଲମ୍ବନ ମଧ୍ୟ ମଣିପୁର ସମ୍ମୁଖୀନ ହେଉଥିବା ଏବକାର ଜଟିଳ ଆହ୍ୱାନର ସ୍ଥିତିକୁ ସ୍ୱଷ୍ଟ କରିଛି। ରାଜ୍ୟରେ ଜାତିଗତ ହିଂସା ମଧ୍ୟରେ ସୁରକ୍ଷା ସମସ୍ୟାକୁ ଦର୍ଶାଇ ଜିରିବମ ଜିଲାର ଡେପୁଟି କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ସିଂ ମନା କରିଦେଇଛନ୍ତି। ଅଲ୍ ଇଣ୍ଡିଆ ସର୍ଭିସ୍(ଡିସିପ୍ଲିନ ଆଣ୍ଡ୍ ଅପିଲ) ରୁଲ୍ସ, ୧୯୬୯ର ନିୟମ ୩ ଅନୁଯାୟୀ ସିଂଙ୍କୁ ମଣିପୁର ମୁଖ୍ୟ ଶାସନ ସଚିବ ବିନିତ ଜୋଷୀ ନିଲମ୍ବନ କରିଥିଲେ। ତାଙ୍କ ନିଲମ୍ବନ ଆଦେଶକୁ ଚ୍ୟାଲେଞ୍ଜ କରିବାକୁ ସିଂଙ୍କ ନିଷ୍ପତ୍ତିରୁ ଜଣାଯାଏ ଯେ, କୁକି ସମ୍ପ୍ରଦାୟର ପ୍ରାଧାନ୍ୟ ଥିବା ଅଞ୍ଚଳରେ କାର୍ଯ୍ୟ କରିବା ବିଷୟରେ ତାଙ୍କ ମନରେ ଆଶଙ୍କା ସୃଷ୍ଟି କରିଥିଲା ଏବଂ ତାଙ୍କ ପରି ମେଇତି ଅଧିକାରୀ ବିପଦର ସମ୍ମୁଖୀନ ହେବା ସ୍ଥିତିକୁ ଦର୍ଶାଇଥିଲା। ଅତୀତରେ ହୋଇଥିବା ବାରମ୍ବାର ବଦଳିକୁ ସେ ଦର୍ଶାଇଛନ୍ତି। ଉପତ୍ୟକାରେ ସାମ୍ପ୍ରଦାୟିକ ହିଂସା ଦ୍ୱାରା ଅଧିକ ପ୍ରଭାବିତ ଜିଲାଗୁଡ଼ିକରେ ଡେପୁଟି କମିଶନର ଭାବରେ କାର୍ଯ୍ୟ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ ବୋଲି ସେଥିରୁ ଜଣାପଡ଼ିଛି। ଏହି ଅଧ୍ୟାୟଟି ସୁରକ୍ଷା ସମସ୍ୟା, ଜାତିଗତ କ୍ରିୟାଶୀଳତା ଏବଂ ମଣିପୁରରେ ରାଜ୍ୟ ପ୍ରଶାସନର ଅଭ୍ୟନ୍ତରୀଣ ଜଟିଳତାକୁ ପ୍ରତିପାଦିତ କରେ। ଏହା ମଧ୍ୟ ବହୁମୁଖୀ ବାସ୍ତବତାକୁ ପ୍ରକାଶକରେ ଯାହାକୁ ସତର୍କତାର ସହ ବିଚାର ବଂ ସମାଧାନ ଆବଶ୍ୟକ।

Email: dilipcherian@gmail.com

# ଦଳବଦଳ ବନାମ ଉତ୍ତରଦାୟିତ୍ୱ



ଲଳିତ ମୋହନ ମିଶ୍ର

ଆମ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଲୋକେ ଏକ ନିର୍ଦ୍ଦିଷ୍ଟ ଦଳର ପ୍ରତିନିଧିଙ୍କୁ ବା ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ପାଞ୍ଚ ବର୍ଷ ପାଇଁ ତାଙ୍କର ପ୍ରତିନିଧି ରୂପେ ବାଛି ସଂସଦ ଓ ବିଧାନସଭାକୁ ପଠାଇଥାଆନ୍ତି। କିନ୍ତୁ ଏବେ ଦେଖାଯାଉଛି ଯେ, କେତେକ ନିର୍ବାଚିତ ପ୍ରତିନିଧି ପାଞ୍ଚବର୍ଷର କାର୍ଯ୍ୟକାଳ ମଧ୍ୟରେ ସେମାନଙ୍କର ଦଳବଦଳ କରୁଛନ୍ତି ବା ଅନ୍ୟ ଏକ ନୂଆ ଦଳ ଗଢ଼ି ଦେଉଛନ୍ତି। ଲୋକେ ଏକ ଦଳକୁ ପାଞ୍ଚ ବର୍ଷ ପାଇଁ ଭୋଟ ଦେଇଥିବା ଯୋଗୁ ନିର୍ବାଚିତ ପ୍ରତିନିଧିମାନେ ତାଙ୍କର ସମସ୍ତ କାର୍ଯ୍ୟକାଳ, ସେହି ଦଳରେ ରହିବା ପାଇଁ ନୈତିକଭାବେ ବାଧ୍ୟ। ଏହା ଯଦି ସେମାନେ ନ କରନ୍ତି ତେବେ ସେମାନେ ମତଦାତାଙ୍କୁ ଧୋକା ଦେଉଛନ୍ତି ବୋଲି ବିଚାର କରାଯିବା ସ୍ୱାଭାବିକ। ଏହାକୁ ବିଚାରକୁ ନେଇ ଦେଶରେ ଦଳବଦଳ ନିରୋଧ ଆଇନ କାର୍ଯ୍ୟକାରୀ ହେଉଛି। କିନ୍ତୁ ଏହି ଆଇନ ଦଳବଦଳ ଭଳି ଅନୈତିକ ତଥା ଗଣତନ୍ତ୍ର ଦୁର୍ବଳକାରୀ ପନ୍ଥାକୁ ସଂପୂର୍ଣ୍ଣ ରୂପେ ହଟାଇ ପାରିନାହିଁ।

ଏକ ଦଳବଦଳ ଘଟଣା ଉପରେ ନଜର ପକାଇବା। ଗୋଆରେ ଫେବୃୟାରୀ ୨୦୨୨ରେ ଏହାର ୪୦ ବିଧାନ ସଭା ଆସନ ପାଇଁ ସାଧାରଣ ନିର୍ବାଚନ ହୋଇଥିଲା। ଏଥିରେ ଭାଜପା ୨୦ଟି ଆସନ ପାଇ ବହୁମତର ପାଖାପାଖି ଥିଲା। ଭାଜପା ୨ ସ୍ୱାଧୀନ ପ୍ରାର୍ଥୀଙ୍କର ସମର୍ଥନ ନେଇ ସରକାର ଗଠନ କଲା। କଂଗ୍ରେସ ୧୦ଟି ଆସନ ପାଇ ବିରୋଧୀ ଦଳରେ ବସିଲା। ସେପ୍ଟେମ୍ବର ୨୦୨୨ରେ କଂଗ୍ରେସର ବିରୋଧୀ ଦଳ ନେତାଙ୍କ ସମେତ ୮ ଜଣ ବିଧାୟକ ଭାଜପାରେ ମିଶିଲେ। ରାଜ୍ୟ ସରକାରରେ ଥିବା ଭାଜପା ଏହାଦ୍ୱାରା ରାଜ୍ୟରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କଲା ଓ ବିରୋଧୀ ଦଳ କଂଗ୍ରେସ ରାଜ୍ୟରେ ଅତ୍ୟନ୍ତ ଦୁର୍ବଳ ହେଲା।

୧୯୮୫ରେ ଦଳବଦଳ ନିରୋଧ ଆଇନ ୫୨ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଦେଶରେ କାର୍ଯ୍ୟକାରୀ ହେଲା ଓ ଏହା ସମ୍ବିଧାନର ୧୦ ଅନୁଚ୍ଛେଦରେ ସ୍ଥାନ ପାଇଲା। ୨୦୦୩ରେ ୯୧ତମ ସମ୍ବିଧାନ ସଂଶୋଧନ ହୋଇ ଏହି ଆଇନ ଅଧିକ ସଶକ୍ତ ହେଲା। କିନ୍ତୁ ଏହା ନିର୍ବାଚିତ ପ୍ରତିନିଧିଙ୍କ ଦଳବଦଳ ପ୍ରକ୍ରିୟାକୁ ଶତ ପ୍ରତିଶତ ଅଙ୍କୁଶ ନ ଲଗେଇ ଦୁଇ ତୃତୀୟାଂଶ ନିର୍ବାଚିତ ପ୍ରତିନିଧିଙ୍କ ଦଳ ବଦଳକୁ ସ୍ୱୀକୃତି ଦେଲା। ଗୋଆର କଂଗ୍ରେସ ବିଧାୟକମାନେ ଏହି ଗଳାବାଟର ସୁଯୋଗ ନେଇ ନିଜର ସ୍ୱାର୍ଥ ସାଧନ ପାଇଁ ବିରୋଧୀ ଦଳରୁ ଯାଇ ସରକାରୀ ଦଳରେ ମିଶିଗଲେ ଓ କ୍ଷମତା ଉପଭୋଗ କଲେ।



ଏ ଗଲା ଯେଉଁଠି ଦୁଇ ତୃତୀୟାଂଶ ବିଧାୟକ ବା ସାଂସଦ ଏକାଠି ହୋଇ ଦଳବଦଳ କରିବା କଥା। ତେବେ ସବୁବେଳେ ଏତେ ସଂଖ୍ୟାରେ ଗୋଟିଏ ଦଳର ନିର୍ବାଚିତ ପ୍ରତିନିଧିମାନେ ଏକାଠି ହୋଇ ଦଳରୁ ବାହାରିବା କଷ୍ଟ ସାଧ୍ୟ। ଏହାର କାରଣ କ'ଣ? ସାଧାରଣତଃ ବିରୋଧୀ ଦଳର ଅସନ୍ତୁଷ୍ଟ ବା ସୁବିଧାବାଦୀ ଗୋଷ୍ଠୀଙ୍କୁ ସରକାରୀ ଦଳ, ମନ୍ତ୍ରୀ ପଦ ଓ ଟଙ୍କା ଲୋଭ ଦେଖାଇ ଦଳବଦଳ ପାଇଁ ଆକର୍ଷିତ କରିଥାଏ। ବହୁ ବିଧାୟକ, ସାଂସଦ ମନ୍ତ୍ରୀ ପଦ ପାଇଁ ଆଗ୍ରହୀ ହେବା ଓ ଅଧିକ ଟଙ୍କା ଘୋଡ଼ା ବେପାରରେ ଆଶା କରିବା ସ୍ୱାଭାବିକ। ତେଣୁ ବଡ଼ ବଡ଼ ରାଜ୍ୟର ବିଧାନସଭାରେ ଦୁଇ ତୃତୀୟାଂଶ ପ୍ରତିନିଧିଙ୍କୁ ସନ୍ତୁଷ୍ଟ କରି ଦଳବଦଳ କରାଇବା କଷ୍ଟକର। ଏ କ୍ଷେତ୍ରରେ ଏକ ନୂଆ ରାସ୍ତା ମଧ୍ୟ ଲୋକେ ପ୍ରତିନିଧିମାନେ ଆବିଷ୍କାର କରିଛନ୍ତି। ଏହି ମର୍ମରେ ମଧ୍ୟପ୍ରଦେଶର ଉଦାହରଣକୁ ଆସିବା।

ନଭେମ୍ବର ୨୦୧୮ରେ ମଧ୍ୟପ୍ରଦେଶରେ ୨୩୦ ବିଶିଷ୍ଟ ବିଧାନ ସଭା ଆସନ ପାଇଁ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା। କୌଣସି ଦଳ ସଂଖ୍ୟାଗରିଷ୍ଠତା ପାଇ ନ ଥିଲେ। ତେବେ ଆଗୁଆ ଥିବା କଂଗ୍ରେସ ନିଜର ୧୧୪ ଆସନ ସହିତ ବିଏସ୍‌ପିର ୨, ସମାଜବାଦୀ ପାର୍ଟିର ୧ ଓ ସ୍ୱାଧୀନ ୪ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ରାଜ୍ୟ ସରକାର ଗଠନ କଲା। ମାର୍ଚ୍ଚ ୨୦୨୦ରେ ରାଜ୍ୟରେ ରାଜନୈତିକ ଅସ୍ଥିରତା ଦେଖାଗଲା। କଂଗ୍ରେସରୁ ୭୬ ବିଧାୟକ ଏକାଠି ହେଲେ ଯାଇ ସେମାନେ ଭାଜପାରେ ମିଶିପାରିବେ। ଏଥିରୁ କମ୍ ସଂଖ୍ୟକ ଦଳବଦଳ କଲେ ଗୃହରେ ଅଯୋଗ୍ୟ ହୋଇଯିବେ। ତେଣୁ କଂଗ୍ରେସର ଏକ ଗୋଷ୍ଠୀ ଭାଜପା ସହିତ ଭିତିରିଆ ଆଲୋଚନା କରି ଅନ୍ୟ ଏକ ପନ୍ଥା ବାହାର କଲେ। ୨୨ ଜଣ କଂଗ୍ରେସ ବିଧାୟକ ଗୃହରୁ ଇସ୍ତଫା ଦେଲେ। ଫଳରେ ଗୃହରେ କଂଗ୍ରେସ ସଭ୍ୟ ସଂଖ୍ୟା ୯୪କୁ ଖସିଗଲା। ଭାଜପାର ବିଧାନସଭାରେ ସଂଖ୍ୟା ଅଧିକ ହେଲା ଓ ଭାଜପା ରାଜ୍ୟରେ ସରକାର ଗଠନ କଲା। ପରେ ରାଜ୍ୟରେ ବିଧାନସଭା ଉପନିର୍ବାଚନ ଅନୁଷ୍ଠିତ ହେଲା ଏବଂ ୧୮ ଜଣ କଂଗ୍ରେସର ପୂର୍ବତନ ବିଧାୟକ ଭାଜପା ଟିକେଟରେ ନିର୍ବାଚନ ଲଢ଼ି ଜିତିଲେ। ଦେଶର ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ଏହି ଦଳ ବଦଳକୁ ରୋକିପାରିଲା ନାହିଁ।

ଏବେ ଆଉ ଏକ ଦଳବଦଳ ଗଳାବାଟ ଉପରେ ଆଲୋଚନା କରିବା, ଯାହାହେଲା ଦଳ ବିଭାଜନ। ୨୦୨୧ ଜୁଲାଇରେ ବିହାରର ଲୋକ ଜନଶକ୍ତି ଦଳର ବରିଷ୍ଠ ନେତା ପଶୁପତି କୁମାର ପାରଶ ଦଳର ୬ରୁ ୫ ଲୋକ ସଭା ସାଂସଦଙ୍କ ସମର୍ଥନରେ ଦଳର ଲୋକ ସଭା ନେତା ହିସାବରେ ସ୍ୱୀକୃତି ପାଇ କେନ୍ଦ୍ରମନ୍ତ୍ରୀ ହେଲେ। ସେ ନିଜକୁ ଦଳର ସଭାପତି ଭାବେ ଘୋଷଣା କଲେ। ଏହାପରେ ଦଳ ପାରଶଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଲୋକ ଜନଶକ୍ତି ପାର୍ଟି ଓ ଚିରାଗ ପାଶ୍ୱାନଙ୍କ ନେତୃତ୍ୱାଧୀନ ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ)ରେ ବିଭାଜିତ ହୋଇଗଲା। ତେବେ ଏ ପ୍ରକ୍ରିୟାରେ ପଶୁପତି ଚାହିଁଥିଲେ ନିଜ ଗୋଷ୍ଠୀକୁ ନେଇ ଭାଜପାରେ ମିଶି ପାରିଥାଆନ୍ତେ, କାରଣ ତାଙ୍କ ପାଖରେ ଦୁଇ ତୃତୀୟାଂଶ ସାଂସଦ ଥିଲେ। କିନ୍ତୁ ସେ ଏହା ନ କରି ବିହାରରେ ଦଳର ଭୋଟ ବ୍ୟାଙ୍କ ସୁରକ୍ଷିତ ରଖିବା ପାଇଁ ଦଳକୁ ବିଭାଜିତ କରି ନିଜ ପାଖରେ ଏକ ଦଳକୁ ରଖିଲେ।

ସେହିପରି ମହାରାଷ୍ଟ୍ର ବିଧାନସଭାର ୨ଟି ବିରୋଧୀ ଦଳର ଅନେକ ବିଧାୟକ ଦଳବଦଳ ବାଟରେ ନ ଯାଇ ଦଳ ବିଭାଜନ ବାଟରେ ଯାଇ ରାଜ୍ୟ ସରକାରରେ ସାମିଲ ହେବା ଦେଖାଗଲା। ଲୋକେ ନିର୍ବାଚନରେ ଭୋଟ ଦେଇଥିଲେ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା ଓ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପିକୁ। କିନ୍ତୁ ଏହି ଦଳଗୁଡ଼ିକରୁ ସରକାରରେ ସାମିଲ ହେବା ପାଇଁ ଆଗ୍ରହୀ ବିଧାୟକମାନେ ତାଙ୍କର କାର୍ଯ୍ୟକାଳ ମଝିରେ ଦଳକୁ ବିଭାଜନ କରି ସରକାରରେ ସାମିଲ ହେଲେ।

ଆମ ଦେଶରେ ନିର୍ବାଚନକୁ ଦୁର୍ନୀତି, ଅପରାଧମୁକ୍ତ ଓ ସ୍ୱଚ୍ଛ କରିବା ପାଇଁ ତଥା ଲୋକ ପ୍ରତିନିଧି ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା ପାଇଁ ଅନେକ ନିର୍ବାଚନୀ ଓ ବ୍ୟବସ୍ଥାପିକା ସଂସ୍କାର କରାଯାଇଛି। ଏବେ ଏହି ସଂସ୍କାର ପ୍ରକ୍ରିୟାକୁ ଅଧିକ ଉତ୍ତରଦାୟୀ କରିବାର ସମୟ ଆସିଛି। ପ୍ରଥମତଃ ନିର୍ବାଚନୀ ମେଣ୍ଟର ସଭ୍ୟଦଳଙ୍କୁ ନିର୍ବାଚନ ପରେ ୫ ବର୍ଷ ଯାଏ ମେଣ୍ଟ ପରିବର୍ତ୍ତନ କରାଯାଇ ନ ପାରିବା ପାଇଁ ଆଇନ ଆସିବା ଦରକାର। ଦ୍ୱିତୀୟରେ ଦଳବଦଳ ଆଇନର ସଂଶୋଧନ କରି ନିର୍ବାଚିତ ପ୍ରତିନିଧିଙ୍କ ଦଳବଦଳକୁ ସଂପୂର୍ଣ୍ଣ ଭାବେ ବେଆଇନ ଘୋଷଣା କରିବା ଦରକାର। ତୃତୀୟତଃ ନିର୍ବାଚନର ୬ ମାସ ପୂର୍ବରୁ ଏକ ନିର୍ବାଚିତ ଦଳକୁ ଭାଗ କରିବା ପାଇଁ ସୁଯୋଗ ଦେଇ ନିର୍ବାଚନ ପରେ ୪ ବର୍ଷ ୬ ମାସ ଯାଏ କୌଣସି ନିର୍ବାଚିତ ଦଳ ଯେପରି ଭାଗ ହୋଇ ନ ପାରିବ ତା' ଉପରେ ଆଇନ ଆସିବା ଆବଶ୍ୟକ।

ମୋ- ୭୦୦୮୨୩୩୭୨୯

# ଈଶ୍ୱର ବିଶ୍ୱାସ ଓ ପ୍ଲାସେବୋ ପ୍ରଭାବ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଉଦ୍‌ଭାବନ ଶବ୍ଦଟି ବିଜ୍ଞାନ ସହିତ ଓତପ୍ରୋତ ଭାବେ ଜଡ଼ିତ। ତେବେ, କନ୍‌ଫ୍ୟୁସିୟସଙ୍କ ଭଳି ଜଣେ ଯୋଗଜନ୍ମା ଦାର୍ଶନିକ ଈଶ୍ୱରଙ୍କ ସହିତ ତାହାକୁ ସମ୍ପୃକ୍ତ କରି କହିଥିଲେ, 'ଯଦି ଈଶ୍ୱର ନ ଥାନ୍ତି, ଚାଲ ଆମେ ତାଙ୍କୁ ଉଦ୍‌ଭାବନ କରିବା।' ଏଥିରୁ ସ୍ୱଷ୍ଟ ଅନୁମେୟ ଯେ, ଈଶ୍ୱରଙ୍କ ସ୍ଥିତିକୁ ନେଇ ସେ ନିଶ୍ଚିତ ନ ଥିଲେ, କିନ୍ତୁ ମାନବ ସମାଜର ହିତ ପାଇଁ ତାଙ୍କ ପ୍ରତି ବିଶ୍ୱାସ ରଖିବା ଅପରିହାର୍ଯ୍ୟ ବୋଲି ମନେକରୁଥିଲେ। ସେଥିପାଇଁ ଜୀବନକୁ ସାବଲୀଳ କରିବା ସହିତ ଏହାର ମାନ ବୃଦ୍ଧି କରିଥିବା ବିବିଧ ଗୁରୁତ୍ୱପୂର୍ଣ୍ଣ ଉଦ୍‌ଭାବନ ଭଳି ତାଙ୍କୁ ମଧ୍ୟ ମାନସିକସ୍ତରରେ ଉଦ୍‌ଭାବନ କରିବା ଆମର ଅତ୍ୟାବଶ୍ୟକ, ଅର୍ଥାତ୍ ଆମେ ତାଙ୍କ ସ୍ଥିତିକୁ ନେଇ ପ୍ରଶ୍ନ ଉଠାଇବା ପରିବର୍ତ୍ତେ ତାହାକୁ ସ୍ୱୀକାର କରିନେବା ହିଁ ମଙ୍ଗଳକର ବୋଲି ଥିଲା ତାଙ୍କର ମତ।

ଆମଠାରେ ଈଶ୍ୱର ବିଶ୍ୱାସ ସୃଷ୍ଟି ହୋଇଛି ଏକ ପ୍ରାକୃତିକ ପ୍ରକ୍ରିୟାରେ। ତାହା କେବେ ଓ କିପରି ହେଲା ତା'ର ବିଧିବଦ୍ଧ ଇତିହାସ ନାହିଁ। ତେବେ, ଆଦିମ କାଳରେ ମଣିଷ ତା' ଚତୁଃପାର୍ଶ୍ୱରେ ଘଟିଯାଉଥିବା ଅନେକ ଘଟଣାବଳୀର କାରଣ ଖୋଜି ନ ପାଇବାରୁ ସମ୍ଭବତଃ ତାହା ସବୁ ମୂଳରେ କୌଣସି ଅଲୌକିକ ଶକ୍ତିର ହାତ ଥିବାର ସେ ମନେ କରିବାକୁ ଲାଗିଲା ଏବଂ ତାହା ହିଁ ତା' ମନରେ ଈଶ୍ୱର ବିଶ୍ୱାସର ବୀଜ ବପନ କଲା। ବର୍ତ୍ତମାନ ମଧ୍ୟ ତାଙ୍କ ସ୍ଥିତିକୁ ସାମଗ୍ରିକ ଭାବେ ସ୍ୱୀକାର କରନ୍ତି ବିଶ୍ୱର ପ୍ରାୟ ୮୬ ଶତାଂଶ ଲୋକ। ଅବଶିଷ୍ଟ ୧୪ ଶତାଂଶ ମଧ୍ୟରୁ ୧୩ ଶତାଂଶରୁ ଅଧିକଙ୍କର ଏଥି ସମ୍ପର୍କରେ କୌଣସି ମତାମତ ନାହିଁ ଏବଂ ୦.୫ରୁ ୦.୭ ଶତାଂଶ ଲୋକ ଏହାକୁ ଅସ୍ୱୀକାର କରନ୍ତି।

ଈଶ୍ୱରବିଶ୍ୱାସର ଆମ ଦେହ ଓ ମନ ଉପରେ ଅମାପ ସକାରାତ୍ମକ ପ୍ରଭାବ ଥିବାର ମତ ଦେଲେଣି ବହୁ ମନସ୍ତତ୍ତ୍ୱବିତ୍। ସେମାନଙ୍କ ମଧ୍ୟରେ ଅଛନ୍ତି ଆମେରିକାର ସି.ଏସ୍. ଏଲିସନ୍ ଏବଂ ଜେ.ଏସ୍. ଲେଭିନ୍। ସେମାନେ ୧୯୯୮ରେ ''ହେଲ୍‌ଥ ଏଜୁକେଶନ ଏଣ୍ଡ ବିହେଭିୟର'' ପତ୍ରିକାରେ ପ୍ରକାଶ କରିଥିବା ତାଙ୍କର ଏକ ଅଧ୍ୟୟନର ଫଳାଫଳରେ ସୂଚିତ କରିଥିଲେ ଯେ, ଈଶ୍ୱରବିଶ୍ୱାସୀ ତଥା ଆଧ୍ୟାତ୍ମିକ ମନୋଭବ ସମ୍ପନ୍ନ ଲୋକେ ସାଧାରଣତଃ ଅଧିକ ସୁସ୍ଥ ଏବଂ ଦୀର୍ଘଜୀବୀ। ସେହିପରି ମନସ୍ତତ୍ତ୍ୱବିତ୍ କେ.ଏସ୍. ସେଇବୋଲ୍ ଏବଂ ପି.ସି. ହିଲ୍ ୨୦୦୧ଫେବୃୟାରୀ ସଂଖ୍ୟା ''କରେଣ୍ଟ ଡିରେକସନ୍ ଇନ୍ ସାଇକୋଲୋଜିକାଲ୍ ସାଇନ୍ସ''ରେ ଈଶ୍ୱରବିଶ୍ୱାସୀମାନଙ୍କ ଜୀବନଶୈଳୀ ଏଥିପାଇଁ ଦାୟୀ ବୋଲି ମତ ପ୍ରକାଶ କରିଛନ୍ତି। ତଦନୁଯାୟୀ, ସେମାନଙ୍କ ମଧ୍ୟରେ ମଦ୍ୟପାନ, ଧୂମପାନ ତଥା ଅନ୍ୟାନ୍ୟ ନକାରାତ୍ମକ ଜୀବନଶୈଳୀ ଅନୁସରଣ କମ୍ ହୋଇଥାଏ। ପୁନଶ୍ଚ ସେମାନଙ୍କ ମାନସିକଚାପ ମଧ୍ୟ କମ୍।

ଏହା ଉପରେ ଗଭୀରଭାବେ ଅନୁଧ୍ୟାନ କରିଥିବା ଅନ୍ୟତମ ମନସ୍ତତ୍ତ୍ୱବିତ୍ ହେଲେ ଆମେରିକାର କେନେଥ୍ ପାରଗାମେଣ୍ଟ। ସେ ୨୦୧୩ ଫେବୃୟାରୀ ସଂଖ୍ୟା ''ୱାର୍ଲଡ୍ ସାଇକିଆଟ୍ରି''ରେ ପ୍ରକାଶ କରିଛନ୍ତି ତାଙ୍କ



ବିସ୍ତୃତ ଅଧ୍ୟୟନର ଫଳାଫଳ। ତଦନୁଯାୟୀ, ଈଶ୍ୱରବିଶ୍ୱାସୀମାନଙ୍କ କ୍ଷେତ୍ରରେ କେବଳ ମାନସିକ ଚାପ କମ୍ ରହେ ନାହିଁ, ସେଥିସହିତ ରକ୍ତଚାପ ନିୟନ୍ତ୍ରିତ ରହିବା ଫଳରେ ହୃଦ୍‌ରୋଗର ସମ୍ଭାବନା ମଧ୍ୟ ହ୍ରାସ ପାଏ। ସୂଚନାଯୋଗ୍ୟ ଯେ, ୧୯୯୯ରେ ଆମେରିକାରେ ହୋଇଥିବା ସର୍ବେକ୍ଷଣରୁ ଜଣାପଡ଼ିଥିଲା ଯେ ନିୟମିତ ଚର୍ଚ୍ଚ ଯାଉଥିବା ଲୋକେ ଅଧିକ ସୁସ୍ଥ ଏବଂ ସେମାନଙ୍କ ବଞ୍ଚି ରହିବାର ସମ୍ଭାବନା ୮୩ ବର୍ଷ ହେଲା ବେଳେ ସେଠାକୁ ନ ଯାଉଥିବା ଲୋକଙ୍କର ତାହା ୭୫ ବର୍ଷ।

ଇସ୍ରାଏଲରେ ଦୀର୍ଘ ୧୬ ବର୍ଷରୁ ଅଧିକ କାଳ ଧରି ଈଶ୍ୱର ବିଶ୍ୱାସୀ ଏବଂ ହେତୁବାଦୀଙ୍କ ଉପରେ ଅଧ୍ୟୟନ କରିଥିଲେ ଜେ.ଡି. କାର୍କ ଏବଂ ତାଙ୍କ ସହଯୋଗୀମାନେ। ଏଥିରେ ପ୍ରାୟ ୪୦୦୦ ଲୋକଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। 'ଦ ଆମେରିକାନ ଜର୍ନାଲ ଅଫ୍ ପବ୍ଲିକ ହେଲ୍‌ଥ'ର ମାର୍ଚ୍ଚ ୧୯୯୬ ସଂଖ୍ୟାରେ ପ୍ରକାଶିତ ଏହାର ଫଳାଫଳରେ ସେମାନେ ଦର୍ଶାଇଥିଲେ ଯେ ଈଶ୍ୱର ବିଶ୍ୱାସୀ ଆଧ୍ୟାତ୍ମିକ ଲୋକମାନଙ୍କ ଜୀବନଶୈଳୀ ଅଧିକ ସକାରାତ୍ମକ। ସେମାନଙ୍କ ଦୁଃଖ ସହ୍ୟ କରିବା ଶକ୍ତି ଅଧିକ ଏବଂ ସେମାନେ କମ୍ ମାନସିକ ଚାପଗ୍ରସ୍ତ। ଅପରପକ୍ଷରେ, ରୋଗୀମାନଙ୍କ ମଧ୍ୟରେ ଈଶ୍ୱର ବିଶ୍ୱାସୀ ହୋଇଥିଲେ ମଧ୍ୟ ଈଶ୍ୱର ତାଙ୍କୁ ଦଣ୍ଡ ସ୍ୱରୂପ ରୋଗ ଦେଇଛନ୍ତି ବୋଲି ବିଶ୍ୱାସ କରୁଥିବା ଲୋକଙ୍କର ସେଥିଜନିତ ମୃତ୍ୟୁ ହୋଇ ୧୯ରୁ ୨୮ ଶତାଂଶ ଅଧିକ ବୋଲି ଅନ୍ୟ ଏକ ଅଧ୍ୟୟନରୁ ସୂଚନା ଦେଇଛନ୍ତି। ପାରଗାମେଣ୍ଟ ଓ ତାଙ୍କ ସହକର୍ମୀମାନେ (୨୦୦୧) ପୁନଶ୍ଚ ସେମାନଙ୍କ ମତରେ ପ୍ରାର୍ଥନା ସିଜୋଫ୍ରେନିଆ ସମେତ ବିବିଧ ମାନସିକ ବିକୃତର ଉପଶମ ଘଟାଇଥାଏ ସତ ହେଲେ ଅନ୍ୟକୁ ରୋଗମୁକ୍ତ କରିବା ଲାଗି ଏହା କରିବା ବିଶେଷ ଫଳପ୍ରଦ ନୁହେଁ।

ସୁସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ ଉପରେ ଈଶ୍ୱର ବିଶ୍ୱାସର ଏପ୍ରକାର ପ୍ରଭାବକୁ 'ପ୍ଲାସେବୋପ୍ରଭାବ' ସହିତ ତୁଳନା କରାଯାଇପାରେ ବୋଲି ମତ ଦେଇଛନ୍ତି ଚାଇନାର କେତେଜଣ ମନସ୍ତତ୍ତ୍ୱବିତ୍। ଏହା ଏକ ଲାଟିନ ଶବ୍ଦ, ଯାହାର ଅର୍ଥ ହେଲା 'ଆଇ ସାଲ ପ୍ଲିଜ୍' ଅର୍ଥାତ୍ 'ମୁଁ ତୁମକୁ ଖୁସି କରିବି'। ଏହାକୁ ମନ ଭୁଲାଣିଆ ବା କୂଟ ଚିକିତ୍ସା ବୋଲି ମଧ୍ୟ କୁହାଯାଏ। କାରଣ, ସାଧାରଣତଃ ଏଥିରେ ବ୍ୟବହୃତ ଔଷଧ ହେଲା ଔଷଧୀୟ ଗୁଣ ନ ଥିବା ବଟିକା ବା ଇଞ୍ଜେକ୍ସନ। ବେଳେ ବେଳେ ମିଛି ମିଛିକା ଅସ୍ତ୍ର ଚିକିତ୍ସାକୁ ମଧ୍ୟ ଏହାର ଅନ୍ତର୍ଭୁକ୍ତ କରାଯାଏ। ରୋଗ ଉପରେ ଏହାର ସିଧାସଳଖ ପ୍ରଭାବ କିଛି ନ ଥାଏ। ଏଣୁ ଏ ଚିକିତ୍ସାରେ ରୋଗୀଙ୍କୁ ଠକାଯାଏ ବୋଲି କହିଲେ ଚଳିବ। ତେବେ, ଏହାଦ୍ୱାରା ରୋଗ ଭଲ ହୋଇଯିବାର ବିଶ୍ୱାସ ତା' ଠାରେ ଆସେ। ତେଣୁ ତା'ର ମନର ବଳ ବଢ଼ିଯାଏ। ଶାରୀରିକ କ୍ରିୟାପ୍ରକ୍ରିୟା ଉପରେ ଏଭଳି ମନୋଭାବର ସକାରାତ୍ମକ ପ୍ରଭାବ ରହିଛି। ସେଇଥିପାଇଁ ଅଧିକାଂଶ ସମୟରେ ରୋଗୀ ସୁସ୍ଥ ଅନୁଭବ କରେ। ଉପରୋକ୍ତ ବୈଜ୍ଞାନିକମାନଙ୍କ ମତରେ ସମ୍ଭବତଃ ଈଶ୍ୱର ବିଶ୍ୱାସର ଆମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ ଉପରେ ଅନୁରୂପ ପ୍ରଭାବ ରହିଛି। ଏସବୁ କଥା ବିଚାରକୁ ନେଲେ ଗୋଟିଏ କଥା ସ୍ୱଷ୍ଟ ହୋଇଥାଏ ଯେ ଈଶ୍ୱର ଆମ ସାଧାରଣ ମଣିଷ ପାଇଁ ଏକାନ୍ତ ଆବଶ୍ୟକ।

ଉଷାନିବାସ, ୧୨୪/୨୪୪୫
ଖଣ୍ଡଗିରିବିହାର, ଭୁବନେଶ୍ୱର,
ମୋ:୯୯୩୭ ୩୦୧୪୬୦

## ଏଇ ଭାରତରେ

ପ୍ରାଣୀ ଉଦ୍ଧାରରେ ସମର୍ପିତ ଜୀବନଟିଏ ହେଉଛନ୍ତି ପ୍ରିୟା ଅଗ୍ରୱାଲା ହିଙ୍ଗର। ସେ ରହୁଛନ୍ତି ମୁମ୍ବାଇରେ। ସହରର ବିଭିନ୍ନ ସ୍ଥାନରେ ନିର୍ଯାତିତ ବୁଲା ପ୍ରାଣୀମାନଙ୍କୁ ଉଦ୍ଧାର କରି ସେମାନଙ୍କୁ ଆଶ୍ରୟ ଦେଉଛନ୍ତି। ସେ ଏହି କାର୍ଯ୍ୟକୁ 'ୟୋଦା' ଏନ୍‌ଜିଓ ମାଧ୍ୟମରେ ସଞ୍ଚାଳନ କରୁଛନ୍ତି। ପ୍ରିୟାଙ୍କୁ ଯେତେବେଳେ ୧୬ ବର୍ଷ ବୟସ ହୋଇଥିଲା ସେତେବେଳେ ସେ ଏହି ସଂସ୍ଥା ଗଠନ କରିଥିଲେ। ଏବେ ତାହା ଏକ ବୃହତ୍ ସଂସ୍ଥା ପାଲଟିଯାଇଛି। ପ୍ରାଣୀମାନଙ୍କୁ ଉଦ୍ଧାର କରିବା, ସେମାନଙ୍କୁ ଚିକିତ୍ସା କରି ଆଶ୍ରୟସ୍ଥଳୀରେ ରଖିବା ଏବଂ ପ୍ରାଣୀମାନଙ୍କ ଜନ୍ମ ନିୟନ୍ତ୍ରଣ ଭଳି କାର୍ଯ୍ୟ ଏହା ମାଧ୍ୟମରେ କରାଯାଉଛି। ୟୋଦା ମାଧ୍ୟମରେ ପ୍ରତି ମାସରେ ୩,୦୦୦ରୁ ଊର୍ଦ୍ଧ୍ୱ ପ୍ରାଣୀଙ୍କୁ ଉଦ୍ଧାର କରାଯାଉଛି। ପ୍ରତି ମାସରେ ୫୦୦ କୁକୁର ଏବଂ ବିଲେଇଙ୍କର ବନ୍ଧ୍ୟାକରଣ ମଧ୍ୟ ହେଉଛି। ଏବେ ସୁଦ୍ଧା ପ୍ରିୟା ୪,୦୦୦ ପ୍ରାଣୀଙ୍କୁ ଏକ ଆଶ୍ରୟସ୍ଥଳୀରେ ରଖିଛନ୍ତି। ସେମାନଙ୍କ ଖାଦ୍ୟ ଓ ଚିକିତ୍ସା ଖର୍ଚ୍ଚ ସେ ନିଜେ ବହନ କରୁଛନ୍ତି। ମୁମ୍ବାଇରେ ପ୍ରାଣୀମାନଙ୍କ ପାଇଁ ଦିନରାତି ଆମ୍ବୁଲାନ୍ସ ସେବା ବ୍ୟବସ୍ଥା କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨ ସେପ୍ଟେମ୍ବର ୧୯୯୮

- ଭିଲିନିୟସଠାରୁ ପ୍ରାୟ ୩ ଶହ କିଲୋମିଟର ପଶ୍ଚିମକୁ ଅବସ୍ଥିତ ପ୍ଲାଟେଲାଇ ହ୍ରଦ ମଧ୍ୟରେ ଲିଥୁଆନିଆର ଏକ ହେଲିକପ୍ଟର ଖସିପଡ଼ିବା ଫଳରେ ୧୦ ଯାତ୍ରୀଙ୍କ ମୃତ୍ୟୁ।
- ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମନୋନୟନ ବୋର୍ଡର ଅଧ୍ୟକ୍ଷ ଏନ୍. ଭିଟ୍ଟଲଙ୍କୁ ମୁଖ୍ୟ ଭିଜିଲାନ୍ସ କମିଶନର ଭାବେ ନିଯୁକ୍ତି ପ୍ରଦାନ।
- ପ୍ରତିରକ୍ଷା ଗବେଷଣା ଏବଂ ଉନ୍ନୟନ ସଙ୍ଗଠନ (ଡିଆର୍‌ଡିଓ) ପକ୍ଷରୁ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରାଯାଇ ପାରୁଥିବା କ୍ଷେପଣାସ୍ତ୍ର 'ଆକାଶ'ର ଚାନ୍ଦିପୁରସ୍ଥିତ ପରୀକ୍ଷଣ ଘାଟିରୁ ସଫଳ ପରୀକ୍ଷଣ।

## ଚିରନ୍ତନୀ

ପରମାଣୁ ସମ ମୁହିଁ
ପାଇଛି ଯେତିକି ଅଧିକାର
ତବ ଅଙ୍ଗେ, ମୋର ବୋଲି
ଯେଉଁ ସ୍ଥାନ ଅଛି କହିବାର।
(ଶୂନ୍ୟ ଚିନ୍ତା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | 9 | 6 | | | | | | |
| | | | 2 | | | | | |
| | | | 1 | | 9 | | | 4 |
| | 2 | | 9 | | | | | 8 |
| 8 | 7 | | | 1 | | | 2 | |
| | 6 | | 3 | | | | 9 | |
| | | 2 | | | | | | |
| 4 | | | | | 3 | | 6 | |
| | | 5 | | | 6 | | 4 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 7 | 4 | 8 | 2 | 9 | 3 | 1 |
| 4 | 2 | 1 | 9 | 3 | 5 | 7 | 8 | 6 |
| 9 | 3 | 8 | 7 | 6 | 1 | 5 | 4 | 2 |
| 5 | 7 | 9 | 6 | 4 | 3 | 1 | 2 | 8 |
| 8 | 6 | 4 | 2 | 1 | 9 | 3 | 7 | 5 |
| 3 | 1 | 2 | 5 | 7 | 8 | 6 | 9 | 4 |
| 2 | 8 | 6 | 1 | 9 | 7 | 4 | 5 | 3 |
| 7 | 4 | 5 | 3 | 2 | 6 | 8 | 1 | 9 |
| 1 | 9 | 3 | 8 | 5 | 4 | 2 | 6 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପେଟ୍ରୋଲ ପମ୍ପରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ନାହିଁ

ମହାଶୟ,

ସହରର ଅଧିକାଂଶ ପେଟ୍ରୋଲ ପମ୍ପରେ ରହୁନି ପର୍ଯ୍ୟାପ୍ତ ଅଗ୍ନି ନିର୍ବାପକ ଯନ୍ତ୍ର। ଯେଉଁଠି ବି ଅଛି, ତାହାର ବ୍ୟବହାର ସମୟସୀମା ବିତିଗଲାଣି। ବାଲ୍‌ଟି ଅଛି ଅଥଚ ସେଥିରେ ବାଲି ନାହିଁ। ପର୍ଯ୍ୟାପ୍ତ ଫୋମ୍ ଏକ୍ସଟିଂଗୁଇସର ବ୍ୟବସ୍ଥା ରହିଛି, ମାତ୍ର ତାହା ଅଚଳ। ସିଏନ୍‌ଜି ପମ୍ପର ଅବସ୍ଥା ତ ଆହୁରି ଖରାପ। ମାତ୍ରାଧିକ ଜ୍ୱଳନଶୀଳ ଗ୍ୟାସ ରହୁଥିଲେ ବି ସେଠାରେ ଅଗ୍ନି ସୁରକ୍ଷାକୁ ଫୁ କରିଦିଆଯାଇଛି। ଯେତିକି ପରିମାଣର ଏକ୍ସଟିଂଗୁଇସର ରହିବା କଥା ତାହାଠାରୁ ଢେର କମ୍ ରହିଛି। କଟକର ବିଭିନ୍ନ ପେଟ୍ରୋଲ ପମ୍ପ ତଥା ଫିଲିଂ ଷ୍ଟେସନରେ ଏଭଳି ତ୍ରୁଟି ଦେଖିବାକୁ ମିଳିଛି। ପେଟ୍ରୋଲ ପମ୍ପ ଆରମ୍ଭ କରିବା ବେଳେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଆଣିବା ନିହାତି ଆବଶ୍ୟକ। ପ୍ରତି ଦୁଇ ବର୍ଷରେ ତାହାକୁ ରିନ୍ୟୁ କରିବା ବାଧ୍ୟତାମୂଳକ। ତେବେ ପେଟ୍ରୋଲ ଓ ଡିଜେଲ ମିଳୁଥିବା ପମ୍ପରେ ଅଗ୍ନି ନିରାପତ୍ତା ପାଇଁ ଅଏଲ ଇଣ୍ଡଷ୍ଟ୍ରିଜ ସେଫ୍ଟି ଡାଇରେକ୍ଟୋରେଟ ରହିଛି। ଏହି ନିର୍ଦ୍ଦେଶାଳୟର ୨୨୫ ଗାଇଡ୍‌ଲାଇନ ଅନୁସାରେ, ପମ୍ପ ପାଇଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯାଏ। ଏହି ଅନୁସାରେ ପମ୍ପରେ ୫ରୁ ଅଧିକ ଅଗ୍ନି ନିର୍ବାପକ ଯନ୍ତ୍ର (ସିଓ-୨), ୫ରୁ ଅଧିକ ବାଲ୍‌ଟିରେ ଫୁଲ ହୋଇ ବାଲି, ୫ରୁ ଅଧିକ ଡ୍ରାଏ ପାଉଡର ଥିବା ଏକ୍ସଟିଂଗୁଇସର ଓ ୫ରୁ ଅଧିକ ଫୋମ ଏକ୍ସଟିଂଗ୍ୟୁସର ରଖାଯିବ। ସେହିପରି ସିଏନ୍‌ଜି ବିକ୍ରି ହେଉଥିବା ପମ୍ପ ପାଇଁ ଗ୍ୟାସ ସିଲିଣ୍ଡର ରୁଲ୍ ୨୦୧୬ ରହିଛି। ଏହି ରୁଲ୍ ଅନୁସାରେ (ସିଓ-୨) ଯନ୍ତ୍ର, ବାଲି ବାଲ୍‌ଟି ଓ କେମିକାଲ ପାଉଡର ଏକ୍ସଟିଂଗୁଇସର ରହିବ। ଏଠାରେ ଫୋମ ବ୍ୟବହାର କରାଯିବ ନାହିଁ। ଯଦିଓ ପେଟ୍ରୋଲ ପମ୍ପରେ ସୁରକ୍ଷା ଯାଞ୍ଚ ପାଇଁ କେନ୍ଦ୍ର ସରକାରଙ୍କ ପେଟ୍ରୋଲିଅମ ଆଣ୍ଡ ଏକ୍ସପ୍ଲୋସିଭ ସେଫ୍ଟି ଅର୍ଗାନାଇଜେଶନ ରହିଛି, ତଥାପି ସ୍ଥାନୀୟ ଯାଞ୍ଚ ଅନୁଷ୍ଠାନ ଭାବେ ଅଗ୍ନିଶମ ବିଭାଗ ଏହାକୁ ତଦାରଖ କରୁନି।

-ଗଙ୍ଗାଧର ସାମଲ, ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମେଣ୍ଡାଟାଲ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳିତ

ନୂଆପଡ଼ା,(ମକାରୁ ବେମାଲ): ନୂଆପଡା ଜିଲା କୋମନା ବ୍ଲକ ଲଖନା ପଞ୍ଚାୟତ ମେଣ୍ଡାଟାଲ ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କେମ ଦାସଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କୁ ନେଇ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ସ୍ୱଚ୍ଛତା ଉପରେ ଲୋକଙ୍କୁ ବୁଝାଇଥିଲେ। ଠିକପାଲି ସିଆରସିସି ସନ୍ତୋଷ କୁମାର ବାଗ ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଯଶୋବନ୍ତି ବାଗଙ୍କ ସମେତ ଗ୍ରାମବାସୀ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଚାଷୀଙ୍କ ପ୍ରଥମ ଉତ୍ପାଦନ ଗୁରୁଜି ଶସ୍ୟର କୁଣ୍ଡା (ଚୂନା) ଉପସ୍ଥିତ ସମସ୍ତଙ୍କୁ ଖାଇବା ପାଇଁ ଦିଆଯାଇଥିଲା।

# ‘ଶିକ୍ଷକ ଶ୍ରେଣୀ କୋଠରିରେ ଆବଦ୍ଧ ହୁଏ ନାହିଁ’

## ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ତୃତୀୟ ପ୍ରତିଷ୍ଠା ଦିବସ

ବଲାଙ୍ଗୀର,୧।୯
(ବୀରେନ୍ଦ୍ର କୁମାର ଝାଙ୍କର)



ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ତୃତୀୟ ପ୍ରତିଷ୍ଠା ଦିବସ ସମାରୋହରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ତୃତୀୟ ପ୍ରତିଷ୍ଠା ଦିବସ ସମାରୋହ ଶୁକ୍ରବାର କଲେଜ କ୍ୟାମ୍ପସସ୍ଥିତ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ଉମାବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିଷ୍ଠା ଦିବସ ସମାରୋହରେ ବିଶିଷ୍ଟ ଶିକ୍ଷାବିତ୍ ଏବଂ ଅତିବଡୀ ଜଗନ୍ନାଥ ଦାସ ପୁରସ୍କାରପ୍ରାପ୍ତ ପ୍ରଫେସର ଡ. ମଧୁସୁଦନ ପତି ଏବଂ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ସଚିବ ଅରବିନ୍ଦ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାମଞ୍ଚରେ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ ଚେୟାରମ୍ୟାନ ରାଜକିଶୋର ପାତ୍ର ଏବଂ ରେଜିଷ୍ଟ୍ରର ଯୁଧିଷ୍ଠିର ନାୟକ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ଏବଂ ବେଦ ପାଠ କରାଯିବା ପରେ ଅଧ୍ୟାପକ ଡ. ପ୍ରତାପ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ରେଜିଷ୍ଟ୍ରର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। କୁଳପତି ପ୍ରଫେସର ମହାପାତ୍ର ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଆଗାମୀ ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ଏହି ଶିକ୍ଷାନୁଷ୍ଠାନର ପରିକଳ୍ପନା ଏବଂ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷା ଏକ ସମାପ୍ତି ବିହୀନ ପ୍ରକ୍ରିୟା ବୋଲି କହିବା ସହ ଶିକ୍ଷକ କେବେ ବି ଶ୍ରେଣୀ କୋଠରୀ ଭିତରେ ଆବଦ୍ଧ ହୋଇପାରିବ ନାହିଁ ବୋଲି କହିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କେବଳ ବଲାଙ୍ଗୀର ପାଇଁ ନୁହେଁ ଏହା ଏହି ଅଞ୍ଚଳର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ। ଯେଉଁଠି ଶିକ୍ଷାଦାନ ସହ ସାମାଜିକ ଉନ୍ନତି ଏବଂ ସାଂସ୍କୃତିକ ବିକାଶର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦିତ ହେବାର ଲକ୍ଷ୍ୟ ରଖାଯାଇଛି ବୋଲି କହିଥିଲେ। ଶିକ୍ଷା ପାଇଁ ଏକ ସାଂସ୍କୃତିକ ବାତାବରଣର ଆବଶ୍ୟକତା ରହିଛି। ଏହା ପ୍ରଦାନ କରିବାରେ କଲେଜର ଶିକ୍ଷକଙ୍କ ସହ ନାଗରିକ ସମାଜର ଏକ ବଡ ଭୂମିକା ରହିଛି ବୋଲି ସେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଉଚ୍ଚଶିକ୍ଷା ସଚିବ ଅଗ୍ରୱାଲ ତାଙ୍କ ବକ୍ତବ୍ୟରେ ଉଚ୍ଚଶିକ୍ଷା ବିଭାଗକୁ ସମ୍ପ୍ରତି ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରିଥିବା କହିଥିଲେ। ଏବେ ରାଜ୍ୟର ୧୭ଟି ବିଶ୍ୱବିଦ୍ୟାଳୟ ସମ୍ପର୍କରେ ସୂଚନା ଦେବା ସହ ନବଗଠିତ ଓଡିଆ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ସୂଚନା ଦେଇଥିଲେ। ଉଚ୍ଚଶିକ୍ଷାନୁଷ୍ଠାନଗୁଡିକୁ ରାଜ୍ୟ ସରକାର ଉତ୍କର୍ଷର କେନ୍ଦ୍ର ଗଢ଼ିବା ପାଇଁ ଯେଉଁ ଯୋଜନା ଏବଂ ଖସଡା ପ୍ରସ୍ତୁତ କରିଛନ୍ତି ତାର ଫାଇଦା ଉଠାଇବା ପାଇଁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଆଗେଇ ଆସୁ ବୋଲି କହିଥିଲେ। ରାଜ୍ୟ ସରକାର ଗବେଷଣା ଏବଂ ଛାତ୍ର ବୃତ୍ତି ଦିଗରେ ନେଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। କୁଳପତି ପ୍ରଫେସର ମହାପାତ୍ର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ସୂଚନା ଦେଇ ଏହାର ଉନ୍ନତି ଦିଗରେ ପଦକ୍ଷେପ ନେବାକୁ ସଚିବ ଅଗ୍ରୱାଲଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଯୁବ ସାହିତ୍ୟିକ ଡ. ଦିଲୀପ ବେହେରାଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ଅବସରରେ ଗାଳ୍ପିକା ଗାୟତ୍ରୀ ସରାଫ୍ ନିଜ ଅଭିମତ ରଖିଥିଲେ। ସଭା ଶେଷରେ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ. ଅକ୍ଷୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଛାତ୍ର ସାଇ ବିନାୟକ ମିଶ୍ର ଏବଂ ଛାତ୍ରୀ ପ୍ରିୟା ମିଶ୍ର ସଂଯୋଜନା କରିଥିଲେ। ଛାତ୍ରୀ ଶିବାଶ୍ରୀ ସାହୁ, ସ୍ୱରୂପା ସିଂ ଓ ପ୍ରିୟା ମିଶ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଭାରେ ବରିଷ୍ଠ ଶିକ୍ଷାବିତ୍ ପ୍ରାଣବନ୍ଧୁ ନାୟକ, ନାଗରିକ କମିଟି ସଦସ୍ୟ ବେଲାର ସିଂ ଭୋଇ, ମନୋରଞ୍ଜନ ସାହୁ, ଗୋପାଳ ନାୟକ, ଆଲୁମନି ଆସୋସିଏସନ୍‌ର ପ୍ରଭାସ ପାଣିଗ୍ରାହୀ, ପୂର୍ବତନ କଲେଜ ଅଧ୍ୟକ୍ଷ ଡ ଅଭିମନ୍ୟୁ ମିଶ୍ର, ସତ୍ୟବନ୍ତ ବେଦବାକ୍, ପୂର୍ବତନ ରେଜିଷ୍ଟ୍ରର ଦୁର୍ଗା ପ୍ରସନ୍ନ ମହାପାତ୍ର, ଡ ଯଦୁନାଥ ମହାପାତ୍ର, ଜୟକୁମାର ଆଚାର୍ଯ୍ୟ, ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ, ଛାତ୍ରୀଛାତ୍ର ଓ ଆମନ୍ତ୍ରିତ ସଦନ୍ୟ ଉପସ୍ଥିତ ଥିଲେ।

## ବିଧାୟକ ପାଣ୍ଠିରୁ କାର୍ଯ୍ୟାଦେଶ ବଣ୍ଟନ


କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

ମୁରିବାହାଲ,୧।୯(ଶ୍ରୀବସ୍ତ ବେହେରା)

ଶୁକ୍ରବାର ଦିନ ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ କାର୍ଯ୍ୟାଳୟଠାରେ ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଉପସ୍ଥିତ ରହି କାର୍ଯ୍ୟାଦେଶ ବଣ୍ଟନ କରିବା ସହ ଯଥାଶୀଘ୍ର କାର୍ଯ୍ୟ ଠିକ ଭାବରେ କରିବାକୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟାଦେଶ ବଣ୍ଟନ ଅବସରରେ ବିଡିଓ ପୂର୍ଣ୍ଣାନନ୍ଦ ପଟେଲ, ଏଇଇ ଅବିନାଶ ମୋଦି, ରମେଶଚନ୍ଦ୍ର ଛୁରା, ଯୁବନେତା ଅମିତ ସିଂ ସାଲୁଜା, ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରଫୁଲ୍ଲ କୁମାର ବଘାର, ପୂର୍ବତନ ଜିଲା ପରିଷଦ ସଭ୍ୟ ବେଲାରସେନ ବେହେରା, ବିଭିଷଣ ମହାନନ୍ଦ, ଯଦୁପତି ଅଗସ୍ତି, ଗିରିଧାରୀ ସାହୁ, ଜିତେନ ହାତୀ, ବିଦ୍ୟାଧର ହାତୀ, ବିଜୟ ପାତ୍ର, ବୁଲୁ କୁମ୍ଭାର, ବୁଲୁ ବିଶି, ଶେଷଦେବ ପୁଟେଲ, ଦେବରାଜ ପାତ୍ର, ଚିନ୍ତାମଣି ବେହେରା, ସଦାନନ୍ଦ ଦୀପ, ତ୍ରିନାଥ ରାଓ, ଆନନ୍ଦ ତାଣ୍ଡି, ଯଦୁ ତାଣ୍ଡି, ତେଜରାଜ ଲୁହା, ଉମେଶ ସିଂ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଞ୍ଚଳର ବେଲପଦର ପଞ୍ଚାୟତ ସିରୋଲ ଗ୍ରାମର ମାଲି ସମାଜ କମ୍ୟୁନିଟି ଗୃହ ପାଇଁ ୨ ଲକ୍ଷ ଟଙ୍କା, ଗୋଇମୁଣ୍ଡ ପଞ୍ଚାୟତର ଚିତ୍ରାମୁଣ୍ଡା ଗ୍ରାମର ମାଉଳି ମନ୍ଦିର ପାଇଁ ୧ ଲକ୍ଷ ଟଙ୍କା, ବାଙ୍କେଲ ପଞ୍ଚାୟତ ପୁଟୁଲି ଗ୍ରାମର ପ୍ରହରି ମଣ୍ଡପ ପାଇଁ ୧ ଲକ୍ଷ ଟଙ୍କା, ବାଙ୍କେଲ ଗ୍ରାମର ଆମ୍ବେଡକର କ୍ଲବ ଗୃହ ପାଇଁ ୧ ଲକ୍ଷ ଟଙ୍କା, ସିରୋଲ ଗ୍ରାମର ଶିବ ମନ୍ଦିରକୁ ରାସ୍ତା ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କାକୁ ମିଶାଇ ସମୁଦାୟ ୮ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ବିଧାୟକ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆନ୍ତଃଜିଲା ଡକାୟତ ଶିବ ସରଭଙ୍ଗ ଗିରଫ

ବଲାଙ୍ଗୀର,୧।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ଥାନା ପୋଲିସ ରାହାଜାନୀ ମାମଲାରେ ସମ୍ପୃକ୍ତ ଆନ୍ତଃଜିଲା ଡକାୟତ ଶିବ ସରଭଙ୍ଗ (୩୭)ଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି । ସୋନପୁର ଜିଲା ତରଭା ଥାନା ଅନ୍ତର୍ଗତ ଚାର୍ନିଆପାଲି ଗ୍ରାମରେ ତାଙ୍କୁ ଗିରଫ କରାଯାଇଥିଲା। ଗତ ମାର୍ଚ୍ଚ ୧୭ ତାରିଖ ଦିନ ମଙ୍ଗଲାମୁଣ୍ଡା ଗ୍ରାମ ନିକଟରେ ଶିବ ଏବଂ ତାଙ୍କ ସହଯୋଗୀମାନେ ମାଇକ୍ରୋ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କ ଠାରୁ ୮୦ ହଜାର ଟଙ୍କା, ଗୋଟିଏ ଟେବ୍‌ଲେଟ୍, ଗୋଟିଏ ବୟୋମେଟ୍ରିକ ସ୍କାନର ଏବଂ ଦୁଇ ଗୋଟି ମୋବାଇଲ ଫୋନ ଲୁଟି ନେଇଥିଲେ । ଲୁଟ ହୋଇଥିବା ଟେବଲେଟ ଶୁକ୍ରବାର ତାଙ୍କ ଠାରୁ ଜବତ କରାଯାଇଛି। ଶିବ ବଲାଙ୍ଗୀର ଜିଲା ତଥା ଆଖପାଖ ଜିଲାରେ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ରାହାଜାନୀ କେସରେ ସମ୍ପୃକ୍ତ ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### କଣ୍ଠଶିଳ୍ପୀ ଜିତେନ୍ଦ୍ର କୁମ୍ଭାରଙ୍କ ପରଲୋକ

ବଲାଙ୍ଗୀର,୧।୯(ବୀରେନ୍ଦ୍ର କୁମାର ଝାଙ୍କର)

ପଶ୍ଚିମ ଓଡିଶାର ଜଣାଶୁଣା କଣ୍ଠଶିଳ୍ପୀ ଭାବେ ପରିଚିତ ବଲାଙ୍ଗୀରର ଜିତେନ୍ଦ୍ର କୁମ୍ଭାର (୫୦)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ବିଳମ୍ବିତ ରାତିରେ ବଲାଙ୍ଗୀର ସହର ହାତୀପଡାସ୍ଥିତ ତାଙ୍କ ବାସଭବନରେ ତାଙ୍କର ହୃଦ୍‌ଘାତ ହେବା ପରେ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ସକାଳେ ତାଙ୍କ ପରଲୋକ ଖବର



ପ୍ରଚାରିତ ହେବା ପରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ସଙ୍ଗୀତ ନିର୍ଦ୍ଦେଶକ ବ୍ୟାସଦେବ ପୁରୋହିତ, ଗୋପାଳ ପ୍ରଧାନ, ସାମାଜିକ କର୍ମୀ ପ୍ରସନ୍ନ ମିଶ୍ର, ନିହାଲ ସିଂ, ହାସ୍ୟାଭିନେତା ବିନ୍ଧୁ, ନାଟ୍ୟ ନିର୍ଦ୍ଦେଶକ ପ୍ରଶାନ୍ତ ଖମାରୀ, ଶାନ୍ତନୁ ବାରିକ, ବିନୋଦ କାଲସାଏ, ଉଗ୍ରସେନ ଷଡଙ୍ଗୀ, ପ୍ରହ୍ଲାଦ ଦର୍ଜୀ, ଅର୍ଜୁନ ମୁଗ୍ରୀ, ବ୍ରହ୍ମାନନ୍ଦ ବନ୍‌ଛୋର, ବିଜୟ ତ୍ରିପାଠୀ, କବି ମଧୁସୂଦନ ନାଏକ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ କଣ୍ଠଶିଳ୍ପୀ କୁମ୍ଭାର ଝରନ୍ ଚଳଚ୍ଚିତ୍ର ସହ ବହୁ ଲୋକପ୍ରିୟ ଅଡିଓ କ୍ୟାସେଟ୍‌ରେ ଗୀତ ଗାଇ ଚର୍ଚ୍ଚିତ ହୋଇଥିଲେ। ତାଙ୍କର ସ୍ତ୍ରୀ, ଦୁଇ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ହାତୀପଡାସ୍ଥିତ ତାଙ୍କ ଘରକୁ ମୃତଶରୀର ଅଣାଯିବା ପରେ ଶେଷ ଦର୍ଶନ ପାଇଁ ରଖାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶୁକ୍ରବାର ଅପରାହ୍ଣରେ ତାଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି।

## ଖୁଜେନ୍‌ପାଲି ମଦଭାଟିରୁ କର୍ମଚାରୀଙ୍କୁ ଘଉଡାଇଲେ ଗ୍ରାମବାସୀ


ବଲାଙ୍ଗୀର ଖୁଜେନପାଲିଠାରେ ମହିଳା ଓ ପୁରୁଷମାନେ ଶୁକ୍ରବାର ମଦଭାଟି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବଲାଙ୍ଗୀର ଅଫିସ,୧।୯
(ବୀରେନ୍ଦ୍ର କୁମାର ଝାଙ୍କର)

**ତେଜିଲା ମଦଭାଟି ବିରୋଧ ଅଭିଯାନ**

ବଲାଙ୍ଗୀର ସହର ସନ୍ନିକଟ ଖୁଜେନପାଲି ଗାଁର କାଲସେଇପାଲି ଛକ ନିକଟରେ ଖୋଲାଯାଇଥିବା ନୂଆ ମଦଭାଟିକୁ ଗୁରୁବାର ଜୋରଦାର ବିରୋଧ କରି ମହିଳା ଏବଂ ପୁରୁଷମାନେ ମଦ ପାଉଚ୍ ରାସ୍ତାକୁ ଫିଙ୍ଗି ନଷ୍ଟ କରି ଦେଇଥିଲେ। ମଦଭାଟି ଭିତରେ ଭଙ୍ଗାରୁଜା କରିଥିଲେ। ଶୁକ୍ରବାର ଉକ୍ତ ମଦଭାଟିକୁ କର୍ମଚାରୀମାନେ ଆସିଛନ୍ତି ବୋଲି ଖବର ପାଇବା ପରେ ପୁଣି ଥରେ ଶତାଧିକ ମହିଳା ଏବଂ ପୁରୁଷ ରାସ୍ତା ଉପରେ ବିକ୍ଷୋଭ ପ୍ରଦର୍ଶନ କରି ତୁରନ୍ତ ମଦଭାଟି ଖାଲି କରିବାକୁ ଚେତାବନୀ ଦେଇଥିଲେ। ସରପଞ୍ଚ ରଞ୍ଜିତା ପାଣିଗ୍ରାହୀଙ୍କ ଉପସ୍ଥିତିରେ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ସଦସ୍ୟା ଏବଂ ଗ୍ରାମବାସୀ ଅପରାହ୍ଣ ପ୍ରାୟ ୩ଟାରେ ମଦଭାଟି ସମ୍ମୁଖ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗ୍ରାମବାସୀଙ୍କ ବିନା ସମ୍ମତିରେ ଏଠାରେ କିଭଳି ଭାଟି ଖୋଲିବାକୁ ଜିଲାପାଳ ଅନୁମତି ଦେଲେ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏଠାରେ ମଦଭାଟି ଆରମ୍ଭ ହେଲେ ମଦ୍ୟପଙ୍କ ଉତ୍ପାତ ବଢ଼ିବା ସହ ଲୋକେ ଯିବା ଆସିବା ସମୟରେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ମହିଳାମାନେ କହିଛନ୍ତି। ବିଶେଷ କରି ଛାତ୍ରୀଛାତ୍ର ଏବଂ ମହିଳାମାନେ ଏହି ରାସ୍ତାରେ ଆଉ ଯିବା ଆସିବା କରିପାରିବେ ନାହିଁ ବୋଲି କହିଥିଲେ। ତୁରନ୍ତ ଏହି ମଦଭାଟିକୁ ସବୁଦିନ ପାଇଁ ବନ୍ଦ କରିବାକୁ ଦାବି କରିଥିଲେ। ସରପଞ୍ଚ ପାଣିଗ୍ରାହୀ କହିଛନ୍ତି ଯେ, ଲୋକଙ୍କ ଦାବି ହେଉଛି ଏଠାରୁ ମଦଭାଟି ଉଠାଯାଉ। ପ୍ରଶାସନ ଲୋକଙ୍କ କଥାକୁ ଗୁରୁତ୍ୱ ଦେଉ। ଲୋକଙ୍କ ଦାବି ପୂରଣ ନହେଲେ ସେମାନେ ବାଧହୋଇ ବଡଧରଣର ଆନ୍ଦୋଳନ କରିବେ ବୋଲି କହିଥିଲେ। ମିଥିଳା ନନ୍ଦ କହିଥିଲେ ଯେ, ଲୋକଙ୍କୁ ଅସୁବିଧାରେ ପକାଇବା ପାଇଁ ଏଠାରେ ମଦଭାଟି ଖୋଲାଯାଉଛି। ବାସ୍ତବରେ ସରକାର ଯଦି କିଛି ଖୋଲିବାକୁ ଚାହୁଁଛନ୍ତି ତେବେ ଶିଳ୍ପ ପ୍ରତିଷ୍ଠା କରି ବେକାର ଯୁବତୀ, ଯୁବକଙ୍କୁ ନିଯୁକ୍ତି ଦିଅନ୍ତୁ ବୋଲି କହିଥିଲେ। ଭାଟି ଭିତରେ ଥିବା କର୍ମଚାରୀଙ୍କୁ ବାହାରକୁ ଡାକି ତୁରନ୍ତ ଭାଟି ଛାଡି ଚାଲିଯିବାକୁ ଏସଏସଜି ସଦସ୍ୟାମାନେ କହିଥିଲେ। ଲୋକେ ବିରୋଧ କଲା ବେଳେ ସଦର ଥାନା ପୋଲିସ ପହଞ୍ଚିଥିଲେ। ଗୁରୁବାର ମଦଭାଟି ଖୋଲିବା ପରେ ଶତାଧିକ ମହିଳା ମଦଭାଟିକୁ ଧସେଇ ପଶି ଭଙ୍ଗାରୁଜା କରିବା ସହ ସେଠାରେ ରଖାଯାଇଥିବା ଶତାଧିକ ମଦ ପାଉଚ୍‌କୁ ଉଠାଇ ଆଣି ରାସ୍ତା ଉପରକୁ ଫିଙ୍ଗି ଦେଇଥିଲେ। ଭାଟି ଭିତରେ ଭଙ୍ଗାରୁଜା କରିବା ସହ ମାଡପିଟ୍ ହୋଇଥିବା ବି ଅଭିଯୋଗ ହୋଇଛି।

## ଡୁଡୁକା ବ୍ଲକ ମୁଖ୍ୟାଳୟ ରାସ୍ତା ଶୋଚନୀୟ

ଲୋଇସିଂହା, ୧।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସାଲେଭାଟରୁ ବ୍ଲକ ମୁଖ୍ୟାଳୟ ଡୁଡୁକା ରାସ୍ତା ଶୋଚନୀୟ ହୋଇପଡିଛି। ପ୍ରାୟ ୬ କିମି ରାସ୍ତା ଛୋଟବଡ ଖାଲଖମାରେ ଭର୍ତ୍ତି ହୋଇ ଯାତାୟାତ ଅନୁପୋଯୋଗୀ ହୋଇପଡିଛି। ଫଳରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୬ କିମି ରାସ୍ତା ପାରି ହେବା ପାଇଁ ଅଧଘଣ୍ଟା ସମୟ ଲାଗୁଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥରୁ ସାଲେଭଟାରୁ ଡୁଡୁକାକୁ ଆରଡି ରାସ୍ତା ସଂଯୋଗୀକରଣ ହୋଇଛି। ଆଗଲପୁରରୁ ଫାସଡ ପର୍ଯ୍ୟନ୍ତ ରାସ୍ତା ମରାମତି କରାଯାଇଛି। ହେଲେ ଫାସଡରୁ ସାଲେଭଟା ପର୍ଯ୍ୟନ୍ତ ରାସ୍ତା ମରାମତି କରାଯାଇନାହିଁ । ଫଳରେ ଉକ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟି ହୋଇଛି । ଏହି ରାସ୍ତା ଦେଇ ବ୍ଲକ, ତହସିଲ, ଡାକ୍ତରଖାନା, ବ୍ୟାଙ୍କ, ଆଦର୍ଶ ବିଦ୍ୟାଳୟ ସମେତ ସ୍କୁଲ, କଲେଜ ଯିବା ଆସିବା ବେଳେ ହଟହଟା ହେବାକୁ ପଡୁଛି । ପ୍ରକାଶ ଥାଉ କି, କୁଟାସିଂହାରୁ ଡୁଡୁକା ଭାୟା ଦେଇ ଆଗଲପୁରକୁ ନୂତନ ରାସ୍ତା ନିର୍ମାଣ ହେବ । ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ସରିଯାଇଛି । ହେଲେ କାମ ତ୍ୱରାନ୍ୱିତ କରାଯାଇନାହିଁ । ତେଣୁ ଯଥାଶୀଘ୍ର ଏହି ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

## ନିଯୁକ୍ତି ଦାବିରେ କଲେଜରେ ତାଲା



ଆନ୍ଦୋଳନରତ ବଲାଙ୍ଗୀର ଆୟୁର୍ବେଦିକ କଲେଜ ଛାତ୍ରୀଛାତ୍ର।

ବଲାଙ୍ଗୀର,୧।୯(ବୀରେନ୍ଦ୍ର କୁମାର ଝାଙ୍କର)

- ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ
- ରାସ୍ତା କଡରେ ଚାଲିଲା ବହିର୍ବିଭାଗ ରୋଗୀ ଚିକିତ୍ସା
- ବିଧାୟକ ଡ. ମୁକେଶ ମହାଲିଙ୍ଗ ଜଣାଇଲେ ଆନ୍ଦୋଳନକୁ ସମର୍ଥନ

ଅଲ୍ ଓଡିଶା ଆୟୁଷ ଷ୍ଟୁଡେଣ୍ଟ ଆସୋସିଏଶନ ନିଷ୍ପତ୍ତି ଅନୁସାରେ ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜରେ ଡାକ୍ତରୀ ଛାତ୍ରୀଛାତ୍ରମାନେ ଆନ୍ଦୋଳନ ଜାରି ରଖିଛନ୍ତି। ଶୁକ୍ରବାର ଆନ୍ଦୋଳନକୁ ଜୋରଦାର କରିବାକୁ ଯାଇ ଡାକ୍ତରୀ ଛାତ୍ରୀଛାତ୍ରମାନେ କଲେଜ ଭିତରୁ ଅଧ୍ୟକ୍ଷ, ଅଧ୍ୟାପକ ଏବଂ ସମସ୍ତ ଷ୍ଟାଫ୍‌ଙ୍କୁ ବାହାର କରି କଲେଜ ଗେଟ୍‌ରେ ତାଲା ପକାଇ ଦେଇଥିଲେ। କଲେଜ ଗେଟ୍‌ରେ ତାଲା ମାରି ସମ୍ମୁଖରେ ଧାରଣାରେ ବସିଥିଲେ। ତେବେ ହସ୍ପିଟାଲର ବର୍ହି ଚିକିତ୍ସା ବିଭାଗ (ଓପିଡି)କୁ ଆସୁଥିବା ରୋଗୀଙ୍କ ଯେଭଳି ଅସୁବିଧା ହେବନାହିଁ ସେଥିପ୍ରତି ଛାତ୍ରୀଛାତ୍ରମାନେ ଧ୍ୟାନ ଦେଇ କଲେଜ ସମ୍ମୁଖ ରାସ୍ତାକଡରେ ରୋଗୀ ଚିକିତ୍ସା ବ୍ୟବସ୍ଥା କରିଥିଲେ। କଲେଜରେ ତାଲା ମାରି ଦେବା ପରେ ଶୁକ୍ରବାର ଠାରୁ ପାଠପଢ଼ା ସହ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ଠପ୍ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ସମ୍ପର୍କରେ ଜାଣିବା ପରେ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ କଲେଜ ସମ୍ମୁଖ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ସ୍ଥଳକୁ ଆସି ସେମାନଙ୍କୁ ସମର୍ଥନ କରିବା ସହ ସେମାନଙ୍କ ଦାବିକୁ ଆଗାମୀ ବିଧାନସଭାରେ ଉଠାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗତ ୨୫ ତାରିଖ ଠାରୁ କଲେଜ ଛାତ୍ରୀଛାତ୍ରମାନେ କଳାବ୍ୟାଜ୍ ପରିଧାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦତ୍ତ ଦାବିପତ୍ରରେ ଛାତ୍ରୀଛାତ୍ରମାନେ ସମ୍ପ୍ରତି ଓଡିଶାର ଆୟୁଷ ଡାକ୍ତରୀ ଛାତ୍ରମାନେ କିଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହା ଦର୍ଶାଇ ତୁରନ୍ତ ଦାବି ପୂରଣ ପାଇଁ ଅନୁରୋଧ କରିଛନ୍ତି। ଦାବିପତ୍ରରେ ଛାତ୍ର ସଂଘ ପକ୍ଷରୁ କୁହାଯାଇଛି ଯେ, ସରକାର ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ପାଇଁ ଏଲୋପାଥ୍ ଡାକ୍ତରଙ୍କ ଭଳି ଆୟୁଷ ଡାକ୍ତର ବା ହୋମିଓପାଥ୍ ଏବଂ ଆୟୁର୍ବେଦିକ ଡାକ୍ତରମାନଙ୍କୁ ମଧ୍ୟ ସମ ଗୁରୁତ୍ୱ ପ୍ରଦାନ କରିଥିବା ଘୋଷଣା କରୁଛନ୍ତି। ତେବେ ତୃଣମୂଳ ସ୍ତରରେ ବ୍ୟବସ୍ଥା ଦେଖିଲେ ଆୟୁଷ ଡାକ୍ତରଙ୍କୁ କିଭଳି ଉପେକ୍ଷା କରାଯାଉଛି ସ୍ପଷ୍ଟ ବାରି ହୋଇପଡୁଛି।

## ଟିକପାଲି ହତ୍ୟାକାଣ୍ଡ: ଅଭିଯୁକ୍ତ ଗିରଫ

ପାଟଣାଗଡ,୧।୯(ପ୍ରହ୍ଲାଦ ପାଢ଼ୀ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଟିକପାଲି(ୱାର୍ଡ ନମ୍ବର-୧୧)ରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଏହି ଘଟଣାରେ ପୋଲିସ ଉଆଁସୁ ପୋଢ(୩୦)ଙ୍କୁ ଗିରଫ କରିଛି। ପ୍ରକାଶ ଯେ, ଟିକପାଲି ନିବାସୀ ଝାରୁ ଧ୍ରୁବଲଙ୍କ ସାନ ପୁଅ ଜିତେନ ଧ୍ରୁବଲ (୨୦) ଓ ଉଆଁସୁ କାମ କରିବାକୁ ରାଜ୍ୟ ବାହାରକୁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ତେବେ ଦୁହେଁ ଫେରି ଆସିବା ପରେ ମଧ୍ୟ ପୂର୍ବ ରାଗ ଥମି ନ ଥିବାରୁ ଉଆଁସୁ ବିଭିନ୍ନ ସମୟରେ ଜିତେନଙ୍କୁ ହତ୍ୟା ଧମକ ଦେଉଥିଲେ। ଗୁରୁବାର ସନ୍ଧ୍ୟା ୭ଟା ସମୟରେ ଟିକପାଲି ଉପକଣ୍ଠସ୍ଥ ହୀରାସାଗର ପୋଖରୀ ନିକଟରେ ଜିତେନ ଥିବା ବେଳେ ଉଆଁସୁ ତାଙ୍କୁ ଏକ ଟାଙ୍ଗିଆରେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ଅଭିଯୁକ୍ତ ଫେରାର ଥିଲେ। ପରେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ଉଆଁସୁଙ୍କୁ ଧରିବାରେ ସଫଳ ହୋଇ ଥାନାକୁ ଆଣିଥିଲେ। ପଚରାଉଚୁରା କରିବା ପରେ ସେ ଆକ୍ରମଣ କରିଥିବା ସ୍ୱୀକାର କରିଥିଲେ। ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ୍ ଆସି ଅଧିକ ତଦନ୍ତ କରିବା ସହ ଉଆଁସୁଙ୍କୁ ଘଟଣାସ୍ଥଳକୁ ନେଇ ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ କିଭଳି ଭାବରେ ଆକ୍ରମଣ ଥିଲେ ତାହା ବଖାଣିଥିଲେ। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ପାଟଣାଗଡ ଏସଡିପିଓ ଜ୍ୟୋତିର୍ମୟ ଭୁକ୍ତା ପ୍ରକାଶ କରିଛନ୍ତି।

## ଗୋଦାମରେ ସିଟି, ଜିଏସ୍‌ଟି ଟିମ୍‌ର ଚଢ଼ାଉ

ବଲାଙ୍ଗୀର,୧।୯
(ବୀରେନ୍ଦ୍ର କୁମାର ଝାଙ୍କର)

**ନକଲି ବ୍ରାଣ୍ଡ ଗାରମେଣ୍ଟସ୍ ଜବତ ଘଟଣା**

- ଲଖାନୀ ନିଉ ଗାରମେଣ୍ଟସ୍ ଗୋଦାମ ସିଲ୍ କରିଥିଲା ପୋଲିସ

ବଲାଙ୍ଗୀର ଟାଉନ୍ ପୋଲିସ ବୁଧବାର ସହରର ଲଖାନୀ ନିଉ ଗାରମେଣ୍ଟସ୍ ଲୁଗା ଦୋକାନରେ ଚଢ଼ାଉ କରି ପ୍ରାୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ବ୍ରାଣ୍ଡର ରେଡିମେଡ ଲୁଗାପଟା ଜବତ କରି ଦୋକାନ ମାଲିକ ରାଜେଶ କୁମାର ଲଖାନୀ (୫୩)ଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଅଧିକ ତଦନ୍ତ କରି ଟାଉନ୍ ପୋଲିସ ଗୁରୁବାର ଲଖାନୀ ଗାରମେଣ୍ଟସ୍‌ର ୧୭ ଲକ୍ଷ ଟଙ୍କାର ତିନୋଟି ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିବା ସହ ଭାଲେର ଛକରେ ଥିବା ଏକ ଗୋଦାମ ଘରକୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସିଲ୍ କରିଥିଲା। ଶୁକ୍ରବାର ବଲାଙ୍ଗୀର ସିଟି ଏବଂ ଜିଏସ୍‌ଟି ଟିମ୍ ଲଖାନୀ ଗାରମେଣ୍ଟସ୍‌ର ସିଲ୍ କରାଯାଇଥିବା ଗୋଦାମ ଏବଂ ଦୋକାନରେ ପହଞ୍ଚି ତନାଘନା ଆରମ୍ଭ କରିଛି। ନକଲି ବ୍ରାଣ୍ଡର ଲୁଗାପଟାରେ ଅସଲି ବ୍ରାଣ୍ଡର ଷ୍ଟିକରିଂ ଏବଂ ଲୋଗୋ ଲଗାଇ ପ୍ରଚୁର ମୁନାଫା କମାଇବା ସହ ଗ୍ରାହକଙ୍କୁ ଠକି ଆସୁଥିବା ଜଣାପଡିବା ପରେ ବଲାଙ୍ଗୀର ସିଟି ଏବଂ ଜିଏସ୍‌ଟି ଟିମ୍ ଲଖାନୀ ଗାରମେଣ୍ଟସ୍‌ର ଟ୍ୟାକ୍ସ ଫାଙ୍କି ଦିଗକୁ ବିଶ୍ଳେଷଣ କରିଛନ୍ତି। ବଲାଙ୍ଗୀର ସିଟି ଏଣ୍ଡ ଜିଏସ୍‌ଟି ଅଫିସର ରାଜେନ୍ଦ୍ର କୁମାର ନାଏକଙ୍କ ନେତୃତ୍ୱରେ ଆଡିସନାଲ ସିଟି ଏଣ୍ଡ ଜିଏସ୍‌ଟି ଅଧିକାରୀ ଜିତେନ୍ଦ୍ର ବାଗ ଏବଂ ଆସିଷ୍ଟାଣ୍ଡ ସିଟି ଏଣ୍ଡ ଜିଏସ୍‌ଟି ଅଫିସର ସରୋଜ କୁମାର ବେହେରା ଶୁକ୍ରବାର ଅପରାହ୍ଣରେ ବଲାଙ୍ଗୀର ଗାନ୍ଧୀନଗରପଡା ଜାତୀୟ ରାଜପଥ ଅଫିସ ବାଇପାସସ୍ଥିତ ଲଖାନୀ ନିଉ ଗାରମେଣ୍ଟସ୍ ଉପରେ ଚଢ଼ାଉ କରିଥିଲେ। ଏହାପରେ ଉକ୍ତ ଗାରମେଣ୍ଟସ୍‌ର କର୍ମଚାରୀଙ୍କୁ ଧରି ଭାଲେର ଛକ ନିକଟ ଗୋଦାମ ଘରକୁ ଯାଇ ସେଠାରେ ତନାଘନା ଆରମ୍ଭ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ସିଟି ଏଣ୍ଡ ଜିଏସ୍‌ଟି ଟିମ୍ ୮ଟି ବଡ ବ୍ୟାଣ୍ଡେଲ ଲୁଗାପଟାର ତଦାରଖ କରିସାରିଛନ୍ତି। ଆହୁରି ଅନେକ ଲୁଗାପଟା ତଦାରଖ କରିବାକୁ ବାକି ଅଛି ବୋଲି କୁହାଯାଇଛି। ବଡ ବଡ କମ୍ପାନୀର ଷ୍ଟିକରିଂ ଲଗାଇ ଏହି ଲୁଗା ଦୋକାନୀ ଲୋକଙ୍କୁ ଠକୁଥିବା ନେଇ ମୁମ୍ବାଇରୁ ଆସିଥିବା ମେସର୍ସ ନେତ୍ରିକା କନ୍‌ସଲ୍‌ଟିଂ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଜଣେ ସ୍ୱୀକୃତିପ୍ରାପ୍ତ ଅଧିକାରୀ ଦୀପେଶ ଗୁପ୍ତା ବୁଧବାର ଟାଉନ୍ ଥାନାକୁ ଆସି ବ୍ରାଣ୍ଡେଡ୍ ଲୁଗାପଟା ବେପାରରେ କପିରାଇଟ୍ ଉଲ୍ଲଂଘନ କରାଯାଉଥିବା ଲିଖିତ ଭାବେ ଅଭିଯୋଗ କରିବା ପରେ ଏହି ଘଟଣା ଜଣାପଡିଥିଲା। ଏବେ ଟ୍ୟାକ୍ସ ଫାଙ୍କି ଦିଗକୁ ତଦାରଖ କରାଯାଉଛି। ପୋଲିସ ଭାଲେରସ୍ଥିତ ଗୋଦାମ ଘରଟି ସରକାରୀ ଜମିରେ ରହିଛି ନା ବ୍ୟକ୍ତିଗତ ଜମିରେ ରହିଛି ତାକୁ ତଦାରଖ କରିବା ପାଇଁ ତହସିଲ ଅଫିସକୁ ଅନୁରୋଧ କରାଯାଇଥିବା ଏସଡିପିଓ ତୋଫାନ୍ ବାଗ ସୂଚନା ଦେଇଛନ୍ତି। ଗୁରୁବାର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଏହି ଦୋକାନ ଓ ଗୋଦାମ ସିଲ୍ କରାଯାଇଥିଲା। ଲଖାନୀ ଗାରମେଣ୍ଟସ୍‌ରେ ପୋଲିସ ଏବଂ ସିଟି ଏଣ୍ଡ ଜିଏସ୍‌ଟି ବିଭାଗର ଚଢ଼ାଉ ପରେ ସହରର ଅନ୍ୟ ଲୁଗାଦୋକାନୀଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଥିବା ଜଣାପଡିଛି। ଅନେକ ଦୋକାନୀ ନିଜର ନକଲି ବ୍ରାଣ୍ଡର ଲୁଗାପଟା ଲୁଚାଇ ଦେଇଥିବା ସହରରେ ଚର୍ଚ୍ଚାର ବିଷୟ ହୋଇଛି।

**ଆମ ପୋଲିସ ସମିତି ବୈଠକ**

ବରଗଡ଼ (ପ୍ରେମାନନ୍ଦ ଖମାରୀ): ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ବରଗଡ଼ ସଦର ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଦର ଥାନା ଆଇଆଇସି ମାନସ ଭୋଇ, ଏସ୍‌ଆଇ ଏଲିକ୍ସ ଖାଲକୋ, ସମିତି ସଭ୍ୟ ଜ୍ଞାନରଞ୍ଜନ ବିଶ୍ୱାଳ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ଝରଣା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତର ସମସ୍ତ ଆଶାକର୍ମୀ, ୱାର୍ଡସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଏବଂ ଗ୍ରାମବାସୀ କାର୍ଯ୍ୟକ୍ରମରେ

## ସଂକ୍ଷେପରେ

### ବେଆଇନ ଚାଲାଣ, ଟ୍ରକ୍ ସହ ୫୦ ଗୋରୁ ଉଦ୍ଧାର

ପଦ୍ମପୁର,୧।୯(ପ୍ରଦୀପ୍ତ ଦାଶ): ବେଆଇନ ଭାବେ ଚାଲାଣ ହେଉଥିବା ଏକ ଗୋରୁ ବୋଝେଇ ଟ୍ରକ୍‌କୁ ବରଗଡ଼ ଜିଲା ପଦ୍ମପୁରରେ ଜବତ କରାଯାଇଛି। ଏହି ଟ୍ରକ୍‌ରେ ପ୍ରାୟ ୫୦ ଗୋରୁ ଥିବା ଜଣାପଡିଛି। ଏ ନେଇ ପଦ୍ମପୁର ପୋଲିସ ଏକ ମାମଲା (ନଂ.୨୪୧/୨୩) ରୁଜୁ କରି ତଦନ୍ତ କରୁଛି। ଅଭିଯୋଗକାରୀଙ୍କୁ ଉଦ୍ଧାର ହୋଇଥିବା ଗୋରୁଙ୍କ ଜିମା ଦିଆଯାଇଛି। ପ୍ରକାଶ ଯେ, ଗୁରୁବାର ରାତି ପ୍ରାୟ ୧୦ଟା ସମୟରେ ପାଇକମାଳ ପଟରୁ ଏକ ଗୋରୁ ବୋଝେଇ ଟ୍ରକ ଆସୁଥିବା ପଦ୍ମପୁରର ବଜରଙ୍ଗ ଦଳ ସଦସ୍ୟ ଖବର ପାଇଥିଲେ। ସେମାନେ ପୋଲିସର ସହାୟତା ନେବା ସହ ମେଲଛାମୁଣ୍ଡା ଓ ସୋହେଲା ଥାନା ଅଞ୍ଚଳରେ ନାକାବନ୍ଦୀ କରିଥିଲେ। ଏହି ସମୟରେ ଟ୍ରକ୍‌ଟି ଦ୍ରୁତଗତିରେ ଆସି ସୋହେଲା ପୂର୍ବରୁ ଲୋହରାଚଟି ରାସ୍ତାକୁ ଚାଲିଯାଇଥିଲା। ବଜରଙ୍ଗ ଦଳର ସଦସ୍ୟମାନେ ଟ୍ରକ୍‌ର ପିଛା କରି ତାକୁ ଅଟକାଇଥିଲେ। ତେବେ ଗାଡି ଡ୍ରାଇଭର ଓ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଶୁକ୍ରବାର ଏ ନେଇ ବିଶାଳ ସାହୁ ପଦ୍ମପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଉକ୍ତ ଟ୍ରକ୍‌କୁ ଜବତ କରିଛି। ତେବେ ଉକ୍ତ ଟ୍ରକରେ ନମ୍ବର ପ୍ଲେଟ (ନଂ.ଡବ୍ଲ୍ୟୁବି୧୩୫୭୩୭) ଲାଗି ଥିବାବେଳେ ଅନ୍ୟ ଏକ ନମ୍ବର ପ୍ଲେଟ (ଡବ୍ଲ୍ୟୁବି-ଡି-୩୭୫୮) ଥିବା ଦେଖିବାକୁ ମିଳିଛି।

### ସ୍ୱଭାବ କବି ଗଙ୍ଗାଧର ଜୟନ୍ତୀ ପାଳିତ

ପଦ୍ମପୁର,୧।୯(ପ୍ରଦୀପ୍ତ ଦାଶ ): ପଦ୍ମପୁର ମେହେର କବି ସ୍ମୃତି ପରିଷଦ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧରଙ୍କ ଜୟନ୍ତୀ ସମାରୋହ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ମେହେର କ୍ଲବର ସଭାପତି ପ୍ରୀତମ ମେହେର, ମେହେର ସମାଜ ସଭାପତି ରୋହିତ ମେହେର, ମେହେର କବି ସ୍ମୃତି ପରିଷଦର ସଦସ୍ୟ ଏବଂ ଅନ୍ୟମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସନ୍ଧ୍ୟା ୬ଟାରେ ସ୍ୱଭାବ କବିଙ୍କ ଜୟନ୍ତୀ ସଭା ଡ. ପ୍ରମୋଦ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଦ୍ମପୁର ଉପ ଜିଲାପାଳ ସଦାକର କୁମ୍ଭାର ମୁଖ୍ୟଅତିଥି, ଆଇନଜୀବୀ ବିଭୁଦତ୍ତ ଚଲାନ ମୁଖ୍ୟବକ୍ତା ଭାବେ ଯୋଗଦେଇ କବିଙ୍କ ସ୍ମୃତିଚାରଣ କରିଥିଲେ। ମେହେର ସମାଜ ସଭାପତି ରୋହିତ ମେହେର ଓ ରାଜବୋଡାସମ୍ବର ହାଇସ୍କୁଲର ପ୍ରଧାନ ଶିକ୍ଷକ ଲୋଭାଦିନୀ ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ନାଟ୍ୟକାର ଅଶୋକ ବହିଦାର ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଜୟକେତନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଶେଷଦେବ ମେହେର ସମ୍ପାଦକୀୟ ବିବରଣୀ ଓ ମନୋଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସମାଜସେବୀ ନିରୋଜ ଦୋରା, ସନ୍ତୋଷ ମହାନ୍ତି, ରାମଚନ୍ଦ୍ର ମେହେର, ପ୍ରୀତିରଞ୍ଜନ ପ୍ରଧାନ, କରୁଣାକର ମେହେର, କିଶୋର ପାତ୍ର, କୁଞ୍ଜବିହାରୀ ସରାଫ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଦିବ୍ୟକୁଞ୍ଜରେ ଗାୟତ୍ରୀ ମହାଯଜ୍ଞ

ପଦ୍ମପୁର,୧।୯(ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଖଣ୍ଡ ବୁଡାମାଲସ୍ଥିତ ଦିବ୍ୟକୁଞ୍ଜଠାରେ ୧୦ମ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ୧୦୮ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା କରାଯାଇଥିଲା। ସନ୍ଧ୍ୟାରେ ଯୁଗ ଶିଳ୍ପୀ ଭଉଣୀଭାଇମାନଙ୍କ ଦ୍ୱାରା ପ୍ରଜ୍ଞା ସଙ୍ଗୀତ ଓ ଦେବ ଦମ୍ପତ୍ତି ସମ୍ମିଳନୀ କରାଯାଇଥିଲା । ଅମୃତା ବେହେରା ଏବଂ ମୀନକେତନ ପାତ୍ର ପ୍ରବଚନ ଦେଇଥିଲେ। ପ୍ରଶାନ୍ତ ସେଠ ଯଜ୍ଞ ସଞ୍ଚାଳନ କରିଥିଲେ। ନିରୁପମା ଖୁଣ୍ଟିଆ ଓ ଆହ୍ଲାଦିନୀ ସାହୁ କର୍ମକାଣ୍ଡ କରିଥିଲେ। ଲିଙ୍ଗରାଜ ଭୋଇ, ଅଶୋକ ଭୋଇ, ଧନପତି ସାହୁ ଏବଂ ବିଜୟ ପ୍ରଧାନ ସଙ୍ଗୀତ ପରିବେଷଣ କରିଥିଲେ। ଜୋନ ସଂଯୋଜକ ରଘୁମଣି ଦାଶ ଏବଂ ଜିଲା ପରାମର୍ଶଦାତା ପ୍ରେମାନନ୍ଦ ହୋତାଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।



ଶୁକ୍ରବାର ବରଗଡ଼ ସହରରେ ଇ-ରିକ୍ସା ଚଳାଚଳକୁ ବିରୋଧ କରି ପୌର କାର୍ଯ୍ୟାଳୟ ଆଗରେ ଅଟୋ ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

# ପୌର ଅଫିସ ଘେରିଲେ ଅଟୋ ମାଲିକ

ବରଗଡ଼,୧।୯(ପ୍ରେମାନନ୍ଦ ଖମାରୀ)

ସହରରେ ଇ-ରିକ୍ସା ଚଳାଚଳକୁ ବରଗଡ଼ ଅଟୋରିକ୍ସା ମାଲିକ ସଂଘ ବିରୋଧ କରିଛି। ଏହି କ୍ରମରେ ଶୁକ୍ରବାର ସଂଘର ସମସ୍ତ କର୍ମକର୍ତ୍ତା, ସଭ୍ୟବୃନ୍ଦ ଏକତ୍ରିତ ହୋଇ ବରଗଡ଼ ପୌର କାର୍ଯ୍ୟାଳୟ ଘେରିବା ସହିତ ଧାରଣାରେ ବସିଥିଲେ। ଅପରାହ୍ନ ପ୍ରାୟ ୫ଟା ପର୍ଯ୍ୟନ୍ତ ଧାରଣା ଜାରି ରହିଥିଲା। କୌଣସି ନିର୍ଯ୍ୟାସ ବାହାରି ପାରି ନ ଥିବାରୁ ଅଟୋ ମାଲିକଙ୍କ ମଧ୍ୟରେ କୁହୁଳୁଥିବା ଅସନ୍ତୋଷ ଆଉ ଏକ ଆନ୍ଦୋଳନ ପାଇଁ ମୁଣ୍ଡ ଟେକିଥିବା ସୂଚନା ମିଳିଛି ।

ପ୍ରକାଶ ଯେ, ଗତ କିଛିମାସ ହେଲା ପୌର ପରିଷଦ ତତ୍ତ୍ୱାବଧାନରେ ବରଗଡ଼ ସହରରେ ଇ-ରିକ୍ସା ଚଳାଚଳ ଆରମ୍ଭ ହୋଇଛି। ତେବେ ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଖେଦାପାଲିସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନା ପର୍ଯ୍ୟନ୍ତ ରୋଗୀ ଏବଂ ସମ୍ପର୍କୀୟଙ୍କୁ ନେବା ଆଣିବା ପାଇଁ ଇ-ରିକ୍ସା ବ୍ୟବହୃତ ହେବ ବୋଲି ପ୍ରଥମେ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଅନ୍ୟପଟେ ଡାକ୍ତରଖାନାକୁ ଯିବାଆସିବା କରିବା ବଦଳରେ ସହରରେ ଯାତ୍ରୀ ତଥା ବିଭିନ୍ନ ସାମଗ୍ରୀ ପରିବହନରେ ଇ-ରିକ୍ସା ବ୍ୟବହୃତ ହେଉଛି ବୋଲି ଅଟୋରିକ୍ସା ମାଲିକ ସଂଘ ଅଭିଯୋଗ କରିଛି। ଏଭଳି ଅଭିଯୋଗ ନେଇ ଗତ ମାସ ୨୮ତାରିଖରେ ଅଟୋରିକ୍ସା ମାଲିକ ସଂଘ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନାଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲା। ଡାକ୍ତରଖାନାକୁ ଯିବାଆସିବା ବଦଳରେ ସହରରେ ଯାତ୍ରୀ, ମାଲ ପରିବହନରେ ଇ-ରିକ୍ସା ବ୍ୟବହାର କରାଯାଉଥିବାରୁ ତାହା ଅଟୋ ମାଲିକଙ୍କ ଜୀବିକାକୁ ପ୍ରଭାବିତ କରୁଛି ବୋଲି ଅଭିଯୋଗ କରି ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ନିବେଦନ କରାଯାଇଥିଲା। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଶୁକ୍ରବାର ସକାଳେ ସମସ୍ତ ଅଟୋ ମାଲିକ ଅଟୋ ଧରି ପୌର କାର୍ଯ୍ୟାଳୟକୁ ଯାଇଥିଲେ। ସେମାନେ ପୌର ଅଫିସ ସମ୍ମୁଖ ରାସ୍ତାରେ ଅଟୋ ଗୁଡ଼ିକୁ ରଖି ଧାରଣା ଦେଇ ସେମାନଙ୍କ ପୂର୍ବ ଦାବିକୁ ଦୋହରାଇଥିଲେ। ସଂଘର ସଭାପତି ପ୍ରୀତମ ସିଂ, ଉପସଭାପତି ସାରଥି ମେହେର ପ୍ରମୁଖ ଉଦ୍‌ବୋଧନ ଦେଇଥିବାବେଳେ ଶତାଧିକ ଅଟୋ ମାଲିକ, ଚାଳକ ଧାରଣାରେ ସାମିଲ ହୋଇଥିଲେ।

## ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

### ନାବାଳିକା ବଳାତ୍କାର ମାମଲା

ବରଗଡ଼,୧।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଘଟିଥିବା ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବରଗଡ଼ ଆଡିଶନାଲ ସେସନ୍ସ ଜଜ୍ କମ୍ ପୋକ୍ସୋ ଜଜ୍ ସତ୍ୟରଞ୍ଜନ ପ୍ରଧାନ ମାମଲାର ବିଚାର କରି ଅଭିଯୁକ୍ତ ବିଜୟ ଓରଫ ସୀତାରାମ ଦୁତିଆଚାନ୍ଦଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ରାଶି ଅନାଦାୟ ହେଲେ ପୁଣି ଏକବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ସେ ଆଦେଶ କରିଛନ୍ତି। ଉକ୍ତ ମାମଲାରେ ସରକାରଙ୍କ ତରଫରୁ ଆଡ଼ଭୋକେଟ୍ ବିମଳ କୁମାର ଦେବତା ମାମଲା ପରିଚାଳନା କରୁଥିଲେ। ଏଥିରେ ୧୮ଜଣ ସାକ୍ଷୀଙ୍କ ବୟାନ ରେକର୍ଡ଼ କରାଯାଇଥିଲା। ଏହାସହିତ ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଡିଏଲଏସଏ ବରଗଡ଼ଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ୩୧ ୟୁନିଟ୍ ରକ୍ତ ସଂଗ୍ରହ



ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ଦିଆଯାଉଛି।

ଭେଡ଼େନ,୧।୯(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବରଗାଁ ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ମାହେଶ୍ୱରୀ ସେନା ପକ୍ଷରୁ ଏକ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୬ଜଣ ମହିଳାଙ୍କ ସମେତ ୩୧ ଜଣଙ୍କଠାରୁ ରକ୍ତ ସଂଗ୍ରହ ହୋଇଥିଲା। ସ୍ଥାନୀୟ ଅଁଳାପାଲି ସରପଞ୍ଚ ଡ଼ମ୍ବରୁଧର ପାଣ୍ଡେ ମୁଖ୍ୟ ଅତିଥି, ୱାର୍ଡସଭ୍ୟ ବୃନ୍ଦାବନ ଗରିଆ ଏବଂ ମାହେଶ୍ୱରୀ ସେନାର ଉପଦେଷ୍ଟା ଜଗବନ୍ଧୁ କଲତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବୁର୍ଲା ଭିମସାର ରକ୍ତଭଣ୍ଡାରର ଟେକ୍ନିସିଆନ ଓ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ମାହେଶ୍ୱରୀ ସେନା ସଦସ୍ୟ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

# ଗଙ୍ଗାଧର କାବ୍ୟାଞ୍ଜଳି, ସ୍ମୃତି ସମ୍ମାନ ପ୍ରଦାନ

ବରଗଡ଼,୧।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଶୁକ୍ରବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ ଅବସରରେ ଗଙ୍ଗାଧର କାବ୍ୟାଞ୍ଜଳି ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦକ ବିଶ୍ୱଜିତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ସଭାପତି ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ କବି ଗଙ୍ଗାଧରଙ୍କ ପ୍ରତିଛବିରେ ମାଲ୍ୟାର୍ପଣ ପରେ ବିଶିଷ୍ଟ ସାହିତ୍ୟିକ ଦିବ୍ୟକିଶୋର ଦେବତାଙ୍କୁ ଗଙ୍ଗାଧର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ବରିଷ୍ଠ ଖବରଦାତା ସୁରେନ୍ଦ୍ର ହୋତାଙ୍କ ପରିକଳ୍ପନା ଏବଂ ସଙ୍ଗୀତ ନିର୍ଦ୍ଦେଶକ ନବ ମହନ୍ତଙ୍କ ପ୍ରସ୍ତୁତି ଗଙ୍ଗାଧର କାବ୍ୟାଞ୍ଜଳି ପରିବେଷଣ କରାଯାଇଥିଲା। ଅଧ୍ୟାପିକା ସଂଘମିତ୍ରା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ସାହିତ୍ୟିକ ଦିବ୍ୟକିଶୋର ଦେବତାଙ୍କୁ ଗଙ୍ଗାଧର ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି ।

କଳା ପରିବେଷଣରେ ଉଲ୍ଲେଖନୀୟ ଅବଦାନ ପାଇଁ କଣ୍ଠଶିଳ୍ପୀ ରମେଶ ମହାନନ୍ଦ, ଗୋପାଳକୃଷ୍ଣ ଦାଶ, ସୁଶିଲ ପ୍ରଧାନ, ସୁରଜ ମହାପାତ୍ର, ରାମକୃଷ୍ଣ ପଣ୍ଡା, ସୁନୀତା ପଟ୍ଟନାୟକ, ତପସ୍ୱିନୀ ଦାଶ, ଆସ୍ଥା ମହାପାତ୍ରଙ୍କ ସମେତ ବାଦ୍ୟକାର ତରୁଣ ମହାରଣା ଏବଂ ସାଥୀ ସଂଘ ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ସଂଘର ବରିଷ୍ଠ ସଭ୍ୟ ତ୍ରିନାଥ ପ୍ରସାଦ ତ୍ରିପାଠୀ ସମ୍ବର୍ଦ୍ଧନା ସମାରୋହ ସଂଯୋଜନା କରିଥିଲେ। ଗୋପାଳ ପ୍ରସାଦ ମିଶ୍ର, ସଂଘ ଉପସଭାପତି କୃଷ୍ଣଚନ୍ଦ୍ର ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

## ତଳମୁଣ୍ଡକୁ କେନାଲ ପାଣି ଅପହଞ୍ଚ

ଭେଡ଼େନ,୧।୯(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ତଳମୁଣ୍ଡକୁ କେନାଲ ପାଣି ଆସୁ ନ ଥିବାରୁ ମରୁଡ଼ି ପରିସ୍ଥିତି ଦେଖାଗଲାଣି। ବିଶେଷକରି ପପଙ୍ଗା, ରେଶମ ଏବଂ ଭେଡ଼େନ ମାଇନର ତଳ ମୁଣ୍ଡକୁ କେନାଲ ପାଣି ବନ୍ଦ କରିଦିଆଯାଇଛି। ଫଳରେ ଗଣ୍ଡତୁରୁମ୍, ଭାଙ୍ଗକୁଦ, ମେହେନା, ମହୁଲପାଲି, ଯାମପାଲି, ଡ଼ାଙ୍ଗପାଲି, ବାଦିପାଲି, କୁତ୍‌ପାଲି, ଭେଡ଼େନ, ଅଛାଣ୍ଡପାଲି, ସିଂହେନପାଲି, ଗୁରୁପାଲି, ଧୁବେନପାଲି, ବସେଇକେଲା ଆଦି ଗ୍ରାମର ଚାଷଜମିରେ ଧାନ ଗଛଗୁଡିକ ପାଣି ଅଭାବରୁ ଝାଉଁଳି ଗଲାଣି। ସେହିପରି ଅନେକ ଚାଷ ଜମି ଫାଟି ଆଁ କଲାଣି। ଏ ସମ୍ପର୍କରେ କେନାଲ ବିଭାଗ ଉପଖଣ୍ଡ ଅଧିକାରୀ ରବିନ୍ଦ୍ର କୁମାର ସେଠିଙ୍କୁ ଯୋଗାଯୋଗ କରାଯିବାରୁ ଆଜି ପୂର୍ବାହ୍ନ ୧୧ଟାରେ ବରଗଡ଼ କେନାଲରୁ ଆମ କେନାଲକୁ ୫.୮ କ୍ୟୁସେକ ପାଣି ଛଡ଼ାଯାଇଛି । ଦିନେ ଦୁଇ ଦିନ ଭିତରେ ତଳମୁଣ୍ଡକୁ ପାଣି ପହଞ୍ଚିବ ବୋଲି ସେ କହିଥିଲେ ।

## ଖାଉଟି ଫୋରମ୍‌ର ହସ୍ତକ୍ଷେପ, ମିଳିଲା ୧କୋଟି ବୀମା ଟଙ୍କା

ବରଗଡ଼,୧।୯(ପ୍ରେମାନନ୍ଦ ଖମାରୀ)

କରୋନାରେ ମୃତ୍ୟୁବରଣ କରିଥିବା ଜଣେ ବ୍ୟାଙ୍କ କର୍ମଚାରୀଙ୍କ ପରିବାରବର୍ଗଙ୍କୁ ବୀମା କମ୍ପାନୀ ମୃତ୍ୟୁକାଳୀନ କ୍ଷତିପୂରଣ ଟଙ୍କା ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରିଥିବା ଅଭିଯୋଗର ବିଚାର କରି ବରଗଡ଼ ଖାଉଟି ସୁରକ୍ଷା ଫୋରମ ମୃତକଙ୍କ ସ୍ତ୍ରୀଙ୍କୁ ୧କୋଟି ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫୋରମର ନିର୍ଦ୍ଦେଶ ପରେ ବୀମା କମ୍ପାନୀ କ୍ଷତିପୂରଣ ବାବଦକୁ ମୃତକଙ୍କ ସ୍ତ୍ରୀଙ୍କୁ ୧କୋଟି ଟଙ୍କା ଚେକ୍ ଆକାରରେ ପ୍ରଦାନ କରିଥିବା ସୂଚନା ମିଳିଛି । ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜଗଦଳପୁର ଥାନା ଅନ୍ତର୍ଗତ ବୈତାଳଭଟା ଗ୍ରାମର ଆଦିତ୍ୟ କୁମାର ବେହେରା ଇଣ୍ଡିଆନ ବ୍ୟାଙ୍କରେ କାମ କରୁଥିଲେ। ଆସାମର ଗୌହାଟିରେ ତାଙ୍କର ପୋଷ୍ଟିଂ ହୋଇଥିବାବେଳେ ସେଠାରେ ସେ କରୋନାରେ ଆକ୍ରାନ୍ତ ହେବା ସହିତ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ସେ ମୃତ୍ୟୁ ପୂର୍ବରୁ ଏକ ବୀମା କମ୍ପାନୀରେ ୧କୋଟି ଟଙ୍କାର ଏକ ଟର୍ମ ପଲିସି କରିଥିଲେ ଏବଂ ବାର୍ଷିକ ୨୪ହଜାର ୧୦୧ଟଙ୍କା ୫୦ପଇସା ପ୍ରିମିୟମ ଜମା କରୁଥିଲେ। ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ବୀମା ଟଙ୍କା ପାଇଁ ସମ୍ପୃକ୍ତ କମ୍ପାନୀରେ ସମସ୍ତ ଆବଶ୍ୟକ କାଗଜାତ୍ ଦାଖଲ କରିଥିଲେ। ଏହାସତ୍ତ୍ୱେ ବୀମା କମ୍ପାନୀ ତାଙ୍କୁ ବୀମା ଟଙ୍କା ଦେଉ ନ ଥିଲା। ଫଳରେ ସେ ବରଗଡ଼ ଖାଉଟି ସୁରକ୍ଷା ଫୋରମର ଦ୍ୱାରସ୍ଥ ହୋଇଥିଲେ। ଆଡ଼ଭୋକେଟ୍ ଦ୍ୟୁତିଶ ଆଚାର୍ଯ୍ୟ, ପ୍ରଦୀପ କୁମାର ମହାପାତ୍ର, ବିବେକାନନ୍ଦ ସାହୁ, ମନୋଜ କୁମାର ସାହୁ, ଦେବବ୍ରତ ଆଚାର୍ଯ୍ୟ ପ୍ରମୁଖ ମାମଲା ପରିଚାଳନା କରୁଥିଲେ।

## ପଧାନପାଲିରେ ବୁଥ୍ କମିଟି ଗଠିତ

ଭେଡ଼େନ,୧।୯(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ରେଶମ ପଞ୍ଚାୟତ ଅନ୍ତର୍ଗତ ପଧାନପାଲି ଦୁର୍ଗା ମନ୍ଦିର ପରିସରରେ କଂଗ୍ରେସ ଦଳର ବୁଥ୍ କମିଟି ଶୁକ୍ରବାର ଗଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ତଥା ପିସିସି ସଭ୍ୟ ରମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ବିଜୟ ହରିପାଲ ସଭାପତି, ଅନିରୁଦ୍ଧ କୁମ୍ଭାର ସମ୍ପାଦକ ଏବଂ ୧୪ ଜଣଙ୍କୁ ସଭ୍ୟ ଭାବେ ମନୋନିତ କରାଯାଇଛି। ଏଥିରେ ମାଧବ ସାହୁ, ଗୋବିନ୍ଦ ସାହୁ, ଦେବରାଜ ବାଗ, ବିରାଟ ବାଗଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।


କଂଗ୍ରେସର ବୁଥ୍ କମିଟି ଗଠନ କରାଯାଉଛି।

# ସଂସ୍କୃତକୁ ଜନଭାଷା କରିବା ଏକମାତ୍ର ବିକଳ୍ପ

ବରଗଡ଼,୧।୯(ପ୍ରେମାନନ୍ଦ ଖମାରୀ)


ବିଶ୍ୱ ସଂସ୍କୃତ ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ସଂସ୍କୃତ ଭାଷା ବଞ୍ଚିରହିଲେ ଅନ୍ୟ ସମସ୍ତ ଭାରତୀୟ ପ୍ରାନ୍ତୀୟ ଭାଷାଗୁଡ଼ିକ ମଧ୍ୟ ଶୁଦ୍ଧ ସ୍ୱରୂପକୁ ବଜାୟ ରଖି ବିକଶିତ ହେବେ। ସଂସ୍କୃତ ଭାଷାଜ୍ଞାନ ଅଭାବ ଯୋଗୁ ଆଜି ପ୍ରାନ୍ତୀୟ ଭାଷା ବ୍ୟବହାରରେ ବହୁଳ ଭାବେ ଅଶୁଦ୍ଧତା ପରିଲକ୍ଷିତ ହୋଇଛି। ସଂସ୍କୃତ ଭାଷାକୁ ପୁନଃ ଜନଭାଷା ରୂପେ ବ୍ୟବହାର କରିବା ଏହାର ଏକମାତ୍ର ସମାଧାନ। ଏହାଦ୍ୱାରା ସଂସ୍କୃତ ଭାଷାଜ୍ଞାନ ବିକାଶ ସହିତ ପ୍ରାନ୍ତୀୟ ଭାଷାଗୁଡ଼ିକର ଶୁଦ୍ଧ ସ୍ୱରୂପର ବ୍ୟବହାର ବଢ଼ିବ ବୋଲି ବରପାଲି ଆଦର୍ଶ ବିଦ୍ୟାଳୟରେ ବିଶ୍ୱ ସଂସ୍କୃତ ଦିବସ ପାଳନ ସମାରୋହରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଡ. ମାନସ ରଞ୍ଜନ ସାହୁ ମତବ୍ୟକ୍ତ କରିଛନ୍ତି ।

ଅଧ୍ୟକ୍ଷ ସନ୍ତୋଷ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବରପାଲି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ଭୁଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ଜନଗଣନାରେ ସମସ୍ତ ଭାରତୀୟ ନିଜ ବ୍ୟବହାରିକ ଭାଷା ଭାବେ ସଂସ୍କୃତ ଭାଷାକୁ ଉଲ୍ଲେଖ କରିବା ଉଚିତ୍ ବୋଲି ମତପୋଷଣ କରିଥିଲେ। ବରପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଗୋବର୍ଦ୍ଧନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବେଦବର୍ଣ୍ଣିତ ଲୋକୋପଦେଶ ଏପର୍ଯ୍ୟନ୍ତ କିଭଳି ଉପାଦେୟ, ତାହା ଛାତ୍ରୀଛାତ୍ରଙ୍କୁ ସମ୍ୟକ୍ ଭାବେ ବୁଝାଇଥିଲେ। ବରପାଲି ଏନ୍‌ଏସି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ବାରିକ ସଂସ୍କୃତ ଓ ବିଜ୍ଞାନର ସମ୍ପର୍କ ତଥା ଚନ୍ଦ୍ରଯାନ-୩ ସହିତ ସଂସ୍କୃତର ଗଭୀର ସମ୍ପର୍କକୁ ପ୍ରତିପାଦନ କରିଥିଲେ। ହିନ୍ଦୀ ଶିକ୍ଷକ ପ୍ରେମସାଗର ମିର୍ଦ୍ଧା, ଗଣିତ ଶିକ୍ଷକ ଲଲାଟେନ୍ଦୁ ରଣା, ଇଂରାଜୀ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସଂସ୍କୃତ ଶିକ୍ଷକ ଈଶ୍ୱର ଚନ୍ଦ୍ର ଗଡ଼ତିଆ ସଭା ସଂଯୋଜନା କରିଥିବା ବେଳେ ପ୍ରହଲ୍ଲାଦ ବର୍ଗେ, ଶିବିକା ପ୍ରଧାନ, ଦିଲୀପ ପ୍ରଧାନ ସହଯୋଗ କରିଥିଲେ ।

ଏହି ଅବସରରେ ସଂସ୍କୃତ ଭାଷାରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂସ୍କୃତ ବିଳାସିନୀ ଦ୍ୱାରା ଆୟୋଜିତ ସଂସ୍କୃତ ଚିତ୍ର, ବସ୍ତୁ ପ୍ରଦର୍ଶନୀ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା। ସେହିପରି ଗୌଡ଼ଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ସଂସ୍କୃତ ଦିବସ ପାଳନ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପରିତୋଷ କୁମାର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ସଂସ୍କୃତ ଭାରତୀ ଉତ୍କଳ ପ୍ରାନ୍ତର ସଭାପତି ଅଧ୍ୟାପକ ଆୟୁଷ୍ମନ୍ତ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍କୃତ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସଂସ୍କୃତ ଶିକ୍ଷୟିତ୍ରୀ ମାଧବୀ ସାହୁଙ୍କ ଆବାହକତ୍ୱ ତଥା ଶିକ୍ଷକ ତେଜ୍ରୁରୁ ବାରିକଙ୍କ ସଂଯୋଜନାରେ ବିଦ୍ୟାଳୟର ଛାତ୍ରୀଛାତ୍ର

## ଆଜି କ'ଣ କେଉଁଠି

ରାଉରକେଲା
- ଡିଏଭି ସ୍କୁଲରେ ଇନଷ୍ଟଲେଶନ କାର୍ଯ୍ୟକ୍ରମ, ସେକ୍ଟର-୧୬, ପୂର୍ବାହ୍ନ ସାଢ଼େ ୧୦ଟା।
- ସିଟୁର ଖବରଦାତା ସମ୍ମିଳନୀ, ସେକ୍ଟର ୧୬, ପୂର୍ବାହ୍ନ ସାଢ଼େ ୧୦ଟା।
- ସୁନ୍ଦରଗଡ଼
- କବି ବିନୋଦ ଚନ୍ଦ୍ର ନାୟକଙ୍କ ଜୟନ୍ତୀ ପାଳନ, ସୁନ୍ଦରଗଡ଼ ନାରୀ କଲ୍ୟାଣ କେନ୍ଦ୍ର, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ସଂଜ୍ଞାହୀନ ମହିଳା, ଶିଶୁ ଉଦ୍ଧାର

**ରାଉରକେଲା, ୧।୯ (ସଙ୍ଗୀତା ଜେନା):** ବନ୍ଦମୁଣ୍ଡା ଥାନା ଅନ୍ତର୍ଗତ କୋଏଲା ଗେଟ୍ ଅଞ୍ଚଳରେ ଶୁକ୍ରବାର ଜଣେ ମହିଳା ଓ ତାଙ୍କ ଶିଶୁକନ୍ୟା ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର ହୋଇଛନ୍ତି। ସ୍ଥାନୀୟ ଲୋକେ ଉକ୍ତ ମହିଳା ଓ ଶିଶୁକୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରାଇ ଚେତା ଫେରାଇଥିଲେ। ମହିଳା ଅସୁସ୍ଥ ଅନୁଭବ କରିବାରୁ ପୋଲିସକୁ ସୂଚନା ଦିଆଯିବା ସହ ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଛି।

### ଅଚେତ ମହିଳା ଆର୍‌ଜିଏଚ୍‌ରେ ମୃତ

**ରାଉରକେଲା, ୧।୯ (ସଙ୍ଗୀତା ଜେନା):** ଟାଙ୍ଗରପାଲି ଥାନା ଫର୍ଟିଲାଇଜର ଗଞ୍ଜୁ ମାର୍କେଟରେ ରହୁଥିବା ଗୀତାରାଣୀ ବାରିକ ଶୁକ୍ରବାର ପୂର୍ବାହ୍ନରେ ଘରେ ଚେତାଶୂନ୍ୟ ହୋଇପଡିଥିଲେ। ତାଙ୍କୁ ତୁରନ୍ତ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଅପମୃତ୍ୟୁ ମାମଲା (ନଂ.୧୫/୨୩) ରୁଜୁ କରିଛି।

### ୮ ଜୁଆଡ଼ି ଗିରଫ

**ରାଉରକେଲା, ୧।୯ (ସଙ୍ଗୀତା ଜେନା):** ରଘୁନାଥପାଲି ଥାନା ଅନ୍ତର୍ଗତ ରାଉରକେଲା ସରକାରୀ କଲେଜ ପଛପଟୁ ଗୁରୁବାର ବିଳମ୍ବିତ ରାତିରେ ପୋଲିସ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୮ ଜଣଙ୍କୁ ଗିରଫ କରିଛି। ସମସ୍ତଙ୍କୁ ଶୁକ୍ରବାର ଥାନାରୁ ବ୍ୟକ୍ତିଗତ ମୁଚାଲିକାରେ ଛଡ଼ାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୭୯।୨୩) ରୁଜୁ କରିଛି। ଏ ନେଇ ଡିଏସପି ଉପାସନା ପାଢ଼ୀ ଓ ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି।

### ଅନ୍‌ଲାଇନ ଠକେଇ ଅଭିଯୋଗ

**ରାଉରକେଲା, ୧।୯ (ସଙ୍ଗୀତା ଜେନା):** ସେକ୍ଟର ୧୩ ଅଞ୍ଚଳର ଏ ବ୍ଲକରେ ରହୁଥିବା ଜଣେ ମହିଳାଙ୍କୁ ଅନ୍‌ଲାଇନ୍‌ରେ ୯୬ ହଜାର ଟଙ୍କା ଠକେଇ ହୋଇଛି। ଏ ନେଇ ମହିଳା ଜଣଙ୍କ ସେକ୍ଟର-୧୫ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୮୪/୨୩) ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ସେକ୍ଟର-୧୩ ଏ/୫୭ର ଅନୁରାଗ ଶ୍ରୀବାସ୍ତବ ଅନ୍ ଲାଇନ୍‌ରେ ଲିଙ୍କ୍ ମାଧ୍ୟମରେ ଟଙ୍କା ଜମା କରୁଥିଲେ ଏବଂ ତାଙ୍କୁ ସୁଧ ସହ ଫେରସ୍ତ ମିଳୁଥିଲା। ତେବେ ଗୁରୁବାର ଉକ୍ତ ମହିଳାଙ୍କୁ ୯୬ ହଜାର ଟଙ୍କା ଫେରସ୍ତ ମିଳି ନ ଥିଲା। ଏପରିକି ଲିଙ୍କ୍ ମଧ୍ୟ କାମ କରି ନ ଥିଲା। ଫଳରେ ମହିଳା ଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଥିଲେ।



ଚାଷ ଓ ଚାଷୀଙ୍କ ପ୍ରତି ସରକାରଙ୍କ ଅବହେଳା ପ୍ରତିବାଦରେ ଚାଷୀ ନେତାମାନେ ପାନପୋଷ ଉପଜିଲାପାଳଙ୍କ ଅଫିସ ଘେରାଉ କରିଛନ୍ତି।

# ଉପଜିଲାପାଳ ଅଫିସ ଘେରିଲା କୃଷକ ସଭା

## ଚାଷ ଓ ଚାଷୀ ବଞ୍ଚାଅ ଦାବି

**ରାଉରକେଲା, ୧।୯ (ସଙ୍ଗୀତା ଜେନା)**

ଚାଷ ଓ ଚାଷୀ ବଞ୍ଚାଅ ଦାବିରେ ଅଖିଳ ଭାରତ କୃଷକ ସଭା ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟ ପରିଷଦ ଆହ୍ୱାନ କ୍ରମେ ପାନପୋଷ ସାଙ୍ଗଠନିକ କମିଟି ପକ୍ଷରୁ ଶୁକ୍ରବାର ଉପଜିଲାପାଳଙ୍କ ଅଫିସ ଘେରାଉ କରାଯାଇଛି। ପରେ ପାନପୋଷ ସବଡିଭିଜନ ଅଧୀନ ବିଭିନ୍ନ ପଞ୍ଚାୟତର ଚାଷୀ ପ୍ରତିନିଧିମାନେ କୃଷି ଓ କୃଷକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ କୃଷି ଓ କୃଷକମାନଙ୍କ ସମସ୍ୟାକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଆଇଟିୟୁସି ଜିଲ୍ଲା ସମ୍ପାଦକ ସଦାନନ୍ଦ ସାହୁ, କୃଷକ ସଭା ନେତା ଦଶରୁ କିସାନ, ଲାଲମା ଲାକ୍ରା, ଜନ୍ମ ଏକ୍କା, ରାଜକିଶୋର ଧାମ୍, କୃତିବାସ ନାୟକ, ଯୁବନେତା ମହେଶ୍ୱର ଦୀପ, ଅପର୍ଣ୍ଣା ରାଉତରାୟ, ନାଏକ କିଷାନ ପ୍ରମୁଖ ବକ୍ତବ୍ୟ ଦେଇ କହିଥିଲେ, ଭାରତ ହେଉଛି କୃଷି ପ୍ରଧାନ ଦେଶ। କୃଷକମାନେ ଅନ୍ନଦାତା। କିନ୍ତୁ ରାଜ୍ୟ ଓ କେନ୍ଦ୍ର ସରକାର କ୍ରମାଗତ ଭାବେ ଚାଷ ଓ ଚାଷୀଙ୍କୁ ଅବହେଳା କରିଆସୁଛନ୍ତି। ଦେଶରେ କୋଟି କୋଟି ଗରିବ, ଖଟିଖିଆ, ମେହନତି ମଣିଷ ପେଟରେ ଲାତମାରି ପୁଞ୍ଜିପତିଙ୍କ ହାତରେ କୃଷିକ୍ଷେତ୍ରକୁ ଟେକିଦେବା ଆରମ୍ଭ ହୋଇଛି। ସରକାରଙ୍କ ଭୁଲ ନୀତି ଯୋଗୁ ଲକ୍ଷ ଲକ୍ଷ କୃଷକ ଆତ୍ମହତ୍ୟା କଲେଣି। ବର୍ତ୍ତମାନର କେନ୍ଦ୍ରର ବିଜେପି ଓ ରାଜ୍ୟର ବିଜେଡି ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ କୃଷକ ସମାଜ ଏକ ହୋଇ ଲଢେଇ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ସୁଶାନ୍ତ କୁମାର ଲେଙ୍କା, ଜନ୍ମେଜୟ କିଷାନ, ଅଜିତ ଆଚାର୍ଯ୍ୟ, ରାମୁ କିଷାନ, ପଞ୍ଚାନନ ସୁନା, ଶିବାନୀ ବେହେରା, ସୁବାଷ କିଷାନ, ସୁଦାମ ସାହୁ, ସାଧୁ କିଷାନ ପ୍ରମୁଖ ନେତୃତ୍ୱ ନେଇଥିଲେ। ଆଗାମୀ ଦିନରେ ସରକାର ଯଦି ଦାବି ପ୍ରତି କର୍ଣ୍ଣପାତ ନ କରନ୍ତି ତେବେ ବ୍ୟାପକ ଆନ୍ଦୋଳନ କରାଯିବା ପାଇଁ ଚେତାବନୀ ଦିଆଯାଇଥିଲା।

# ଇସ୍ରୋକୁ ଆର୍‌ଏସ୍‌ପିର ସ୍ୱତନ୍ତ୍ର ଗ୍ରେଡ୍ ଇସ୍ପାତ ଯୋଗାଣ

**ରାଉରକେଲା, ୧।୯ (ବିପ୍ଳବ ରଞ୍ଜନ ଦାଶ)**

ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ (ଇସ୍ରୋ)ର ବିଭିନ୍ନ ମହାକାଶ ଯାନ ଯଥା ଚନ୍ଦ୍ରଯାନ, ଗଗନଯାନ ଏବଂ ଆଦିତ୍ୟ ଏଲ-୧ ପାଇଁ ଆର୍‌ଏସ୍‌ପି ସ୍ୱତନ୍ତ୍ର ଗ୍ରେଡ୍ ଏମଡିଏନ-୨୫୦ (ମରାଜିଙ୍ଗ ଷ୍ଟିଲ) ଯୋଗାଇ ଦେଇଛି। ସୂଚନାଯୋଗ୍ୟ, ଆର୍‌ଏସ୍‌ପିର ପ୍ଲେଟ ମିଲ ହାଇଦ୍ରାବାଦର ମିଶ୍ର ଧାତୁ ନିଗମ (ମିଧାନି) ପାଇଁ ମରାଜିଙ୍ଗ ଷ୍ଟିଲ ଚଉଡା ପ୍ଲେଟ ରୋଲିଂ କରିଥାଏ। ଏହି ଷ୍ଟିଲ ଇସ୍ରୋର ପିଏସ୍‌ଏଲଭି ଏବଂ ଜିଏସ୍‌ଏଲ୍‌ଭି କାର୍ଯ୍ୟରେ ବ୍ୟବହୃତ ହୁଏ। ଉକ୍ତ ମିଲ ବିଗତ ଦଶନ୍ଧିରେ ୧୧୩୦ ଟନ ମରାଜିଙ୍ଗ ଷ୍ଟିଲ ରୋଲିଂ କରି ମିଧାନୀକୁ ଯୋଗାଇ ଦେଇଥିଲା। ଉଲ୍ଲେଖନୀୟ, ମରାଜିଙ୍ଗ ଷ୍ଟିଲ ଏକ ସ୍ୱତନ୍ତ୍ର ମାନର ଷ୍ଟିଲ ଏବଂ ଏଥିରେ ନିକେଲ, କୋବାଲ୍ଟ, ମୋଲିବେଡନମ, ଟାଟାନିୟମ ଏବଂ ଆଲୁମିନିୟମ ରହିଥାଏ। ଏହାକୁ ଭେକ୍ୟୁମ ମେଲ୍‌ଟିଂ ପ୍ରୋସେସରେ ପ୍ରସ୍ତୁତ କରାଯାଇଥାଏ। ମରାଜିଙ୍ଗ ଷ୍ଟିଲ ରୋଲିଂରେ ଅତ୍ୟନ୍ତ କଠିନ ପରିମାପକତାର ପ୍ରୟୋଜନ ହୋଇଥାଏ। ସାଧାରଣତଃ ଉଚ୍ଚ ସାମର୍ଥ୍ୟ ଯୁକ୍ତ ଷ୍ଟିଲର ନମନୀୟତା (ଡକ୍ଟିଲିଟି) କମ୍ ରହିଥାଏ। କିନ୍ତୁ ମରାଜିଙ୍ଗ ଷ୍ଟିଲର ବିଶେଷତ୍ୱ ହେଉଛି, ଏହା ଉଚ୍ଚ ସାମର୍ଥ୍ୟଯୁକ୍ତ (ମାଇଲ୍ଡ ଷ୍ଟିଲର ସାମର୍ଥ୍ୟଠାରୁ ୫ରୁ ୬ଗୁଣ) ହେବା ସହ ଏହାର ନମନୀୟତା ମଧ୍ୟ ଉତ୍ତମ ରହିଥାଏ। ଲଞ୍ଚ୍ ଭେହିକିଲ ରକେଟ ମୋଟର କେସିଙ୍ଗ ପ୍ରସ୍ତୁତି ତଥା ପ୍ରତିରକ୍ଷାର ଅନ୍ୟାନ୍ୟ ଆବଶ୍ୟକତା ମେଣ୍ଟାଇବା ପାଇଁ ମରାଜିଙ୍ଗ ଷ୍ଟିଲ ବ୍ୟବହୃତ ହୋଇଥାଏ। ଏହି ଅନନ୍ୟ ଇସ୍ପାତରେ ଅତୁଳନୀୟ ସାମର୍ଥ୍ୟ ଓ ଡକ୍ଟିଲିଟି ରହିଛି। ଏହା ମହାକାଶ ଅଭିଯାନରେ ଜଟିଳ ଯନ୍ତ୍ରୋପକରଣର ପ୍ରଦର୍ଶନ ଏବଂ ନିର୍ଭରଶୀଳତାରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।

# ପାନପୋଷରେ ମୁଁ ବି ମିତା ଅଭିଯାନ ଶୁଭାରମ୍ଭ


କାର୍ଯ୍ୟକ୍ରମରେ ବିଭିନ୍ନ କଲେଜର ଛାତ୍ରୀମାନେ ସାମିଲ ହୋଇଛନ୍ତି।

**ରାଉରକେଲା, ୧।୯ (ବିପ୍ଳବ ରଞ୍ଜନ ଦାଶ)**

ନୂଆ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଆରମ୍ଭ ହୋଇଛି ମୁ ବି ମିତା ଅଭିଯାନ। ଏହି ପରିପ୍ରେକ୍ଷୀରେ ରାଉରକେଲା ପାନପୋଷ ଉପଖଣ୍ଡ ଅଫିସ କାର୍ଯ୍ୟାଳୟରେ ଉପଜିଲାପାଳ ଅଭିମନ୍ୟୁ ମାଝୀଙ୍କ ଦ୍ୱାରା ଶୁକ୍ରବାର ମୁ ବି ମିତା ଅଭିଯାନ ଆରମ୍ଭ ହୋଇଛି। ଏଥିପାଇଁ ରାଉରକେଲାର ବିଭିନ୍ନ କଲେଜରୁ ୨୭ଜଣ ଛାତ୍ରୀ ମନୋନିତ ହୋଇଛନ୍ତି। ଛାତ୍ରୀମାନେ ଏହି ଅଭିଯାନ ଅଧୀନରେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରିବେ ଏବଂ ନିଜ ମହାବିଦ୍ୟାଳୟ ତଥା ଅଞ୍ଚଳରେ ନୂତନ ଭୋଟରମାନଙ୍କୁ ଭୋଟଦାନ ଓ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ, ନୂତନ ପଞ୍ଜୀକରଣ ପାଇଁ ସଚେତନ କରାଇବେ। ଏହି ଅଭିଯାନରେ ସାମିଲ ହୋଇଥିବା ଛାତ୍ରୀମାନଙ୍କୁ ବୁଥ ସ୍ତରୀୟ ଅଧିକାରୀମାନେ ମାର୍ଗଦର୍ଶନ କରିବେ। କାର୍ଯ୍ୟକ୍ରମରେ ସହକାରୀ ଉପଜିଲାପାଳ ଗୋପବନ୍ଧୁ ନାଇକ, ବରିଷ୍ଠ ରାଜସ୍ୱ ସହକାରୀ ଅଧିକାରୀ ବେଦ ପ୍ରକାଶ ପଶାୟତଙ୍କ ସମେତ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

# ସାହିତ୍ୟରେ ସମାଜ ନିଜ ଛବିକୁ ଦେଖିଥାଏ


ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

**ରାଉରକେଲା, ୧।୯ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଗୋପବନ୍ଧୁପାଲି ହାଇସ୍କୁଲରେ ଶୁକ୍ରବାର ସ୍ୱଭାବ କବି ଗଙ୍ଗାଧର ଜୟନ୍ତୀ ଓ ରଶ୍ମିପ୍ରଭା ପତ୍ରିକା ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟିକ ତ୍ରିଲୋଚନ ମାଝିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ସାହିତ୍ୟ ସମାଜର ଦର୍ପଣ ଏବଂ ସାହିତ୍ୟର ଦର୍ପଣରେ ହିଁ ସମାଜ ନିଜକୁ ଦେଖେ ବୋଲି ମତବ୍ୟକ୍ତ କରିଥିଲେ। ରଶ୍ମିପ୍ରଭାର ସମ୍ପାଦକ ମନୋଜ କୁମାର ନନ୍ଦ ସମ୍ପାଦକୀୟ ପାଠ କରିବା ସହିତ ଅଭିମୁଖ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସାହିତ୍ୟିକ ପ୍ରଶାନ୍ତ କୁମାର ପତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡିଆ ସାହିତ୍ୟରେ ଗଙ୍ଗାଧର ସାହିତ୍ୟ କୃତୀ ଉପରେ ଅବଲୋକନ କରିବା ସହିତ ନୂତନ ପିଢ଼ି ଅଧ୍ୟୟନରେ ବ୍ରତୀ ହେବା ବାଞ୍ଛନୀୟ ବୋଲି କହିଥିଲେ। ସମାଜସେବୀ ଶଶଧର ପଣ୍ଡା, କବି ସୁବାଷ ଚନ୍ଦ୍ର ଲେଙ୍କା ଓ ସ୍କୁଲ ପ୍ରଧାନ ଶିକ୍ଷକ ନୟନ କୁମାର ପତି ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ତ୍ରୟମାସିକ ପତ୍ରିକା ରଶ୍ମୀପ୍ରଭା ଉନ୍ମୋଚିତ ହୋଇଥିଲା। ବରିଷ୍ଠ ସଦସ୍ୟ ରାଧାକାନ୍ତ ମହାରଣା ଅଧ୍ୟକ୍ଷତା କରି ଭାଷା ବ୍ୟବହାର ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଶଶଧର ପଣ୍ଡାଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାପରେ କବିତା ପାଠ ପାଠୋତ୍ସବ ହୋଇଥିଲା। ଏଥିରେ ବରିଷ୍ଠ କବି ସୁଶାନ୍ତ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। କବି ରୀନାରାଣୀ ସ୍ୱାଇଁ ଓ ସୁଶ୍ରୀ ସଙ୍ଗୀତା ଦାଶ କବିତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କବି ହରମୋହନ ମିଶ୍ର, ରଙ୍କନିଧି ସେଠୀ, କଳ୍ପନା ନନ୍ଦ, ସ୍ୱର୍ଣ୍ଣପ୍ରଭା ପାତ୍ର, ଯୋଗେନ୍ଦ୍ର ଭଞ୍ଜ, ଶ୍ୱେତ କୁମାର ବେହେରା, ନିକିତା ରାଉତ, ସାଗର ଦାସ, ସତ୍ୟବ୍ରତ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କବି ଉପେନ୍ଦ୍ର ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁରୁଦିବସରେ ହେବ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ରାଉରକେଲା, ୧।୯ (ସଙ୍ଗୀତା ଜେନା):** ସାମାଜିକ ଅନୁଷ୍ଠାନ ମାନିବକତା ପରିବାର ପକ୍ଷରୁ ସେପ୍ଟେମ୍ବର ୫ ତାରିଖ ଗୁରୁଦିବସରେ ଏକ ନିଆରା କାର୍ଯ୍ୟକ୍ରମ ଭଞ୍ଜ ଭବନ ପ୍ରେକ୍ଷାଳୟରେ କରାଯିବ। ଏ ନେଇ ଶୁକ୍ରବାର ଅପରାହ୍ନରେ ଭଞ୍ଜ ଭବନ ଆଦର୍ଶ ସାହିତ୍ୟ ଘରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଜିଲାର ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ। ମୁଖ୍ୟ ଅତିଥି ଭାବେ ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ର, ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲାର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଦୀପ ସରକାର, ସୁନ୍ଦରଗଡ଼ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ ପ୍ରଧାନ ପ୍ରମୁଖ ଅତିଥି ଏବଂ ପ୍ରାକ୍ତନ ପ୍ରଫେସର ପ୍ରଭାତ ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗ ଦେବେ ବୋଲି ମାନବିକତା ପରିବାରର ଅଧ୍ୟକ୍ଷ ପ୍ରଶାନ୍ତ ସେଠୀ ସୂଚନା ଦେଇଥିଲେ। ସରୋଜ ନାୟକ, ବାନୁ ମହାନ୍ତି, ବିଶ୍ୱରଞ୍ଜନ ରାଉତ, ସତ୍ୟବ୍ରତ ଲେଙ୍କା, ମନୋଜ ଜସୱାଲ, ଜିତେନ ମାଛଖଣ୍ଡ, ସୁବାସ କଂସାରୀ, ପ୍ରତାପ ପଟ୍ଟନାୟକ, ସୋନୁ ସିଂ, ମନୁ ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ।

# ବସ୍ତି ସମସ୍ୟା ନେଇ ଆର୍‌ଏମ୍‌ସି କମିଶନରଙ୍କୁ ଦାବିପତ୍ର ପ୍ରଦାନ

**ରାଉରକେଲା, ୧।୯ (ଦିନେଶ ମିଶ୍ର)**

ଉଦିତନଗର ସ୍ଥିତ ଖଡିଆପଡା ବସ୍ତି ବସ୍ତିବାସୀ ବିଭିନ୍ନ ସମସ୍ୟାକୁ ନେଇ ଶୁକ୍ରବାର ଆର୍‌ଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ଭେଟିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଖଡିଆପଡା ବସ୍ତିରେ ୫ଶହରୁ ଉର୍ଦ୍ଧ୍ୱ ଲୋକ ବାସ କରନ୍ତି। ବସ୍ତିରେ ପକ୍କା ରାସ୍ତାଗୁଡିକ ଖୋଳି ହୋଇଯାଇଛି। ଫଳରେ ଯାତାୟାତରେ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି। ବସ୍ତିକୁ କୌଣସି ପାନୀୟ ଜଳ ବ୍ୟବସ୍ଥା କରାଯାଇନାହିଁ। ବସ୍ତିରେ ଥିବା ଦୁଇଟି ନଳକୂପ ଉପରେ ସ୍ଥାନୀୟ ବାସିନ୍ଦା ନିର୍ଭର କରି ଚଳୁଛନ୍ତି। କୌଣସି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନାହିଁ। ଫଳରେ ବସ୍ତିବାସୀ ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ଆର୍‌ଜିଏଚ୍ ଉପରେ ନିର୍ଭର କରୁଛନ୍ତି। ବସ୍ତିରେ ଏକ ଅଙ୍ଗନୱାଡି ଗୃହ ଥିବାବେଳେ ଏହା ଭଗ୍ନ ଅବସ୍ଥାରେ ପଡି ରହିଛି। ଏଭଳି ସମସ୍ୟାକୁ ନେଇ ବସ୍ତିବାସୀ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗାମୀ ୭ ଦିନ ଭିତରେ କିଭଳି ଏସବୁ ସମସ୍ୟା ଦୂର କରିହେବ ସେ ନେଇ ପଦକ୍ଷେପ ନିଆଯିବ ବୋଲି କମିଶନର ଡ. ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ। ବସ୍ତିର ଲାଲରାମ ଲୁହାର, ଭଗତ ବାର୍ଲା, ସୁକେଶୀ କେରକେଟ୍ଟା, ଫୁଲମତି ଲୋହାର, ଶୁକ୍ରା ଓରାମ, ଗଗନ ମୁଣ୍ଡାଙ୍କ ସମେତ ବସ୍ତିବାସୀ ଉପସ୍ଥିତ ଥିଲେ।

# ଓରାମପଡ଼ା: ହଟୁନି ଅଳିଆ, ପରିବେଶ ଦୂଷିତ

**ରାଉରକେଲା, ୧।୯ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଓରାମପଡା ବସ୍ତିର ଆଦିବାସୀ ପାରମ୍ପରିକ ସଂସ୍କୃତି ଓ ସଭ୍ୟତାର ସାଧନ କେନ୍ଦ୍ର ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କେନ୍ଦ୍ର ଆଗରେ ଅଳିଆ ଆବର୍ଜନା ପଡିରହିଛି। ଏହି ଅଳିଆ ହଟାଯାଉ ନ ଥିବାରୁ ବୁଲା ଗୋରୁ ସେଗୁଡିକୁ ଖେଳାଇ ଦେଉଛନ୍ତି। ଏହାଦ୍ୱାରା ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ସେହି ରାସ୍ତାରେ ଯିବା ବେଳେ ଲୋକେ ନାକରେ କପଡା ଦେଇ ଯାତାୟାତ କରୁଛନ୍ତି। ସହରକୁ ଅଳିଆ ମୁକ୍ତ କରିବା ପାଇଁ ସମସ୍ତ ୱାର୍ଡ ଓ ଛକରେ ୧୦ ହଜାରରୁ ଉର୍ଦ୍ଧ୍ୱ ଡଷ୍ଟବିନ ଓ ଡମ୍ପିଂ ୟାର୍ଡ ସ୍ଥାପନ କରାଯାଇଛି। ଏଥିସହ ଦୈନିକ ତାହା ଅଳିଆ ଉଠା ନ ଯିବା ପରିତାପର ବିଷୟ ବୋଲି ପଡାବାସୀ କହିଛନ୍ତି। ଏ ନେଇ ଆର୍‌ଏମ୍‌ସି ସାନିଟାଇଜ ବିଭାଗର ଅନୀଲ ଲାକ୍ରାଙ୍କୁ ପଚାରିବାରୁ ସେ କହିଥିଲେ, ଓରାମ ପଡାରେ ହକି ପୂର୍ବରୁ ଜିଲା ଖଣି ବିଭାଗ ପକ୍ଷରୁ ଠିକାସଂସ୍ଥା ମାଧ୍ୟମରେ ଡଷ୍ଟବିନମାନ ସ୍ଥାପନ କରାଯିବା ସହିତ ଅଳିଆ ଉଠାଯାଉଥିଲା। ବର୍ତ୍ତମାନ ଉକ୍ତ ଠିକାସଂସ୍ଥାର ଅବଧି ସମ୍ପୂର୍ଣ୍ଣ ହୋଇଥିବାରୁ ସମସ୍ତ ଡଷ୍ଟବିନ ଉଠାଇ ଦିଆଯାଇଛି। ଆଗକୁ ପଡାରୁ ଅଳିଆ ଉଠାଣ କାର୍ଯ୍ୟ କରାଯିବ ବୋଲି ଲାକ୍ରା କହିଥିଲେ।


ଓରାମପଡା ରାସ୍ତା କଡ଼ରେ ଅଳିଆ ଆବର୍ଜନା ଗଦା ହୋଇ ରହିଛି।

# ଜମୁଛି ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଏକ୍ସପୋ ମେଳା

## ଆଫଗାନିସ୍ଥାନ ଡ୍ରାଏ ଫୁଡ୍ ଓ ଥାଇଲାଣ୍ଡ ଲାଇଟ୍ ସାଜିଛି ମୁଖ୍ୟ ଆକର୍ଷଣ

**ରାଉରକେଲା, ୧।୯ (ଦିନେଶ ମିଶ୍ର)**

ସେକ୍ଟର-୧୩ ସ୍ଥିତ ମେଳଣ ପଡିଆରେ ଚାଲିଥିବା ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଏକ୍ସପୋ ମେଳାରେ ଭିଡ଼ ଜମୁଛି। ମେଳାରେ ଲାଗିଥିବା ୨୫୦ଟି ଷ୍ଟଲ ମଧ୍ୟରୁ ବିଶେଷ କରି ଗ୍ରାହକମାନେ ଆଫଗାନିସ୍ଥାନ ଡ୍ରାଏ ଫୁଡ ଓ ଥାଇଲାଣ୍ଡର ଲାଇଟ୍‌କୁ ପସନ୍ଦ କରୁଛନ୍ତି। ଥାଇଲାଣ୍ଡ, ଆଫଗାନିସ୍ଥାନ, ବାଙ୍ଗଲାଦେଶ, ମାଲେସିଆ ସମେତ ଭାରତର ଦିଲ୍ଲୀ, ପଞ୍ଜାବ, ମୁମ୍ବାଇ, ମଧ୍ୟପ୍ରଦେଶ ଭଳି ରାଜ୍ୟର ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟ ଉପକରଣକୁ ଷ୍ଟଲ ମାଧ୍ୟମରେ ପ୍ରଦର୍ଶନ କରିଛନ୍ତି। ମେଳାରେ ମାଲେସିଆ ଫାଉଣ୍ଟେନ୍, ବାଙ୍ଗଲାଦେଶର ସିଲ୍‌କି ଶାଢି ସମେତ ଦିଲ୍ଲୀର ବିଭିନ୍ନ ଗାର୍ମେଣ୍ଟ୍‌ସ, ଆସାମର ହ୍ୟାଣ୍ଡଲୁମ, ବୋଧେଇର କାରପେଟ, କେରଳର ହାଲୁଆ, ପଞ୍ଜାବର ଦମ୍ ବିରିୟାନି ସହ ପାଓ ଷ୍ଟଲରେ ଗ୍ରାହକଙ୍କ ଭିଡ ଦେଖିବାକୁ ମିଳୁଛି। ସେହିପରି ମେଳାରେ ଖାଦ୍ୟ ବ୍ୟଞ୍ଜନ ଉପରେ ବିଭିନ୍ନ କିସମର ଖଟା, କୋବି ଚିଲି ମସଲା, ମିକ୍ସଚର ସାଙ୍ଗକୁ କନ୍ଧମାଳ ହଳଦୀ ଓ ଦେଶୀ କୋଳଥ ଡାଲି ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରୁଛି। ଅନ୍ୟପକ୍ଷେ ମେଳାର ଆୟୋଜକ ମଣ୍ଡଳୀ ପକ୍ଷରୁ ପ୍ରତିଦିନ ହେଉଥିବା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଗ୍ରାହକଙ୍କୁ ଆକର୍ଷିତ କରୁଛି। ଏହି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ ପୁରସ୍କୃତ କରାଯିବ ବୋଲି ଆୟୋଜକ ମଣ୍ଡଳୀ ସଦସ୍ୟ ବୀର ବାହାଦୂର ସିଂହ ସୂଚନା ଦେଇଛନ୍ତି। ସହରରେ ଏହି ମେଳା ଆଉ ମାତ୍ର ୧୦ ହେବ। ତେଣୁ ଏହାର ଭରପୁର ସୁଯୋଗ ନେବା ପାଇଁ ଆୟୋଜକ ମଣ୍ଡଳୀ ପକ୍ଷରୁ କୁହାଯାଇଛି।


ମେଳାରେ ଲାଗିଥିବା ଡ୍ରାଏ ଫୁଡ୍ ଷ୍ଟଲରେ ଭିଡ଼।



ବାଉଁଶ ନିର୍ମିତ ସାମଗ୍ରୀ ଷ୍ଟଲ।

## ସଂକ୍ଷେପରେ

### ଖରିଆର ରୋଡ, ଡୁରୁମପୁରି ଫିଡର କାର୍ଯ୍ୟକ୍ଷମ

ସମ୍ବଲପୁର,୧୯(ବି.ଶଙ୍କର):

ଟିପିଡବ୍ଲ୍ୟୁଡିଏଲ୍ ପକ୍ଷରୁ ନୂତନ ଭାବେ ନିର୍ମିତ ନୂଆପଡା ଜିଲାର ଖରିଆର ରୋଡ ଓ ଡୁରୁମପୁରି ଫିଡର କାର୍ଯ୍ୟକ୍ଷମ ହୋଇଛି। ଏହାଦ୍ୱାରା ଅଞ୍ଚଳର ଉପଭୋକ୍ତାମାନେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପାଇପାରିବେ। ପୂର୍ବରୁ ଏହି ଅଞ୍ଚଳକୁ ଅନ୍ୟ ପ୍ରାଥମିକ ସବ୍‌ଷ୍ଟେଶନ ମାଧ୍ୟମରେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଉଥିଲା। ଘଞ୍ଚ ଜଙ୍ଗଲ ମଧ୍ୟରେ ତ୍ରୁଟି ପରିଲକ୍ଷିତ ହେଲେ ପୁନଃ ସଂଯୋଗ କରିବା ସକାଶେ କର୍ମଚାରୀମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ବର୍ତ୍ତମାନ ଏହି ନୂତନ ଫିଡର କାର୍ଯ୍ୟକ୍ଷମ ହେବା ଦ୍ୱାରା ଅଞ୍ଚଳବାସୀ ସମ୍ମୁଖୀନ ହେଉଥିବା ବିଦ୍ୟୁତ୍ ସମସ୍ୟାରୁ ମୁକ୍ତି ପାଇପାରିବେ। ଏହାବ୍ୟତୀତ ନୂଆପଡା ବିଦ୍ୟୁତ୍ ଡିଭିଜନ ଅନ୍ତର୍ଗତ ନୂତନ ଭାବେ ନିର୍ମିତ ଗ୍ରୀଡ ସବ୍‌ଷ୍ଟେଶନ ଭେରାଠାରୁ ଗୁରୁଭେଜ ରାଇମିଲ ପର୍ଯ୍ୟନ୍ତ ପ୍ରାୟ ୫.୬ କିଲୋମିଟର ଏବଂ ଗ୍ରୀଡ ସବଷ୍ଟେଶନ ଭେରାଠାରୁ କୋକସରା ଛକ ୧୨.୪ କିମି ୩୩ କେଭି ଲାଇନ ଆସନ୍ତା ୩ ତାରିଖଠାରୁ ଯେକୌଣସି ମୁହୂର୍ତ୍ତରେ କାର୍ଯ୍ୟକ୍ଷମ କରାଯିବ। ତେଣୁ ଜନସାଧାରଣ ସତର୍କ ରହିବାକୁ କମ୍ପାନୀ ପକ୍ଷରୁ ଅନୁରୋଧ କରାଯାଇଛି।

### ଦିନୁ ଅଗ୍ରୱାଲଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀଙ୍କ ଶୋକ

ସମ୍ବଲପୁର,୧୯(ଶୁଭାଶିଷ ପାଢ଼ୀ)

କୁଚିଣ୍ଡାର ବରିଷ୍ଠ ବିଜେଡି ନେତା ଦୀନବନ୍ଧୁ ଅଗ୍ରୱାଲଙ୍କ ବିୟୋଗରେ ରେଢ଼ାଖୋଲ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ସାମାଜିକ କର୍ମୀ ତଥା ବିଜୁ ଜନତା ଦଳର ଜଣେ ବରିଷ୍ଠ ନେତା ଭାବରେ ଦୀନବନ୍ଧୁ ବେଶ୍ ଜଣାଶୁଣା ଥିଲେ। ତାଙ୍କ ପରଲୋକ କେବଳ ଦଳ ନୁହେଁ ବ୍ୟକ୍ତିଗତ ଭାବେ ବଡ କ୍ଷତି ବୋଲି କହିଛନ୍ତି। ବିଜେଡି ଜିଲା ସଭାପତି ରହିଥିବା ବେଳେ ଦିନୁଭାଇ ଦଳରେ ସାମିଲ ହୋଇଥିଲେ। ତାଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ ଦଳର ସଂଗଠନକୁ ମଜବୁତ କରିବା ସହ କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ବିଜେଡିକୁ ସଫଳତା ଦେଇଛି। ମା' ସମଲେଇ ଓ ପ୍ରଭୁ ଜଗନ୍ନାଥ ତାଙ୍କ ପରିବାରକୁ ସାହସ ଓ ଧୈର୍ଯ୍ୟ ପ୍ରଦାନ କରନ୍ତୁ।

### ୧୦ରେ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା

ସମ୍ବଲପୁର,୧୯(ବି.ଶଙ୍କର):

ରାଜ୍ୟସ୍ତରୀୟ ଖଟେଶ୍ୱର ପାଣ୍ଡେ ସ୍ମାରକୀ ସନ୍ତରଣ ପ୍ରତିଯୋଗିତା ଆସନ୍ତା ୧୦ତାରିଖରେ ହେବାକୁ ସ୍ଥିର ହୋଇଛି। ଓଡ଼ିଶା ମାଷ୍ଟର୍ସ ସୁଇମର୍ସ କ୍ଲବ ଆୟୋଜନରେ ସମ୍ବଲପୁରସ୍ଥିତ ଡାକ୍ତର ଝସକେତନ ସାହୁ ସନ୍ତରଣାଗାରଠାରେ ଇଭେଣ୍ଟଗୁଡିକ ହେବ। ୫୦ମିଟର ଫ୍ରିଷ୍ଟାଇଲ, ବଟର ଫ୍ଲାଏ, ବେଷ୍ଟଷ୍ଟ୍ରୋକ ଓ ବେକ୍ ଷ୍ଟ୍ରୋକ ଇଭେଣ୍ଟରେ ୫ବର୍ଷରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେଇପାରିବେ। କୃତୀମାନଙ୍କୁ ଟ୍ରଫି ସହ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ଶୁକ୍ରବାର ଆୟୋଜକ ଅନୁଷ୍ଠାନର ସମ୍ପାଦକ ସୁନ୍ଦରମଣୀ ବାରିକ ସୂଚିତ କରିଛନ୍ତି।

### ଧବଳେଶ୍ୱର ଶିବମନ୍ଦିର ରୁଦ୍ରାଭିଷେକ ପୂର୍ଣ୍ଣାହୁତି

କୁଚିଣ୍ଡା,୧୯(ବିରଞ୍ଚି ଦର୍କା):

ଶ୍ରାବଣ ଶୁକ୍ଳପକ୍ଷ ପ୍ରତିପଦାଠାରୁ ୧୫ଦିନ ଧରି ଶ୍ରାବଣୀ ଯଜ୍ଞ ଉପଲକ୍ଷେ ଅନୁଷ୍ଠିତ ରୁଦ୍ରାଭିଷେକର ଗୁରୁବାର ପୂର୍ଣ୍ଣାହୁତି ପଡିଛି। ବାମରା ଅଞ୍ଚଳର ସର୍ବ ପୁରାତନ କେଛୁପାଣିସ୍ଥିତ ଶୈବପୀଠ ଧବଳେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ହୋଇଥିବା ଏହି ଶ୍ରାବଣୀ ଯଜ୍ଞରେ ୧୭ ଦମ୍ପତି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଯଜ୍ଞକୁ ପଣ୍ଡିତ ଭାବେ ଗୌରାଙ୍ଗ ତ୍ରିପାଠୀ, ପ୍ରକାଶ ପାଣିଗ୍ରାହୀ, ଗୋବିନ୍ଦ ତ୍ରିପାଠୀ ଓ ସୁରଜ ମିଶ୍ର ପରିଚାଳନା କରିଥିଲେ। ଶୈବପୀଠରେ ୧୫ଦିନ ହୋଇଥିବା ରୁଦ୍ରାଭିଷେକ ଅଞ୍ଚଳରେ ଆଧାତ୍ମିକ ଭାବ ସୃଷ୍ଟି କରିଛି। କେଛୁପାଣି ଧବଳେଶ୍ୱର ମହାଦେବ ମନ୍ଦିର ଉନ୍ନୟନ କମିଟି ସଭାପତିଙ୍କ ସମେତ ସମସ୍ତ କର୍ମକର୍ତ୍ତା ଏହାକୁ ପରିଚାଳନା କରିଥିଲେ।

# ଲୋକକଳା ମାଧ୍ୟମରେ ହେବ ସଚେତନତା

## ୨ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ସମ୍ବଲପୁର,୧୯(ଶୁଭାଶିଷ ପାଢ଼ୀ)


ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ କରାଯାଉଛି।

ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନ ସଚେତନତା ସୃଷ୍ଟି ପାଇଁ ଲୋକକଳା କଳାକାରଙ୍କ ସହଯୋଗ ନିଆଯିବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟର ସମସ୍ତ ଜିଲାର ପାଲା, ଦାସକାଠିଆ, ଘୋଡାନାଚ ଭଳି ଲୋକକଳା ମାଧ୍ୟମରେ ପ୍ରତି ବ୍ଲକ, ପଞ୍ଚାୟତ, ଗ୍ରାମାଞ୍ଚଳରେ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲାର ସମସ୍ତ ବ୍ଲକରୁ ଆସିଥିବା କଳାକାରଙ୍କୁ ନେଇ ୨ ଦିନିଆ କର୍ମଶାଳା ଆରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ସମାଜର ପ୍ରତ୍ୟେକ ବର୍ଗର ଲୋକ ବିଭିନ୍ନ ଜନ ହିତକର ଯୋଜନାରେ ସାମିଲ ହେବାର ଆବଶ୍ୟକତା ରହିଛି। ଲୋକକଳା ହିଁ ଗ୍ରାମାଞ୍ଚଳର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆକୃଷ୍ଟ କରିପାରିବ। ପ୍ରତ୍ୟେକ ବ୍ଲକରୁ ଆସିଥିବା ପ୍ରମୁଖ କଳାକାର, ବିଏସ୍‌ଏସ୍‌ଓ ଏଥିରେ ଯୋଗ ଦେଇଥିଲେ। ଏଠାରୁ ପ୍ରଶିକ୍ଷଣ ନେଇ କଳାକାରମାନେ ସମ୍ପୃକ୍ତ ବ୍ଲକର ପ୍ରଶିକ୍ଷକଙ୍କୁ ତାଲିମ ଦେବେ। ସାଂସ୍କୃତିକ ସଂଘକୁ ଏଥିରେ ସାମିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଷ୍ଟେଟ ରିସୋର୍ସ ପର୍ସନ ଅଜୟ କୁମାର ମିଶ୍ର, ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି, ଡିଏସଏସଓ, ଡିପିସି ମିଶନ ଶକ୍ତି, ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# କେନ୍ଦୁପତ୍ର ବୋଝେଇ ପିକ୍‌ଅପ୍ ଜବତ


ଜବତ କେନ୍ଦୁପତ୍ର ବୋଝେଇ ଭ୍ୟାନ୍।

ରେଢାଖୋଲ,୧୯(ଅଚ୍ୟୁତାନନ୍ଦ ପୁରୋହିତ):

ରେଢାଖୋଲ ବନଖଣ୍ଡର ମୋବାଇଲ ଟିମ୍ ଗୁରୁବାର ରାତିରେ ଚୋରା ଚାଲାଣ ବେଳେ କେନ୍ଦୁପତ୍ର ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ହେଲେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ଫେରାର ହୋଇଯାଇଥିବା ବନ ବିଭାଗ ସୂଚନା ଦେଇଛି। ସୂଚନାମତେ ଓଆର୍ ୧୫ଆର-୫୦୮୬ନଂ. ପିକ୍‌ଅପ୍ ଭ୍ୟାନରେ କେନ୍ଦୁପତ୍ର ଚୋରାଚାଲାଣ ହେଉଥିବା ନେଇ ଡିଏଫ୍‌ଓ ଅରବିନ୍ଦ ମହାନ୍ତି ସୂଚନା ପାଇ ମୋବାଇଲ ଟିମ୍‌କୁ ଚଢାଉ ନିର୍ଦ୍ଦେଶ ଦେଇଥିଲେ। ଏସିଏଫ୍ ଦେବୀପ୍ରସାଦ ରାଉତଙ୍କ ନେତୃତ୍ୱରେ ବଡମାଳ ରେଞ୍ଜର ପ୍ରଦୀପ ସେଠୀ, ଚାରମାଳ ରେଞ୍ଜର ଦର୍ଶନିଆ ଭୋଇ ପ୍ରମୁଖ ପିକ୍‌ଅପ୍ ପିଛା କରି ବଡମାଳ-ଯୁଯୁମୁରା ରାସ୍ତାରେ ଜବତ କରିଥିଲେ। ଭ୍ୟାନରେ ୨୭୬ ବଣ୍ଡଲ କେନ୍ଦୁପତ୍ର ଚାଲାଣ ହେଉଥିଲା। ଏ ନେଇ ବଡମାଳ ରେଞ୍ଜରେ ଏକ ମାମଲା ରୁଜୁ କରାଯାଇଛି।

# କ୍ୟାଡର ପୁନର୍ଗଠନ ବିଳମ୍ବ: କୃଷି ଅଧିକାରୀଙ୍କ ଆନ୍ଦୋଳନ


ଆନ୍ଦୋଳନରେ ସାମିଲ କୃଷି ଅଧିକାରୀ।

କୁଚିଣ୍ଡା,୧୯(ବିରଞ୍ଚି ଦର୍କା):

କୁଚିଣ୍ଡା କୃଷି ଜିଲା ଅଧୀନ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକରେ କାର୍ଯ୍ୟରତ କୃଷି ଅଧିକାରୀ କ୍ୟାଡର ପୁନର୍ଗଠନ ବିଳମ୍ବ ହେଉଥିବା ପ୍ରତିବାଦ କରି ଗୁରୁବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସାମୂହିକ ଛୁଟିରେ ଅଛନ୍ତି। ଏହି ମର୍ମରେ ସେମାନେ କୁଚିଣ୍ଡା କୃଷି ଜିଲା ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି। ୨୦୧୯ରେ ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥା କୃଷି ଶିକ୍ଷାକୁ ବୃତ୍ତିଗତ ମାନ୍ୟତା ପ୍ରଦାନ କରିଥିବାରୁ ତଦନୁଯାୟୀ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗ, ଯାନ୍ତ୍ରିକ ବିଭାଗ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗରେ ବୃତ୍ତିଗତ ଶିକ୍ଷାଧାରୀଙ୍କୁ ପ୍ରଥମଶ୍ରେଣୀ ପାହ୍ୟାରେ ନିଯୁକ୍ତି ଦେଉଛନ୍ତି। କିନ୍ତୁ ସରକାର କୃଷି ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ କୃଷି ବିଭାଗର ପ୍ରଥମ ଶ୍ରେଣୀ ପାହ୍ୟାରେ ନିଯୁକ୍ତି ନ ଦେଇ ପାତରଅନ୍ତର କରୁଛନ୍ତି। କୃଷି ବିଭାଗରେ ପୂର୍ବରୁ ମାତ୍ର ୧୩ଗୋଟି ଯୋଜନା ଥିବା ବେଳେ ଏବେ ତାହା ୩୯ରେ ପହଞ୍ଚିଛି। ଏତେ ଯୋଜନା କାର୍ଯ୍ୟକାରୀ କରିବାରେ ସୀମିତ ସଂଖ୍ୟକ କୃଷି ଅଧିକାରୀଙ୍କ ପାଇଁ ମାନସିକ ଚାପ ପଡୁଛି। ଏପରିସ୍ଥଳେ ଚାକିରି କ୍ଷେତ୍ରରେ ପଦୋନ୍ନତିରେ ବ୍ୟାଘାତ ସୃଷ୍ଟି ନ ହେବାକୁ କ୍ୟାଡର ପୁନର୍ଗଠନ କରିବାକୁ ସେମାନେ ଦାବି କରିଛନ୍ତି। ସରକାର ଏ ଦିଗରେ ପଦକ୍ଷେପ ନ ନେବା ପର୍ଯ୍ୟନ୍ତ ସାମୂହିକ ଛୁଟିରେ ରହି ଆନ୍ଦୋଳନ କରିବେ ବୋଲି ପ୍ରକାଶ କରିଛନ୍ତି। ଏହି ଆନ୍ଦୋଳନରେ କୁଚିଣ୍ଡା କୃଷି ଜିଲା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ବ୍ଲକ କୃଷି ଅଧିକାରୀ ଦେବାନନ୍ଦ ସାହୁ, ଶାନ୍ତନୁ କୁମାର କରାଲି, ସହକାରୀ କୃଷି ଅଧିକାରୀ ଚନ୍ଦ୍ରଭାନୁ ମାଝି, ତନ୍ମୟ କୁମାର ମୁର୍ମୁ, ପୃଥ୍ୱୀରାଜ ଭୋଇ ପ୍ରମୁଖ ସାମିଲ ହୋଇଛନ୍ତି।

### କୁଚିଣ୍ଡାକୁ ସ୍ୱତନ୍ତ୍ର ଜିଲା ଦାବି ତେଜିଲା

କୁଚିଣ୍ଡା,୧୯(ବିରଞ୍ଚି ଦର୍କା):

କୁଚିଣ୍ଡାକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବି ତେଜିବାରେ ଲାଗିଛି। ସରକାର କୁଚିଣ୍ଡାକୁ ଜିଲା ଘୋଷଣା ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ଗୁରୁବାର କ୍ରିୟାନୁଷ୍ଠାନ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। କୁଚିଣ୍ଡା ଓକିଲ ସଂଘ ସଭାଗୃହରେ କ୍ରିୟାନୁଷ୍ଠାନ କମିଟି ଆବାହକ ପ୍ରମୋଦ କୁମାର ଛୁରିଆଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ ସରକାର ଏ ଦିଗରେ ପଦକ୍ଷେପ ନେଉ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବୈଠକର ନିଷ୍ପତ୍ତି କ୍ରମେ ସୋମବାରଠାରୁ କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବାକୁ ଚୂଡାନ୍ତ ହୋଇଛି। ଏଥିରେ କୁଚିଣ୍ଡା ଉପଖଣ୍ଡର ସମସ୍ତ ରାଜନୈତିକ, ସାମାଜିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଜାତି ସଙ୍ଗଠନକୁ ସାମିଲ କରି ଲଢେଇ କରିବାକୁ ରଣନୀତି ପ୍ରସ୍ତୁତ ହୋଇଛି। ଗୋଟିଏ ଦିନ ବନ୍ଦ ପାଳନ ପାଇଁ ମଧ୍ୟ ପ୍ରସ୍ତାବ ନିଆଯାଇଥିବା ଆବାହକ ଛୁରିଆ କହିଛନ୍ତି। ବୈଠକରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ଭାଜପା ସମ୍ବଲପୁର ଜିଲା ସାଧାରଣ ସମ୍ପାଦକ ଶୁଶିଳ କରଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ।

# ବ୍ଲକସ୍ତରୀୟ ଚାଳକ ଦିବସ

ନାକଟିଦେଉଳ,୧୯ (ବୈକୁଣ୍ଠ ନାଥ ସାହୁ):

ନାକଟିଦେଉଳ ବ୍ଲକ ମୁଖ୍ୟାଳୟରେ ଶୁକ୍ରବାର ଓଡ଼ିଶା ଡ୍ରାଇଭର ସଂଘ ପକ୍ଷରୁ ଚାଳକ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଡ୍ରାଇଭର ମହାସଂଘ ନାକଟିଦେଉଳ ବ୍ଲକ ଶାଖା ସଦସ୍ୟ ଗୋଧିଢିପ ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ଥାନା ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଥାନା ଅଧିକାରୀ ଧୀରେନ୍ଦ୍ର ସ୍ୱାଇଁଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ସେମାନେ ତହସିଲ କାର୍ଯ୍ୟାଳୟକୁ ଯାଇ ସେଠାରେ ତହସିଲଦାର ଅମର ଡୁଙ୍ଗଡୁଙ୍ଗ ଓ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ସାହୁ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଅମୂଲ୍ୟରତ୍ନ ମହନ୍ତଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ମହାସଂଘର ଜିଲା ସଭାପତି ଜୟନାରାୟଣ ମାହାଣା, ଉପସଭାପତି ସନାତନ ପରିଡ଼ା, ସମ୍ପାଦକ ରାଜୁ ବିଶ୍ୱାଳ, ସହ ସମ୍ପାଦକ ଟୁନା ପାତ୍ର, ବ୍ଲକ ସଭାପତି ରଞ୍ଜିତ ସାହୁ, ସମ୍ପାଦକ ସୁଜିତ କୁମାର ନାଏକ, କୋଷାଧ୍ୟକ୍ଷ ପ୍ରାଣବନ୍ଧୁ ସେଠ, ସହସମ୍ପାଦକ ନରହରି ମାଝି ସାମିଲ ଥିଲେ।

# ବରିଷ୍ଠ ବିଜେଡି ନେତାଙ୍କ ପରଲୋକ

କୁଚିଣ୍ଡା,୧୯(ବିରଞ୍ଚି ଦର୍କା):


ଦୀନବନ୍ଧୁ ଅଗ୍ରୱାଲ।

କୁଚିଣ୍ଡାର ବରିଷ୍ଠ ବିଜେଡି ନେତା ତଥା ଘରୋଇ ବସ୍ ମାଲିକ ସଂଘ ସଭାପତି ଦୀନବନ୍ଧୁ ଅଗ୍ରୱାଲଙ୍କ ଶୁକ୍ରବାର ପରଲୋକ ଘଟିଛି। ତାଙ୍କୁ ୫୮ବର୍ଷ ହୋଇଥିଲା। କିଛିଦିନ ପୂର୍ବରୁ ସେ ଉତ୍ତର ଭାରତର କେତେକ ଶୈବପୀଠକୁ ଜଳାଭିଷେକ ପାଇଁ ଯାଇଥିଲେ। ସେଠାରୁ ଫେରିବା ପରେ ତାଙ୍କୁ ଥଣ୍ଡା ଜ୍ୱର ହୋଇଥିଲା। ବୁଧବାର ସନ୍ଧ୍ୟାରେ ସେ ଗୁରୁତର ଅସୁସ୍ଥ ହୋଇପଡିବାରୁ ତାଙ୍କୁ ବୁର୍ଲାସ୍ଥିତ ଏକ ଘରୋଇ ମେଡିକାଲ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ ଗୁରୁବାର ସନ୍ଧ୍ୟାରେ ତାଙ୍କୁ ଭୁବନେଶ୍ୱର ଆମ୍ରି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଭୋରରେ ତାଙ୍କର ମୃତ୍ୟୁ ହୋଇଥିଲା। ମର ଶରୀର କୁଚିଣ୍ଡାରେ ପହଞ୍ଚିବା ପରେ ଅନ୍ତିମ ଦର୍ଶନ ପାଇଁ ବାସଭବନ ପରିସର ଲୋକାରଣ୍ୟ ହୋଇଥିଲା। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ପୂର୍ବତନ ମନ୍ତ୍ରୀ ତଥା ଭଟ୍‌ଲି ବିଧାୟକ ସୁଶାନ୍ତ ସିଂ, ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଜିଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ବିଜେଡି ସମ୍ବଲପୁର ଜିଲା ସଭାପତି ସିଦ୍ଧାର୍ଥ ଦାସ, ପୂର୍ବତନ ଜିଲା ସଭାପତି ପ୍ରମୋଦ ରଥ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କର ମୃତ୍ୟୁରେ ଶୁକ୍ରବାର ଘରୋଇ ବସ୍ ଚଳାଚଳ ସାଙ୍ଗକୁ ଦୋକାନ ବଜାର ବନ୍ଦ ରହିଥିଲା। ଝୁଲେନପୋଲ ନିକଟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଶେଷଯାତ୍ରାରେ ସରକାର ଦିଅନ୍ତୁ ସହାୟତା

## ନୂତନ ରାଜଘାଟକୁ ମୃତଦେହ ଆଣିବାରେ ସମସ୍ୟା

ସମ୍ବଲପୁର,୧୯(ଶୁଭାଶିଷ ପାଢ଼ୀ)


ଜିଲାପାଳଙ୍କ ଅଫିସ ସମ୍ମୁଖରେ ଭାଜପା ପ୍ରତିନିଧି।

ସମ୍ବଲପୁର ସହର ମା' ପାଟଣେଶ୍ୱରୀ ମନ୍ଦିର ଦକ୍ଷିଣ ପାର୍ଶ୍ୱ ମହାନଦୀ କୂଳରେ ମୃତଦେହ ସତ୍କାର ପାଇଁ ରାଜଘାଟ ରହିଥିଲା। ହେଲେ ସୌନ୍ଦର୍ଯ୍ୟକରଣ ନାମରେ ସମଲେଇ ଯୋଜନାରେ ଏହାକୁ ମାଟିରେ ମିଶାଇ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିଲା। ଏବେ ଦୂରଦୂରାନ୍ତରୁ ମୃତଦେହ ରାଜଘାଟକୁ ଆଣିବାରେ ମୃତକ ପରିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସହରରେ କେତେକ ସଂସ୍ଥା ଦ୍ୱାରା ଶବବାହକ ଗାଡି ପରିଚାଳିତ ହେଉଛି। ହେଲେ ଏତେବଡ଼ ସହର ପାଇଁ ପର୍ଯ୍ୟାପ୍ତ ନୁହେଁ। ତେଣୁ ପ୍ରଶାସନ ପକ୍ଷରୁ ମାଗଣାରେ ମହାପ୍ରୟାଣ ଗାଡି ସେବା ଯୋଗାଇ ଦିଆଯାଉ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କୁ ଦାବିପତ୍ର ଦିଆଯାଇଛି। ସହରବାସୀଙ୍କ ହିତ ଦୃଷ୍ଟିରୁ ଦେୟମୁକ୍ତ ୧୦ଟି ମହାପ୍ରୟାଣ ଯାନ ରାଜଘାଟରେ ଅବସ୍ଥାପିତ କରାଯାଉ ବୋଲି ଦର୍ଶାଯାଇଛି। ଏଥିରେ ପୂର୍ବତନ ଜିଲା ଯୁବମୋର୍ଚ୍ଚା ସଭାପତି ସୂର୍ଯ୍ୟ ପାଣିଗ୍ରାହୀ, ପୂର୍ବତନ ରାଜ୍ୟ ସମ୍ପାଦିକା ସବିତା ନନ୍ଦ, ପୂର୍ବତନ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ଦେଓକିରଣ ପଟ୍ଟନାୟକ, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ଆରତିଲତା ବରାଡ଼, ପୂର୍ବତନ ଜିଲା ଉପସଭାପତି ଶ୍ରୀକାନ୍ତ ପାଣିଗ୍ରାହୀ, ପୂର୍ବତନ ଜିଲା ପଛୁଆବର୍ଗ ସଭାପତି ସରୋଜ ସାହୁ ଓ ଡାକ୍ତର ପ୍ରଭାସ ଦେବତା ପ୍ରମୁଖ ସାମିଲ ଥିଲେ।

### ଗାୟତ୍ରୀ ଶକ୍ତିପୀଠରେ ଶ୍ରାବଣୀ ପର୍ବ

ସମ୍ବଲପୁର,୧୯(ବି.ଶଙ୍କର):

ସମ୍ବଲପୁର କମଳି ବଜାରସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଶ୍ରାବଣୀ ପର୍ବ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞଶାଳାରେ ଗାୟତ୍ରୀ ଯଜ୍ଞର ବିଶେଷ ପୂଜନ କରାଯାଇଥିଲା। ଏଥିସହ ହରିଦ୍ୱାରରୁ ଅଣାଯାଇଥିବା ଶକ୍ତି କଳସ ସମ୍ମୁଖରେ ଶୁକ୍ରବାରଠାରୁ ଜପ ଆରମ୍ଭ ହୋଇଛି । ଏହା ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଶକ୍ତିପୀଠର ମ୍ୟାନେଜିଂ ଟ୍ରଷ୍ଟି ଉପେନ୍ଦ୍ର କୁମାର ପାଢ଼ୀ, ସତ୍ୟନାରାୟଣ ପଟେଲ ଓ ବସନ୍ତ ଦାଶ ପୂଜାର୍ଚ୍ଚନା କରିଥିଲେ। ଜିଲା ସଂଯୋଜକ ମଦନ ମୋହନ ପାତ୍ରଙ୍କ ତତ୍ତ୍ୱାବଧାନରେ ମହିଳା ମଣ୍ଡଳ ସଭ୍ୟା ଯଜ୍ଞ ସଞ୍ଚାଳନ କରୁଛନ୍ତି। ଯେଉଁମାନେ ଆସିପାରିବେ ନାହିଁ ସେମାନେ ନିଜ ଘରେ ୧୦୮ କୁଣ୍ଡିୟ ଗାୟତ୍ରୀ ମନ୍ତ୍ର ଜପ କରିପାରିବେ।

# ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ


ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ସମ୍ବଲପୁର,୧୯(ବି.ଶଙ୍କର):

ଶ୍ରାବଣ ପୂର୍ଣ୍ଣମା ତିଥିରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହିକ୍ରମରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅମୃତ ବିହାରସ୍ଥିତ ପ୍ରତିମୂର୍ତ୍ତିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି। ପ୍ରତିମୂର୍ତ୍ତି ତଳେ ଗଙ୍ଗାଧର ପ୍ରେମୀ ସମବେତ ହୋଇ ସ୍ୱଭାବ କବିଙ୍କ ରଚିତ କବିତା ଗାନ କରିଥିଲେ। ସନ୍ଧ୍ୟାରେ ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଉତ୍ସବ ହୋଇଥିଲା। ଅନୁଷ୍ଠାନର ଉପସଭାପତି ଶିବନାରାୟଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ଦେଇଥିଲେ। ଗଙ୍ଗାଧର ସଂଗୀତ ପ୍ରତିଯୋଗିତାର ବିଚାରକ ବିଭୂତି ପଟ୍ଟନାୟକ, ତ୍ରିଲୋଚନ ତ୍ରିପାଠୀ ଓ ବ୍ରଜେନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଗଙ୍ଗାଧର ନାରୀ ସଶକ୍ତୀକରଣର କର୍ଣ୍ଣଧାର

ପଡିଆବାହାଲ,୧୯(ରାଧାମୋହନ ଷଡ଼ଙ୍ଗୀ): ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତର ବଡଡୁରାଙ୍ଗଠାରେ ଗଙ୍ଗାଧରଙ୍କ ମେହେରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଭୁଲିଆ ସମାଜ ପକ୍ଷରୁ ଆୟୋଜିତ ସଭାରେ ଡା. ରାଜକୁମାର ବଡପଣ୍ଡା ମୁଖ୍ୟଅତିଥି, ଗୀତିକାର ଅଧ୍ୟାପକ ଜତିନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା, ଭୁଲିଆ ସମାଜ ଝାରସୁଗୁଡା ସଂଯୋଜକ ପବିତ୍ର ମେହେର ସମ୍ମାନିତ ଅତିଥି ଓ ଡା. ରାଜାରାମ ଷଡଙ୍ଗୀ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଗଙ୍ଗାଧର ମେହେରଙ୍କୁ ସଂଘର୍ଷର ସାରଥୀ, ନାରୀ ସଶକ୍ତୀକରଣର କର୍ଣ୍ଣଧାର, ପ୍ରାଚ୍ୟ ପରମ୍ପରାର ସୃଜନଶୀଳ ସ୍ରଷ୍ଟା ଭାବେ ଅଭିହିତ କରିଥିଲେ। ଭୁଲିଆ ସମାଜ ସଭାପତି ସଞ୍ଜୟ ମେହେରଙ୍କ ଅଧ୍ୟକ୍ଷତା ଓ କିଶୋର ମେହେରଙ୍କ ସଂଯୋଜନାରେ ସଭା ହୋଇଥିଲା। ପ୍ରାରମ୍ଭରେ ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହାକୁ ଦାମୋଦର ମେହେର, ଶିବ ମେହେର, ଭୋଜରାଜ ମେହେର, ଶଙ୍କର ମେହେର, ବିଜୟ ମେହେର ପରିଚାଳନା କରିଥିଲେ।

# ବ୍ଲକ ଅଫିସରେ ଯୁବକଙ୍କ ଉନ୍ମତ୍ତ କାଣ୍ଡ

## ୫-ଟି ସ୍କୁଲ ବିଲ୍ ଟଙ୍କା ପାଇ ଗଣ୍ଡଗୋଳ

ସମ୍ବଲପୁର,୧୯(ଶୁଭାଶିଷ ପାଢ଼ୀ)


ଯୁଯୁମୁରା ବ୍ଲକ ପରିସରରେ ପଡିଥିବା ଚେୟାର ।

ଯୁଯୁମୁରା ବ୍ଲକ ଅଫିସରେ ଜଣେ ଯୁବକ ଶୁକ୍ରବାର ଉନ୍ମତ୍ତକାଣ୍ଡ କାଣ୍ଡ ଭିଆଇଛନ୍ତି। ସୂଚନାକ୍ରମେ ଯୁବକ ଜଣକ ୫-ଟି ସ୍କୁଲ ବିଲ୍ ପାଇଁ ଜିଲାପାଳଙ୍କଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ବାରମ୍ବାର ଅନୁରୋଧ କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ଅପରାହ୍ନରେ ବ୍ଲକ ଅଫିସ ଆସି ପାଟିତୁଣ୍ଡ କରିବା ସହ ଚେୟାର ଫିଙ୍ଗାଫୋପଡା କରିଥିଲେ। ଏହାକୁ ନେଇ ବିଡିଓ ଯୁଯୁମୁରା ପୋଲିସକୁ ଫୋନରେ ଅଭିଯୋଗ କରିଥିଲେ। ପୋଲିସ ପିସିଆର ଆସି ଯୁବକଙ୍କୁ ଥାନାକୁ ନେଇଥିଲା। ରାତି ୮ଟା ପର୍ଯ୍ୟନ୍ତ ପୋଲିସ ତାଙ୍କୁ ଥାନାରେ ଅଟକ ରଖିଥିଲା। ହେଲେ ବିଡିଓ ଲିଖିତ ଭାବେ ଅଭିଯୋଗ ନ କରିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ବାମଦେବ ଶଙ୍ଖୁଆଳ କହିଛନ୍ତି, ବିଡିଓଙ୍କ ଫୋନକଲ ପାଇ ପୋଲିସ ଯୁବକଙ୍କୁ ଉଠାଇ ଆଣିଥିଲା। ଯୁବକ ଜଣଙ୍କ ନିଶାସକ୍ତ ଥିବା ଜଣାପଡୁଥିଲା। ସେ ବ୍ଲକ ପରିସରରେ ପାଟିତୁଣ୍ଡ କରୁଥିଲେ। ହେଲେ ବିଡିଓ ଲିଖିତ ଅଭିଯୋଗ କରିନାହାନ୍ତି। ଥାନାରେ ଯୁବକ ଅଟକ ରହିଛନ୍ତି। ଅଭିଯୋଗ ହେବା ପରେ ପଦକ୍ଷେପ ଗ୍ରହଣ କରାଯିବ। ୫-ଟି ସ୍କୁଲ କାମରେ ବିଲ ଟଙ୍କା ନ ମିଳିବାରୁ କାମ କରିଥିବା ଯୁବକ ଏଭଳି କାଣ୍ଡ କରିଥିବା ତାଙ୍କ ବୟାନରେ ସେ କହିଛନ୍ତି।

## କର୍ଲାମୁଣ୍ଡା ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ଡ୍ରାଇଭର ଦିବସ

କର୍ଲାମୁଣ୍ଡା,(ପ୍ରଦୀପ କୁମାର ସାହୁ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ସାଧାରଣ ପରେଡ଼ ପଡ଼ିଆଠାରେ ଶୁକ୍ରବାର ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ଡ୍ରାଇଭର ଦିବସ ପାଳନ ହୋଇଯାଇଛି। ବ୍ଲକ ଡ୍ରାଇଭର ସଂଘ ସଭାପତି କାମଦେବ ଭୋଇଙ୍କ ସଭାପତିତ୍ୱରେ ସଂଘ କର୍ମକର୍ତ୍ତାମାନେ ଯୋଗଦେଇ କେକ କାଟିବା ସହ ଡ୍ରାଇଭର ଦିବସ ପାଳନର ଲକ୍ଷ୍ୟ ଉଦେଶ୍ୟ ସହିତ ସଂଘକୁ ମଜଭୁତ କରିବା, ନିଶା ସେବନକୁ ବିରୋଧ କରିବା ଓ ଦ୍ରୁତ ଗତିରେ ଗାଡି ନ ଚଲେଇବାକୁ ଆଲୋଚନା କରିଥିଲେ। ଏଥିରେ ବ୍ଲକର ସମସ୍ତ ଡ୍ରାଇଭର ଯୋଗଦେଇଥିଲେ।

### ସଂକ୍ଷେପରେ

## ଚୋରି ମାମଲାର ଅଭିଯୁକ୍ତଙ୍କୁ ୧୩ ମାସ ଜେଲ ଦଣ୍ଡାଦେଶ

ଭବାନୀପାଟଣା,୧।୯(ଉତ୍ତମ କୁମାର ଦାଶ)

ଟିଟିଲାଗଡ଼ ରେଲୱେ ଅଧୀନ କର୍ଲାକୋଟ ରେଲୱେ ଟ୍ରାକ ଅଞ୍ଚଳରେ ଗତ ମେ ୨ ତାରିଖରେ ୨୮ଟି ପେଣ୍ଡାଲ କ୍ଲିପ ଚୋରି କରି ନେଉଥିବା ସମୟରେ ଜଣେ ବ୍ୟକ୍ତିଙ୍କୁ ଆରପିଏଫ୍ ପୋଲିସ ପାଟ୍ରୋଲିଂ ହାତରେ ଧରାପଡିଥିଲେ। ସେ ହେଲେ କଳାହାଣ୍ଡି ଜିଲା ଏମ.ରାମପୁର ଥାନା ଅନ୍ତର୍ଗତ ସାଲେପାଲି ଗ୍ରାମର କରୁଣା ରଣା। ଏହି ଘଟଣା ନେଇ ସେତେବେଳେ ଟିଟଲାଗଡ ଆରପିଏଫ୍ ପୋଲିସ ପକ୍ଷରୁ ଏକ ମାମଲା (ନଂ. ୫/୨୩) ରୁଜୁ କରି କରୁଣା ରଣାଙ୍କୁ କୋର୍ଟ ଚାଲାଣ କରିଥିଲା। ଏହାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଭବାନୀପାଟଣା ଏସ୍‌ଡିଜେଏମ୍ ପି.ସୀତାଲକ୍ଷ୍ମୀ ସମସ୍ତ ପ୍ରମାଣ ଓ ତଥ୍ୟକୁ ଭିତ୍ତି କରି କରୁଣା ରଣାଙ୍କୁ ଦୋଷୀ ସାବ୍ୟସ୍ତ କରି ୧୩ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାକୁ ଯୁବ କ୍ୟାଡର ଏପିପି ଲକ୍ଷ୍ମୀକାନ୍ତ ପାତ୍ର ପରିଚାଳନା କରିଥିଲେ।

## ଲଡୁଗାଁରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ

କୋକସରା,୧।୯(ଦୁଷ୍ମନ୍ତ କୁମାର ପାଢୀଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପ୍ରଜାପିତା ବ୍ରହ୍ମା କୁମାରୀ ଈଶରୀୟ ବିଶ୍ୱ ବିଦ୍ୟାଳୟ ଶାଖା ଆନୁକୁଲ୍ୟରେ ରକ୍ଷାବନ୍ଧନ ଅନୁଷ୍ଠିତ ହୋଇଯାଇଛି। ଲଡୁଗାଁ ବିଶ୍ୱ ବିଦ୍ୟାଳୟ ମୁଖ୍ୟ ପ୍ରଶାସିକା ଲାତା ଭଉଣୀ ଓମ ଶାନ୍ତି ରକ୍ଷା ବନ୍ଧନ ଆଧ୍ୟାତ୍ମିକ ରହସ୍ୟ ଉପରେ ଆଲୋକପାତ କରିଥିଲେ। ତହସିଲଦାର ଦେବ୍ରତ କରାଟି ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧାପକ ଅଜୟ ମଲ୍ଲିକ, ତହସିଲର ବରିଷ୍ଠ କିରାଣୀ ବୈକୁଣ୍ଠ ବାଗ ପ୍ରମୁଖ ଯୋଗଦେଇଥିଲେ। ବ୍ରହ୍ମା କୁମାର କୁମାର ସୁବାସ ଭାଇ ମଞ୍ଚ ପରିଚାଳନା ଏବଂ ବ୍ରହ୍ମାକୁମାର ଅଶୋକ ଭାଇ ଧନ୍ୟବାଦ ଦେଇଥିଲେ। ବ୍ରହ୍ମା କୁମାର ମୁରାରୀ ଭାଇ, ବ୍ରହ୍ମା କୁମାର ବଜରଙ୍ଗ ଭାଇ, ବ୍ରହ୍ମା କୁମାର ଦାଶରଥି ଭାଇ, ପଦମସେନ ଭାଇ, ରାଧେ ଭାଇ, ସୁଧାଂଶୁ ଭାଇ, ତରୁଭଉଣୀ ପ୍ରମୁଖ ସହଯୋଗ କରିଥିଲେ। କାଶୀବାହାଲ, ଆମପାଣି, ରେଙ୍ଗାଲପାଲି, ବଡପୋଡ଼ାଗୁଡା, କେନ୍ଦୁଡଙ୍ଗରୀର ଭାଇ ଭଉଣୀ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

କୋକସରା,୧।୯(ଦୁଷ୍ମନ୍ତ କୁମାର ପାଢୀଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଟୋମୁଣ୍ଡା ପଞ୍ଚାୟତ ପିପଲଝାପର ଗ୍ରାମର ଜଣେ ଧର୍ମପରାୟଣା ବୃଦ୍ଧା ମହିଳା ଧନମତି ବିଶି (୯୫)ଙ୍କ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟ ହେତୁ ତାଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ତାଙ୍କ ଆତ୍ମୀୟ ସ୍ୱଜନ ଉପସ୍ଥିତ ରହି ଶେଷ କୃତ୍ୟ ସମ୍ପନ୍ନ କରିଥିଲେ। ଗାଁ ମଶାଣିରେ ତାଙ୍କ ପୁଅ ନରସିଂହ ବିଶି ମାଟି ଦେଇଥିଲେ। ବୃଦ୍ଧାଙ୍କ ମୃତ୍ୟୁରେ ଆତ୍ମୀୟ ସ୍ୱଜନ ମହଲରେ ଶୋକର ଛାୟା ଖେଳିଯାଇଛି।

## ପୂର୍ବତନ ମହାନିର୍ଦ୍ଦେଶକଙ୍କ ସହ ଧର୍ମିଣୀଙ୍କ ପରଲୋକ

ଖଡ଼ିଆଳ,୧।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ନିବାସୀ ତଥା ଓଡ଼ିଶା ସରକାରଙ୍କ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ସ୍ୱର୍ଗତ ଶ୍ୟାମ ନାରାୟଣ



ତିୱାରୀଙ୍କ ସ୍ତ୍ରୀ ଇନ୍ଦୁବାଳା ତିୱାରୀଙ୍କ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ହୋଇଥିଲା। ଶୁକ୍ରବାର ଭୋର ସକାଳୁ ଇନ୍ଦୁବାଳାଙ୍କ ହୃଦଘାତରେ ଭୁବନେଶ୍ୱରସ୍ଥିତ ବାସଭବନ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସ୍ୱାମୀଙ୍କ ବିୟୋଗ ପରେ ସେ ଏକାକି ଥିଲେ। ତାଙ୍କର ଦୁଇ ପୁଅ ଅଛନ୍ତି। ଏହି ଖବର ଜାଣିବା ପରେ ଖଡିଆଳର ତିୱାରୀ ପରିବାର ବର୍ଗ ତଥା ବନ୍ଧୁବାନ୍ଧବ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଇନ୍ଦୁବାଳା ତିୱାରୀ ଜଣେ ଧର୍ମପରାୟଣ ମହିଳା ସହ ସମାଜସେବୀ ଥିଲେ। ତାଙ୍କର ଶେଷକୃତ୍ୟ ରବିବାର ପୁରୀଠାରେ ସମ୍ପନ୍ନ ହେବ।

## ହାସପୁରି ହସ୍ତତନ୍ତ, ଢୋକ୍ରା ହସ୍ତଶିଳ୍ପର ପୁନରୁଦ୍ଧାର କରାଯିବ

ଭବାନୀପାଟଣା,୧।୯(ଉତ୍ତମ କୁମାର ଦାଶ)



ଜିଲା ଦକ୍ଷତା ବିକାଶ ପରିଷଦ ବୈଠକରେ ଆଲୋଚନା କରାଯାଉଛି।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭା ଗୃହରେ ଶୁକ୍ରବାର ପଞ୍ଚମ ଜିଲା ଦକ୍ଷତା ବିକାଶ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଜିଲା ଦକ୍ଷତା ପରିଷଦର ଆବାହକ ଅଜିତ କୁମାର ଉତ୍ତରାୟ ବୈଠକର ଆଭିମୁଖ୍ୟ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଏଥିରେ 'ନୂଆ ଓଡ଼ିଶା' ଯୋଜନାରେ ଜିଲାରେ କେଉଁ ପ୍ରକାରର ତାଲିମର ଆବଶ୍ୟକତା ରହିଛି ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ହାସପୁରି ହସ୍ତତନ୍ତ, ଢୋକ୍ରା ହସ୍ତଶିଳ୍ପର ପୁନରୁଦ୍ଧାର, କାଷ୍ଠ ଖୋଦେଇ ଆଦି କ୍ଷେତ୍ରରେ ହିତାଧିକାରୀମାନଙ୍କୁ ଅଧିକରୁ ଅଧିକ ତାଲିମ ଓ କାର୍ଯ୍ୟାରମ୍ଭ ପାଇଁ ସହାୟତା ଯୋଗାଇ ଦେବା ପାଇଁ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ପଠାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହା ସହିତ ମିଶନ ଶକ୍ତି କାଫେରେ ନିୟୋଜିତ ମା'ମାନଙ୍କ ପାଇଁ ସ୍ୱତନ୍ତ୍ର ତାଲିମ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଜିଲାପାଳ ଭବାନୀପାଟଣା

### ଜିଲା ଦକ୍ଷତା ବିକାଶ ପରିଷଦ ବୈଠକ

ଓ ନୂତନ ଭାବେ ସ୍ଥାପିତ ଧର୍ମଗଡ ଓ ଜୁନାଗଡ଼ ଆଇଟିଆଇର ଆଡ୍‌ମିସନ ଓ ଭିତ୍ତିଭୂମି ବିଷୟରେ ସବିଶେଷ ବିବରଣୀ ନେଇଥିଲେ। ସେହିପରି ଜିଲା ନିୟୋଜନ ଅଧିକାରୀ, ଆଇଟିଆଇ ଓ ପଲିଟେକ୍ନିକର ଅଧ୍ୟକ୍ଷଙ୍କୁ ଅଧିକରୁ ଅଧିକ ପରାମର୍ଶ ଶିବିର ଓ ସ୍ୱଟ ରେଜିଷ୍ଟ୍ରେସନ ପାଇଁ ପରାମର୍ଶ ଦେଇଥିଲେ। ଜିଲାରେ ଚାଲୁଥିବା ସମସ୍ତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଓ ନିଯୁକ୍ତି ମେଳା/ନିଯୁକ୍ତି ଅଭିଯାନ ସମୀକ୍ଷା କରିଥିଲେ। ସମସ୍ତ ଅଧିକାରୀଙ୍କୁ ଏକତ୍ରିତ ହୋଇ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ କଳାହାଣ୍ଡି ସଚିନ ପାୱାର, କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପ୍ରଫେସର ମଧୁଲିକା ସାହୁ ନିଯୁକ୍ତି ନିଯୁକ୍ତି ଦକ୍ଷତା କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲା ମଙ୍ଗଳ ଅଧିକାରୀ, ଜିଲା ଉନ୍ନୟନ ପ୍ରବନ୍ଧକ ନାବାର୍ଡ ମହେଶ୍ୱର ଦାସ, ସରକାରୀ ପଲିଟେକ୍ନିକ, ଭବାନୀପାଟଣାର ଅଧ୍ୟକ୍ଷ ଅମୂଲ୍ୟ କୁମାର ପଣ୍ଡା, ହସ୍ତତନ୍ତ ସହକାରୀ ନିର୍ଦ୍ଦେଶକ ଏଚପି ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର, ଓର୍ମାସର ଜର୍ଜ କେର୍କେଟା, ମିଶନ ଶକ୍ତିର ଅମୃତ ପାଢୀ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ।

## କେସିଙ୍ଗା ଏନ୍ଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

କେସିଙ୍ଗା,୧।୯(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଏନ୍ଏସି କଲ୍ୟାଣ ମଣ୍ଡପରେ ଏନ୍ଏସି ଅଧ୍ୟକ୍ଷ ନୃପରାଜ ଯାଦବଙ୍କ ଅଧ୍ୟକ୍ଷତାରେ ଗୁରୁବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପରିଷଦ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅଧ୍ୟକ୍ଷଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୁପିନ୍ଦର ସିଂ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ଏନ୍ଏସି ଉପାଧ୍ୟକ୍ଷା ସରସ୍ୱତୀ ସାହା ଓ ବିଶିଷ୍ଟ ଅତିଥି ଭାବେ ପଦ୍ମଶ୍ରୀ ପୁରସ୍କୃତ ପଟ୍ଟାୟତ ସାହୁ ଯୋଗଦେଇଥିଲେ। ସାହୁଙ୍କୁ ଏନଏସି ପକ୍ଷରୁ ମୁଖ୍ୟଅତିଥିଙ୍କ ଦାରା ପୁରସ୍କୃତ କରାଯାଇଥିଲା। ନିର୍ବାହୀ ଅଧିକାରିଣୀ କିରଣ ବେହେରା ଏନଏସିର ବାର୍ଷିକ ବିବରଣୀ ପାଠ କରିଥିଲେ। ଉପାଧ୍ୟକ୍ଷା ସରସ୍ୱତୀ ଏନଏସିର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସକାଳ ୮ଟାରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର ଓ ପରିଷଦ କର୍ମଚାରୀମାନେ ସମସ୍ତ କାଉନସିଲର, ନଗର ପାଳ ମଧ୍ୟ ଯୋଗ ଦେଇ ନଗର ପରିକ୍ରମା କରି ଜନସାଧାରଣଙ୍କୁ ସଫେଇ ବିଷୟରେ ସଚେତନ କରାଇଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା କେସିଙ୍ଗା ଏନଏସି ପକ୍ଷରୁ ନବନିର୍ମିତ ଆହାର କେନ୍ଦ୍ରର ରୋଷେଇ ଘର ଓ କେସିଙ୍ଗା ମିନିଷ୍ଟାଡ଼ିୟମରେ ଜିମ କୋଠରି ଉଦ୍‌ଘଟନ କରାଯାଇଥିଲା। ପରେ ଆୟୋଜିତ ଏକ ସାଧାରଣ ସଭାରେ ମୁଖ୍ୟଅତିଥି ଭାବରେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ସମସ୍ତ ୱାର୍ଡ କାଉନସିଲରଙ୍କ ସମେତ ପରିଷଦ ସଦସ୍ୟ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଅସରପ୍ରାପ୍ତ ଅଧାପକ ବି.ଚନ୍ଦ୍ରଶେଖର ଆଚାରି ମଞ୍ଚ ପରିଚାଳନା କରିଥିଲେ।




ଆୟୋଜିତ ସ୍ୱାୟତ୍ତ ଶାସନ ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ।

## ଭବାନୀପାଟଣା ପୌରପାଳିକାର ସ୍ୱାୟତ୍ତ ଶାସନ ଦିବସ



ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଉଛି।

ଭବାନୀପାଟଣା,୧।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲଠାରେ ପୌରପାଳିକା ପକ୍ଷରୁ ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପୌରାଧ୍ୟକ୍ଷା ସଂଯୁକ୍ତା ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଯୋଜନା ଓ ସମନ୍ୱୟ ବିଭାଗ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଯୋଗଦେଇ ରାଜ୍ୟ ସରକାର ସହରାଞ୍ଚଳର ବିକାଶକୁ ଅଗ୍ରାଧିକାର ଦେଇଛନ୍ତି। ସହରରେ ସମସ୍ତ ସୁବିଧା ସୁଯୋଗ ଯେଉଁଭଳି ଲୋକେ ପାଇପାରିବେ ତାହାକୁ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନାରେ ଅନୁଦାନ ପ୍ରଦାନ କରାଯାଉଛି। ଏହାକୁ ଠିକ ଭାବେ କାର୍ଯ୍ୟକାରୀ କରାଯିବାକୁ ମନ୍ତ୍ରୀ ପୌରପାଳିକାକୁ ଆହ୍ୱାନ କରିଥିଲେ। ମୁଖ୍ୟବକ୍ତା ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ

### ସମ୍ବର୍ଦ୍ଧିତ ହେଲେ ଶ୍ରେଷ୍ଠ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ

କୁଳପତି ପ୍ରଫେସର ଡ. ସଞ୍ଜୟ ଶତପଥୀ, ସମ୍ମାନିତ ଅତିଥି ଭାବେ ନର୍ଲା ବିଧାୟକ ଭୁପେନ୍ଦ୍ର ସିଂ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝି, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପକଳ୍ପ ନିର୍ଦ୍ଦେଶକ ମୁନିନ୍ଦ୍ର ହନହାଗା, ପଦ୍ମଶ୍ରୀ ପଟ୍ଟାୟତ ସାହୁ ପ୍ରମୁଖ ଯୋଗଦେଇଥିଲେ। ପୌରପାଳିକାର ସମସ୍ତ କାଉନସିଲର୍ ମଞ୍ଚାସୀନ ଥିଲେ। ଏହି ଅବସରରେ ପୌରପାଳିକାର ଶ୍ରେଷ୍ଠ କର୍ମଚାରୀ ଭାବେ ଏମ୍‌ଡି ଅବଦୁଲ ୱାରିସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୌରପାଳିକାରେ ବିଭିନ୍ନ କାର୍ଯ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଏସଏଚ୍‌ଜି, ଅଙ୍ଗନୱାଡିକର୍ମୀ, ଆଶା କର୍ମୀ ଓ ଅନ୍ୟାନ୍ୟ ଶ୍ରେଷ୍ଠ କର୍ମଚାରୀ, ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୌରପାଳିକା ନିର୍ବାହୀ ଅଧିକାରୀ ଚିନ୍ମୟ ନାୟକ, ଉପନଗରପାଳ ବିଷ୍ଣୁ ପ୍ରଧାନ ପ୍ରମୁଖ ପୌରପାଳିକାର ବିଭିନ୍ନ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଗାନ୍ଧୀ ପ୍ରମୋଦ ଉଦ୍ୟାନଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ପୌରାଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ଉପାଧ୍ୟକ୍ଷାଙ୍କ ସମେତ ପରିଷଦର ସମସ୍ତ କାଉନ୍‌ସିଲର, କର୍ମଚାରୀ, ଅଧିକାରୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ସ୍ୱେଚ୍ଛାସେବୀ ସହରରେ ଏକ ମଶାଲ ଶୋଭାଯାତ୍ରା କରାଯାଇଥିଲା। ଏହି ସମୟରେ ସ୍ୱଚ୍ଛତା ସମ୍ପର୍କରେ ସଚେତନ କରାଯାଇଥିଲା। ସନ୍ଧ୍ୟାରେ ସମ୍ବର୍ଦ୍ଧନା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଡ୍ରାଇଭର ଦିବସରେ ସଚେତନତା ଶୋଭାଯାତ୍ରା

ଖଡ଼ିଆଳ,୧।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ସମସ୍ତ ଡ୍ରାଇଭର ସଂଘ ମିଳିତ ଭାବେ ସେପ୍ଟେମ୍ବର ୧ ତାରିଖକୁ ଡ୍ରାଇଭର ଦିବସ ରୂପେ ପାଳନ କରିଛନ୍ତି। ଏହି ଉପଲକ୍ଷେ ଏକ ବିଶାଳ ଶୋଭାଯାତ୍ରା ଖଡିଆଳ ନଗର ପରିକ୍ରମା କରି ଡ୍ରାଇଭରଙ୍କୁ ସୁରକ୍ଷା ଏବଂ ସାଙ୍ଗଠାନିକ ମଜଭୁତ କରିବା ନେଇ ଏକତ୍ର ହୋଇଛନ୍ତି। ଡ୍ରାଇଭରଙ୍କ ବୀମା, ସମସ୍ତ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରଙ୍କୁ ଆହ୍ୱାନ କରିଛନ୍ତି। ଡ୍ରାଇଭର ଏକତା ନେଇ ଓଡ଼ିଶା ଡ୍ରାଇଭର ମହାସଂଘ ସହଯୋଗରେ ବିଶାଳ ରାଲି ନଗର ପରିକ୍ରମା କରିଛି। ଡ୍ରାଇଭର ସଂଘ ଜୟମାତା ଦି ଟ୍ୟାକ୍ସି ଡ୍ରାଇଭର ଆସୋସିଏଶନ, ଜୟ ମାଁ ଦୁର୍ଗା ଡ୍ରାଇଭର ଆସୋସିଏଶନ ସଦସ୍ୟମାନେ ଯୋଗଦେଇଥିଲେ। ଏଥିରେ ଡୁକଲା, ଡୁଆଝର, ଭୁଲିଆସୀକୁଆଁ, ସାନମହେଶ୍ୱର ୩୫୦ରୁ ଉର୍ଦ୍ଧ୍ୱ ଡ୍ରାଇଭର ଯୋଗଦେଇଥିଲେ। ଅବିନ ପ୍ରଧାନି, ଗୋକୁଲା ବାଗ, କୀର୍ତ୍ତନ ରାଉତ, କିଶୋର ବାଗ, ଫଗୁନ ଅଦା ଏବଂ ଧନୁଯ୍ୟ ପ୍ରଧାନି ପ୍ରମୁଖ ନେତୃତ୍ୱ ନେଇଥିଲେ।

## କନ୍ଦାଗଡ଼, ପାତ୍ରବସା ଗାଁକୁ ମରୁଡ଼ି ଘୋଷଣା କର

କୋକସରା,୧।୯
(ଦୁଷ୍ମନ୍ତ କୁମାର ପାଢୀଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକର ଅନେକ ପଞ୍ଚାୟତରେ ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ସମ୍ଭାବ୍ୟ ମରୁଡି ପରିସ୍ଥିତି ଉପୁଜିଛି। ଶୁକ୍ରବାର ବ୍ଲକର ଆମପାଣି ପଞ୍ଚାୟତ ଅନ୍ତର୍ଗତ କନ୍ଦାଗଡ଼ ଓ ପାତ୍ରବସା ଗ୍ରାମର ଚାଷୀମାନେ ତହସିଲଦାର ଦେବବ୍ରତ କରାଟିଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରି ମରୁଡି ଘୋଷଣା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଆମପାଣି ପଞ୍ଚାୟତ ସାହାଜଖୋଲ ଜଙ୍ଗଲକୁ ଲାଗି ରହିଥିବା କନ୍ଦାଗଡ଼ ଓ ପାତ୍ରବସା ଗ୍ରାମରେ ଚଳିତବର୍ଷ ଆରମ୍ଭରୁ ବର୍ଷା ସ୍ୱାଭାବିକ ରହିଥିବା ବେଳେ ଚାଷୀମାନେ ବୁଣାରୁଆ କାର୍ଯ୍ୟ କରିଥିଲେ। ହେଲେ ରୁଆ ବେଉଷଣ ପରେ ଆଉ ବର୍ଷା ହୋଇନାହିଁ, ଉଭାନ ହୋଇଯାଇଛି ମୌସୁମୀ। ଫଳରେ ଆସନ୍ନ ମରୁଡି ଜଳଜଳ ହୋଇ ଚାଷୀଙ୍କୁ ଦେଖାଯାଉଛି। କନ୍ଦାଗଡ଼ ଚାଷୀଙ୍କ ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ମୋଡୋଶିଳ ଚେକ୍‌ଡ୍ୟାମ ନିର୍ମାଣ ହୋଇଥିଲେ ମଧ୍ୟ ତାହା ଜଳସେଚନ ପାଇଁ କୌଣସି କାର୍ଯ୍ୟରେ ଆସୁନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ସେହିପରି ପାତ୍ରବସା ଗ୍ରାମର ଚାଷୀଙ୍କ ପାଇଁ ଜଳସେଚନର କୌଣସି ଉତ୍ସନାହିଁ। ବର୍ଷା ଉପରେ ଭରସା କରି ଚାଷକାର୍ଯ୍ୟ କରନ୍ତି। ସମ୍ଭାବ୍ୟ ମରୁଡିକୁ ନେଇ ଦୁଇ ଗ୍ରାମର ଚାଷୀମାନେ ମରୁଡି ଘୋଷଣା ପାଇଁ ଦାବି କରିଛନ୍ତି। କନ୍ଦାଗଡ଼ର ଚାଷୀ ବୈଷ୍ଣବ ମାଝି, ବଳ ମାଝି, କୁମଚନ୍ଦ୍ର ମାଝି, ଲଛିମଧର ମାଝି, ଭାସ୍କର ଦଣ୍ଡସେନା, ଲକ୍ଷ୍ମୀ କାନ୍ତ ମାଝି, ଗୋବର୍ଦ୍ଧନ ମାଝି, ନିରଞ୍ଜନ ନାଏକ, ଶ୍ୟାମ ମାଝି, ଦୈତାରି ମାଝି, ନିତ୍ୟା ଚଳାନ ଓ ପାତ୍ରବସା ଗ୍ରାମର ଭୋଳାନାଥ ମାଝି, ଗୋବର୍ଦ୍ଧନ ମାଝି, ପ୍ରଭାକାର ନାଏକ, ଗୋବିନ୍ଦ ମାଝି, ବୈଷ୍ଣବ ମାଝି ପ୍ରମୁଖ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



ତହସିଲଦାରଙ୍କୁ ଚାଷୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଗଙ୍ଗାଧର ସାରସ୍ୱତ ସମିତିର ଭବନ ନିର୍ମାଣ ପାଇଁ ଭୂମି ପୂଜନ

ସିନାପାଲି,୧।୯(ମନଫୁଲ ମେହେର)



ନୂଆପଡ଼ା ଜିଲା ସିନାପାଲି ବ୍ଲକର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗଙ୍ଗାଧର ସାରସ୍ୱତ ସମିତିର ନୂତନ ଭବନ ନିର୍ମାଣ ନିମନ୍ତେ ଭୂମି ପୂଜନ ଅନୁଷ୍ଠିତହୋଇଛି। ସମିତି ଆନୁକୁଲ୍ୟରେ ଆୟୋଜିତ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାବେଶରେ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମିପୂଜନ କରାଇବା ସହ ଭବନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିରେ ସାରସ୍ୱତ ସମିତି ସଭାପତି ବୈଷ୍ଣବ ମେହେର କର୍ତ୍ତା ରହିଥିବା ବେଳେ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠର ବରିଷ୍ଠ କାର୍ଯ୍ୟକର୍ତ୍ତା ପୂର୍ଣ୍ଣଚନ୍ଦ୍ର ମେହେର ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ସମିତି ସମ୍ପାଦକ ତରୁଣ କୁମାର ମେହେର, ପଟ୍ଟାୟତ ନୀଳଲୋହିତ ସିଂଦେଓ, ପରମେଶ୍ୱର ମୁଣ୍ଡ, ତୁଳସୀରାମ ମେହେର, ମନିଷ ପଟେଲ, ଗୋବିନ୍ଦ ସାହୁ, ନବୀନ ଚନ୍ଦ୍ର ମେହେର, ଗୌରାଙ୍ଗ ସାହୁ, ସୁବ୍ରତ ଠାକୁର, ବିଜୟ କୁମାର ଯୋଷୀ, ମୁରଲୀଧର ସା, ଶଙ୍କର ମେହେର, ପ୍ରଦୀପ ମେହେର, ଋଷଭ ମେହେର, ଶିବପ୍ରସାଦ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଦିଲ୍ଲୀରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ

ଭବାନୀପାଟଣା,୧।୯(ଉତ୍ତମ କୁମାର ଦାଶ)

ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପଶ୍ଚିମ ଓଡ଼ିଶା ଛାତ୍ର ସଙ୍ଗଠନ ପକ୍ଷରୁ ପ୍ରଥମ ଥର ପାଇଁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଦିଲ୍ଲୀରେ ରହୁଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର ଓ ଅଧାପିକା ଅଧାପକମାନେ ଯୋଗଦେଇଥିଲେ। କବି ଗଙ୍ଗାଧର ମେହେର ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରି ବେଶୀ ପାଠ ପଢ଼ି ନ ଥିଲେ ମଧ୍ୟ ଏକ ଅନନ୍ୟ ପ୍ରତିଭାର ଅଧିକାରୀ ଥିଲେ। ଇନ୍ଦୁମତୀ, କିଚକ ବଧ, ପ୍ରଣୟ ବଲ୍ଲରୀ ଭଳି ତାଙ୍କର ଅନନ୍ୟ ସୃଷ୍ଟି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଋଦ୍ଧିମନ୍ତ କରିଥିଲା ବୋଲି ସଭାରେ ମତପ୍ରକାଶ ପାଇଥିଲା। ତାଙ୍କ ସମସାମୟିକ କବିମାନଙ୍କ ତୁଳନାରେ ତାଙ୍କ ରଚିତ ସାହିତ୍ୟର ପ୍ରଚାର, ପ୍ରସାର ଆଖିଦୃଶିଆ ହୋଇ ନ ଥିବାରୁ ଏଥିଲାଗି ସରକାର ତଥା ଜନସାଧାରଣ ଯତ୍ନବାନ ହେବାକୁ ନିଷ୍ପତ୍ତି ନିଆଯାଇଥିଲା। ପଶ୍ଚିମ ଓଡ଼ିଶା ଛାତ୍ର ସଂଗଠନ ଲୋକେଶ ଦୁର୍ଗା ସଭା ପରିଚାଳନା କରିଥିଲେ। ରଘୁପତି ନାଏକ, ରଜତ କୁମାର ସାହୁ, ସୋମ ମୋହନ ପତି, ଶୁଭଙ୍କର ମିଶ୍ର, ସୋଫିଆ ମହାନ୍ତି, ଅଭିନବ ଉପାଧ୍ୟାୟ, ମନରଞ୍ଜନ ମିଶ୍ର, ରୋହିତ ନାଏକ, ସିଦ୍ଧାର୍ଥଜେନା ସହଯୋଗ କରିଥିଲେ।



ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ ଅବସରରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ମାଳୀ, କୁମ୍ଭାର ଜାତିକୁ ଆଦିବାସୀ ମାନ୍ୟତା ସୁପାରିସକୁ ବିରୋଧ

ନୂଆପଡ଼ା,୧।୯(ମକାରୁ ବେମାଲ)

ଦକ୍ଷିଣ ଓଡିଶାର କେତେକ ଜିଲାର ମାଳୀ ଓ କୁମ୍ଭାର (ରଣା) ଜାତିର ବ୍ୟକ୍ତି ବିଶେଷଙ୍କୁ ଆଦିବାସୀ ଶ୍ରେଣୀ ସାମିଲ କରିବା ପାଇଁ କେନ୍ଦ୍ର ସରକାରକୁ ସୁପାରିସ କରିଛନ୍ତି। ଏହି ସୁପାରିସକୁ ନୂଆପଡା ଜିଲା ଆଦିବାସ କଲ୍ୟାଣ ସଂଘ ପକ୍ଷରୁ ଦୃଢ ନିନ୍ଦା କରାଯିବା ସହ ବିରୋଧ କରାଯାଉଛି ବୋଲି ଶୁକ୍ରବାର ନୂଆପଡା ମାଝି ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ଘାସିରାମ ମାଝି ସୂଚନା ଦେଇଛନ୍ତି। ୨୦୨୩ ଅଗଷ୍ଟ ୫ରେ ରାଜ୍ୟ ଆଦିବାସୀ ପରାମର୍ଶ କମିଟି ଓଡିଶା ବୈଠକ କରି ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର ଜିଲାରେ ବାସ କରୁଥିବା ମାଳୀ ଓ କୁମ୍ଭାର (ରଣା) ଜାତିର ବ୍ୟକ୍ତି ବିଶେଷକୁ ଆଦିବାସୀ ଶ୍ରେଣୀ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରକୁ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ସୁପାରିସ କରିଛନ୍ତି। ଏହି ସୁପାରିସ ଏକ ଉଦ୍ଦେଶ୍ୟ ମୂଳକ ଓ ରାଜନୈତିକ ଅଭିସନ୍ଧୀ ରଖି କରାଯାଇଛି ବୋଲି ପ୍ରତୀକ ହେଉଛି। ଏପରି ସୁପାରିସକୁ ଆଦିବାସୀ ସମାଜ ବିରୋଧ କରିଛି। ନ ହେଲେ ଆଗାମୀ ଦିନରେ ଜିଲା ତଥା ରାଜ୍ୟ ସାରା ଆନ୍ଦୋଳନ କରାଯିବା ସାଙ୍ଗେ ନ୍ୟାୟାପାଳିକା ମାଧ୍ୟମରେ ହସ୍ତକ୍ଷେପ କରିବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଆଦିବାସୀ କଲ୍ୟାଣ ସଂଘ ଜିଲା ସମ୍ପାଦକ ସୋମନାଥ ଖମାରୀ, ନୂଆପଡା ବ୍ଲକ ସଭାପତି ହରିସିଂ ମାଝି, ଗଣ୍ଡ ସମାଜ ବ୍ଲକ ସଭାପତି ଲାଲସିଂ ମାଝି, ଆଦିବାସୀ କଲ୍ୟାଣ ସଂଘ ସହ ସମ୍ପାଦକ ପ୍ରସନ୍ନ ମାଝି, ଖଡିଆଳ ବ୍ଲକ ସଭାପତି ବିହାରୀ ମାଝି, ଗଣ୍ଡ ସମାଜ ସଭାପତି କରୁଣା ଶଙ୍କର ମାଝି, କନ୍ଧ ସମାଜ ଜିଲା ସମ୍ପାଦକ ସୁଦର୍ଶନ ଭୋଇ, ଶତ୍ରୁଘନ ମାଝି, ଲବି ଶବର, ଡିଙ୍ଗରଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## କୁଟୁରା ମାଂସ ସହ ୩ ବନ୍ଧୁକ ଜବତ

କନ୍ଧମାଳ,(ଆଦିତେଶ୍ୱର ମିଶ୍ର): ବୌଦ୍ଧ ଜିଲା କନ୍ଧମାଳ ରେଞ୍ଜ ଅନ୍ତର୍ଗତ ପିଣ୍ଡାପଦର ଜଙ୍ଗଲରେ ଗୁରୁବାର ରାତିରେ ଦୁର୍ବୃତ୍ତମାନେ କୁଟୁରା ଶିକାର କରି ମାଂସ ଭାଗ କରୁଥିବା ବେଳେ ରେଞ୍ଜ କର୍ମଚାରୀ ଚଢ଼ାଉ କରିଥିଲେ। ହେଲେ କର୍ମଚାରୀଙ୍କୁ ଦେଖି ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ବନ କର୍ମଚାରୀ ସେଠାରୁ କୁଟୁରା ମାଂସ ସହ ୨ ଗୋଟି ଦେଶୀ ବନ୍ଧୁକ, ଗୋଟିଏ ପିସ୍ତଲ, ଗୁଳି, ଟାଙ୍ଗିଆ ଜବତ କରିଛନ୍ତି। ଏ ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

## ସଂକ୍ଷେପରେ

### କର୍ମକାଣ୍ଡବିତ୍ ପଣ୍ଡିତ ମେଘନାଦଙ୍କ ପରଲୋକ

ସୋନପୁର,୧୯(ମୃତ୍ୟୁଞ୍ଜୟ ଶତପଥୀ)

ପଶ୍ଚିମ ଓଡିଶାର ଜଣାଶୁଣା କର୍ମକାଣ୍ଡବିତ୍ ପଣ୍ଡିତ ମେଘନାଦ ପାଣିଗ୍ରାହୀ(୭୫)ଙ୍କ ଶୁକ୍ରବାର ସନ୍ଧ୍ୟାରେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ହିଙ୍ଗମାସ୍ଥିତ ବାସଭବନରେ



ପରଲୋକ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ପାଣିଗ୍ରାହୀ ଜଣେ ଲବ୍ଧପ୍ରତିଷ୍ଠିତ କର୍ମକାଣ୍ଡବିତ୍। ପୂଜାପାଠରେ ତାଙ୍କର ଅଗାଧ ଜ୍ଞାନ ଥିଲା। ବିବାହ, ବ୍ରତ, ଚଣ୍ଡିପାଠ ଓ ଯଜ୍ଞ କାର୍ଯ୍ୟରେ ସେ ପୋଖତ ଥିଲେ। ୧୯୯୦ ରୁ ୨୦୦୧ ପର୍ଯ୍ୟନ୍ତ ସୋନପୁରସ୍ଥିତ ମା' ସମଲେଶ୍ୱରୀ ମନ୍ଦିର ବେଢାରେ ୧୨ ବର୍ଷ ଧରି ଆୟୋଜିତ ଚଣ୍ଡିଯଜ୍ଞରେ ସେ ମୁଖ୍ୟ ପୁରୋହିତର ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ୨୦୧୧ ମସିହାରେ ଜିଲାର ଇଷ୍ଟ ଦେବୀ ମା' ସୁରେଶ୍ୱରୀଙ୍କ ପୀଠରେ ୯ ଦିନ ବ୍ୟାପି ଚଣ୍ଡି ମହାଯଜ୍ଞରେ ମୁଖ୍ୟ ପୁରୋହିତ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପାଣିଗ୍ରାହୀଙ୍କ ମୃତ୍ୟୁବେଳକୁ ସ୍ତ୍ରୀ , ୨ ପୁଅ ସୋମନାଥ ଓ ବିଶ୍ୱନାଥ, ଝିଅ ଜ୍ୱାଇଁ ଏବଂ ନାତୁଣୀ ନାତି ଉପସ୍ଥିତ ଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରିଛନ୍ତି। ତାଙ୍କ ମୃତ୍ୟୁରେ ସୁବର୍ଣ୍ଣପୁର ଜିଲା ବ୍ରାହ୍ମଣ ସମାଜ, ବୁଦ୍ଧିଜୀବୀ ଓ ଧର୍ମପରାୟଣ ବ୍ୟକ୍ତିଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସୋନପୁର ରାମେଶ୍ୱରସ୍ଥିତ ତ୍ରିବେଣୀ ସଙ୍ଗମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ରୀତିନୀତି ଅନୁଯାୟୀ କରାଯାଇଛି। ବଡପୁଅ ସୋମନାଥ ପାଣିଗ୍ରାହୀ ମୁଖାଗ୍ନି ଦେଇଥିଲେ।

### ସୁବଳୟାର ପ୍ରସିଦ୍ଧ ଝୁଲଣ ଯାତ୍ରା ଉଦ୍‌ଯାପିତ



ଅମରପାଲି,୧୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାରେ ୫ ଦିନ ଧରି ଚାଲିଥିବା ପ୍ରସିଦ୍ଧ ଝୁଲଣ ଯାତ୍ରା ଶୁକ୍ରବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଶ୍ରାବଣ ଶୁକ୍ଳ ପକ୍ଷ ଦଶମୀ ତିଥିରୁ ଆରମ୍ଭ ହୋଇଥିବା ଉକ୍ତ ଝୁଲଣ ଯାତ୍ରାରେ ପ୍ରତ୍ୟହ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିଲା। ପ୍ରଥମ ଚାରି ଦିନ ଧରି ମନ୍ଦିରରେ ଦୋଳିରେ ରାଧାକୃଷ୍ଣଙ୍କୁ ଝୁଲା ଯାଉଥିଲା। ସୁବଳୟାର ବଳଦେବ କ୍ଳବ, ବୀରବଜରଙ୍ଗ କ୍ଳବ, ଭଗବତ କ୍ଳବ, ଶ୍ରୀରାମ ଚନ୍ଦ୍ର କ୍ଳବ ଓ ବାବା ଅବଧୂତ ସାଂସ୍କୃତିକ ସଂଘ ଏହି ଝୁଲଣ ଯାତ୍ରା ଆୟୋଜନ କରିଥିଲେ। ପ୍ରତି କ୍ଳବ ମହାଆଡ଼ମ୍ବର ସହକାରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସୁସଜ୍ଜିତ ରଥରେ ଅଧିଷ୍ଠିତ କରାଇ ନଗର ପରିକ୍ରମା କରାଇ ଥିଲେ। ଏହି ଅବସରରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରୁ ବଛା ବଛା ସଙ୍କୀର୍ତ୍ତନ ମଣ୍ଡଳୀ, ମହିଳା ସଙ୍କୀର୍ତ୍ତନ, ରେକର୍ଡ ନୃତ୍ୟ ଆଦି ପରିବେଷିତ ହୋଇଥିଲା। ପ୍ରତ୍ୟହ ଗୀତ, ଭାଗବତ ଆଦି ପରିବେଷିତ ହୋଇଥିଲା। ସୁବଳୟାର ବଳଦେବ କ୍ଳବ, ସାନଦାଣ୍ଡର ଶ୍ରୀରାମଚନ୍ଦ୍ର କ୍ଳବ, ବଡ଼ଦାଣ୍ଡର ବୀର ବଜରଙ୍ଗ କ୍ଳବ, ଧୀବରପଡ଼ାର ବାବା ଅବଧୂତ କ୍ଳବ, ଗଡଭିତରର ଭଗବତ କ୍ଳବ ତଥା ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଏଥିରେ ଅଂଶଗ୍ରହଣ କରିଥିଲେ। ଯାତ୍ରାରେ ସ୍ଥାନୀୟ ବିଧାୟକ ପଦ୍ମନଭ ବେହେରା, ଜିଲା ପରିଷଦର ଚନ୍ଦ୍ରକାନ୍ତି ଦନ୍ତା, ବ୍ଳକ ଉପାଧ୍ୟକ୍ଷ ନାରାୟଣ ଲୁହା, ପୂର୍ବତନ ବ୍ଳକ ଅଧ୍ୟକ୍ଷ ରଞ୍ଜିତ ରଥ, ସ୍ଥାନୀୟ ସରପଞ୍ଚ ପ୍ରମୋଦ ମହାପାତ୍ର,ସମିତିସଭ୍ୟା ଲିଲି ମେହେରଙ୍କ ସମେତ ଜନ ପ୍ରତିନିଧି ,ବିଭିନ୍ନ ଦଳର ରାଜନେତା, ଅଧିକାରୀ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକପୋଲିସମୁତୟନକରାଯାଇଥିଲା।

# ନିଷ୍ପତ୍ତିରେ ଅଟକିଛି ସୁବର୍ଣ୍ଣପୁରରେ ବିଏଡ୍ କଲେଜ ପ୍ରତିଷ୍ଠା

ସୋନପୁର,୧୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଗଠନକୁ ଇତିମଧ୍ୟରେ ୩୦ ବର୍ଷ ବିତିଲାଣି। କିନ୍ତୁ ଏପର୍ଯ୍ୟନ୍ତ ବି.ଏଡ୍(ବେଚଲର ଅଫ ଏଜୁକେଶନ) କଲେଜ ଜିଲାରେ ଖୋଲି ପାରିନାହିଁ। ଜିଲା ସଦର ମହକୁମାରେ ବି.ଏଡ୍ କଲେଜ ଖୋଲିବା ପାଇଁ ବହୁ ବର୍ଷ ପୂର୍ବରୁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନଥିବାରୁ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଜିଲାରେ ବି.ଏଡ୍ କଲେଜ୍ ଖୋଲିବା ପାଇଁ ଜାତୀୟ ଶିକ୍ଷକ ପ୍ରଶିକ୍ଷଣ ପରିଷଦ ବିଜ୍ଞପ୍ତି ପ୍ରକାଶ କରିଥିଲା। ତଦନୁଯାୟୀ ପରିଷଦର ଏକ ପ୍ରତିନିଧି ଦଳ ସୁବର୍ଣ୍ଣପୁର ଆସି ଜିଲା ସାଧନ କେନ୍ଦ୍ରର ଭିତ୍ତିଭୂମି ତଦାରଖ କରିଥିଲେ। ଶିକ୍ଷାନୁଷ୍ଠାନ ନାମରେ ଜମି ପଟ୍ଟା, ଶ୍ରେଣୀଗୃହ, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ପାଇଁ କମନରୁମ, ରିଡିଂ ରୁମ, ଲାଇବ୍ରେରୀ ହଲ, ଅଫିସ ଗୃହ, ସାଇନ୍ସ ରୁମ, ରିସର୍ଚ୍ଚ କେନ୍ଦ୍ର, ଟିଏଲଏମ, ଟଏଲେଟ ଇତ୍ୟାଦି ଦେଖିବା ପରେ ସନ୍ତୋଷ ପ୍ରକାଶ କରିଥିଲେ। ଏଠାରେ ବି.ଏଡ୍ କଲେଜ ଖୋଲିବା ପାଇଁ ପ୍ରାସଙ୍ଗିକତା ଓ ଭିତ୍ତିଭୂମି ଥିବା ପ୍ରତିନିଧି ଦଳ ଅନୁଭବ କରିଥିଲେ । ବି.ଏଡ କଲେଜ ଶୀଘ୍ର କାର୍ଯକ୍ଷମ ହେବ ବୋଲି ପରେ ଏନସିଟିଇ ପକ୍ଷରୁ ନିର୍ଦ୍ଦେଶ ଆସିଥିଲା। ମାତ୍ର ଏ ପର୍ଯ୍ୟନ୍ତ ତାହା ସମ୍ଭବ ହୋଇପାରିନି। ସୂଚନାଯୋଗ୍ୟ ଯେ, ସୋନପୁର ଷ୍ଟେଟ୍‌ରେ ଚୌହାନ ରାଜା ବୀରମିତ୍ରୋଦୟ ସିଂହଦେଓଙ୍କ ଶାସନ ସମୟ(ଖ୍ରୀ ୧୯୦୨-୩୭)ରେ ଶିକ୍ଷକତା ତାଲିମକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ବର୍ତ୍ତମାନ ସହରରେ ଥିବା ଅଧିକାଂଶ ଶିକ୍ଷାନୁଷ୍ଠାନ ବୀରମିତ୍ରୋଦୟ ସିଂହଦେଓଙ୍କ ଶାସନ ସମୟରେ ପ୍ରତିଷ୍ଠା ହୋଇଥିଲା। ତନ୍ମଧ୍ୟରୁ ଜିଲା ସାଧନ କେନ୍ଦ୍ର ଅନ୍ୟତମ। ୧୯୦୯ ମସିହାରେ ମହାରାଜା ବିଏମ୍ ସିଂହଦେଓଙ୍କ ଦ୍ୱାରା ଗୁରୁ ତାଲିମ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ପଞ୍ଚମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ଶିକ୍ଷାର୍ଥୀମାନେ ଏଠାରେ ତାଲିମ ନେବା ପରେ ଶିକ୍ଷକତା କରୁଥିଲେ। ସ୍ୱାଧୀନତା ପରେ ୧୯୫୨ ମସିହାରେ ବିଏମ୍ ସିଂହଦେଓ ଗୁରୁ ତାଲିମ କେନ୍ଦ୍ରର ନାମ ପରିବର୍ତ୍ତନ କରାଯାଇ ଇଟି ସ୍କୁଲ ଘୋଡାଘାଟପଡା ରଖାଗଲା। ସପ୍ତମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ଶିକ୍ଷାର୍ଥୀମାନେ ଇଟି ସ୍କୁଲରେ ତାଲିମ ନେଇ ଶିକ୍ଷକତା କରୁଥିଲେ । ୧୯୭୨ ମସିହାରେ ଏହି ସ୍କୁଲ ସିଟି ସ୍କୁଲରେ ପରିବର୍ତ୍ତନ ହୋଇଥିଲା। ୨୦୦୯ ମସିହାରେ ତାହା ଡିଆଇଇଟିର ମାନ୍ୟତା ପାଇଥିଲା। ଅତୀତର ଇତିହାସକୁ ଦେଖିଲେ ଏଠାରେ ବି.ଏଡ କଲେଜ ଖୋଲିବାର ଯଥେଷ୍ଟ ଯଥାର୍ଥତା ରହିଛି। ଜିଲା ଗଠନ ହେବା ପରେ ଜିଲା ସଦର ମହକୁମାରେ କେନ୍ଦ୍ରୀୟ ବିଦ୍ୟାଳୟ, ମଡେଲ ଡିଗ୍ରୀ କଲେଜ, ସରକାରୀ ପଲିଟେକ୍‌ନିକ୍, ଆଇଟିଆଇ ଭଳି ଶିକ୍ଷାନୁଷ୍ଠାନ ଖୋଲିଥିବା ବେଳେ ଅନ୍ୟ ଉଚ୍ଚ ଶିକ୍ଷା କିମ୍ବା ତାଲିମ ଭିତ୍ତିକ ପାଠ୍ୟକ୍ରମ ଖୋଲି ପାରିନାହିଁ। ଜିଲାରେ ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ ଶିକ୍ଷାନୁଷ୍ଠାନ ମଧ୍ୟ ପ୍ରତିଷ୍ଠା ହୋଇପାରିନି। ଫଳରେ ବି.ଏଡ୍ ପାଠ ପଢିବା ପାଇଁ ଏହି ଜିଲାର ଛାତ୍ରୀଛାତ୍ରଙ୍କୁ ରାଜ୍ୟର ଅନ୍ୟ ଜିଲା ନଚେତ ଦକ୍ଷିଣ ଭାରତର ଶିକ୍ଷାନୁଷ୍ଠାନ ଉପରେ ନିର୍ଭର କରିବାକୁ ପଡୁଛି। ଏ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ପୋଖରୀରେ ବୁଡ଼ି ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର



ଘଟଣାସ୍ଥଳରେ ଲୋକଙ୍କ ଭିଡ ଜମିଛି।

ଅମରପାଲି,୧୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ମୁର୍ଷୁଣ୍ଡି ପଞ୍ଚାୟତ ଅନ୍ତର୍ଗତ କର୍ଡାପାଲ ଗ୍ରାମରେ ପୋଖରୀରେ ବୁଡିଯାଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସମ୍ବଲପୁର ଜିଲା ଚାରମାଳ ଥାନା ଅଧୀନ ବିଶନାଥପୁର(ସରୁଆଖୁଲି) ଗ୍ରାମର ଉଦ୍ଧବ ପଧାନ(୮୦) ।

ପ୍ରକାଶ ଯେ, ଉଦ୍ଧବଙ୍କ ଜ୍ୱାଇଁ ବାଇଧର ବିଶ୍ୱାଳ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ବୌଦ୍ଧରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କୁ ଦେଖିବାକୁ ସେ ସ୍ତ୍ରୀ ମାଳତୀଙ୍କ ସହ ଗୁରୁବାର ଝିଅଘର କର୍ଡାପାଲ ଗ୍ରାମକୁ ଆସିଥିଲେ। ମଧ୍ୟାହ୍ନରେ ଗ୍ରାମର ପାନଖିଆ ବନ୍ଧକୁ ଉଦ୍ଧବ ଓ ତାଙ୍କ ସ୍ତ୍ରୀ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ଉଦ୍ଧବଙ୍କ ଗୋଡ ଖସି ଯିବାରୁ ସେ ପାଣିରେ ବୁଡି ଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ମାଳତୀ ମଧ୍ୟ ପାଣି ପିଇଯାଇ ଗୁରୁତର ହୋଇ ପଡ଼ିଥିଲେ। ଖବର ପାଇ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଅଗ୍ନିଶମ ବାହିନୀକୁ ଖବର ଦେଇ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଉଭୟଙ୍କୁ ଉଦ୍ଧାର କରାଯାଇ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଉଦ୍ଧବଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏନେଇ ବୀରମହାରାଜପୁର ଥାନାରେ ନଂ ୧୭/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରିଣୀ ରଜେଶ୍ୱରୀ ଭୋଇ ପ୍ରକାଶ କରିଛନ୍ତି। ମୃତକ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହେଉଛି।

# ଗଙ୍ଗାଧର ମେହେର ଜୟନ୍ତୀ ପାଳିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଅମରପାଲି,୧୯(ପୀତାମ୍ବର ସାହୁ)

**ସଂସ୍କୃତିର ଦର୍ଶନ ହିଁ ଗଙ୍ଗାଧର ସାହିତ୍ୟ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସପ୍ତଦୀପା ସାହିତ୍ୟ ସଂସଦର ୧୧୨ତମ ଭ୍ରାମ୍ୟମାଣ ସାରସ୍ୱତ ଆସର ହୋଇଥିଲା। ସଂସଦର ସଭାପତି ଦୀତିକୃଷ୍ଣ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବରିଷ୍ଠ ନାଗରିକ ସଂଗଠନର ସଭାପତି ଡ.ପ୍ରଫୁଲ୍ଲ ରଥ ମୁଖ୍ୟଅତିଥି, ବିନିକା ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ହରିଶ୍ଚନ୍ଦ୍ର ହୋତା ମୁଖ୍ୟବକ୍ତା, ଗବେଷକ ଡ. ଅନିରୁଦ୍ଧ କୁରୁକୁରିଆ ଅନ୍ୟତମ ବକ୍ତା ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିମାନେ ଗଙ୍ଗାଧରଙ୍କ ସାହିତ୍ୟ କୃତି ଉପରେ ଆଲୋଚନା କରିବାକୁ ଯାଇ ତାଙ୍କ ସାହିତ୍ୟରେ ଭକ୍ତି, ପ୍ରକୃତି ଓ ସଂସ୍କୃତିର ଅଭୂତପୂର୍ବ ଦର୍ଶନ ଦେଖିବାକୁ ମିଳିଥାଏ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ବିଶ୍ୱ ଦେଖ ମଧୁମୟରେ ସଙ୍ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କବି ଲକ୍ଷ୍ମୀନାରାୟଣ ସାହୁ ଓ ଯୁଧିଷ୍ଠିର ଖମାରୀଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କନ୍ଧୁଧର ସୁନା, ଜଳଦେବ ବେରିହା, ଧର୍ମକୁମାର ଶତପଥୀ, ବଳରାମ ଦାସ, ଯୁଗଳ ମିଶ୍ର, ସତ୍ୟ ଚାନ୍ଦ, ହରିହର ସିଂହବାବୁ, ବିଜୟ ହୋତା, ଆନନ୍ଦ ପ୍ରଧାନ, ପ୍ରହଲ୍ଲାଦ ନାଏକ, ବାସୁଦେବ ରଥ, ଅନ୍ତର୍ଯ୍ୟାମୀ ରଥ, ଭଗବାନ ବାଘ, ଧ୍ରୁବଚରଣ କ୍ଷେତି, ଶ୍ୟାମ ହୋତା ପ୍ରମୁଖ କବିତା ପାଠ କରିଥିଲେ । ଶେଷରେ ଶିକ୍ଷକ ଅଶୋକ କର ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀରାମ କଲେଜରେ ଗଙ୍ଗାଧର ଜୟନ୍ତୀ ପାଳିତ

ଡୁଙ୍ଗୁରିପାଲି,୧୯(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ଥିତ ଶ୍ରୀରାମ ମହାବିଦ୍ୟାଳୟର ଓଡ଼ିଆ ସାହିତ୍ୟ ପରିଷଦ ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ତରଣୀସେନ ବେହେରା ସଭାପତିତ୍ୱ କରିଥିଲେ। ପରିଷଦର ଆବାହକ ଅଧ୍ୟାପକ ଡ. ଲିଙ୍ଗରାଜ ସାହୁ ମଞ୍ଚ ପରିଚାଳନା କରିଥିଲେ। ପରିଚାଳନା ପରିଷଦର ସଭାପତି ରମେଶ ଚନ୍ଦ୍ର ପୂଜାରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ କବି ଗଙ୍ଗାଧରଙ୍କ ସାହିତ୍ୟକୃତି ଉପରେ ଆଲୋକପାତ କରିଥିଲେ। ଭିକାରି ଚରଣ ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ । ସତଲମା କନିଷ୍ଠ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଲୋକବନ୍ଧୁ ପ୍ରଧାନ ମୁଖ୍ୟବକ୍ତା ଭାବରେ ଯୋଗଦେଇ ମେହେର ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଛାତ୍ରୀ ରିକି ମଟାରି , ପ୍ରିୟଙ୍କା ପାତ୍ର, ରୋଜି ରଣା ଓ ପିଙ୍କି ପଧାନ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଟିକେଚାନ୍ଦ ବାଗ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ର ଦୀପକ ସୁନା, ନରେଶ ସାହୁ, ମିନୁ ସାହୁ, ସାଲୋନୀ ସାହୁ, ମୋନାଲିସା ନାୟକ ଓ ତପି ବେଇ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଛାତ୍ରୀ ମଧୁସ୍ମିତା ମାଝୀଙ୍କ ଦ୍ୱାରା ଗଙ୍ଗାଧର ମେହେରଙ୍କ ଉପରେ ଏକ ସଙ୍ଗୀତ ରୂପକ ପରିବେଷଣ ହୋଇଥିଲା। ଏହି ଅବସରରେ କୃତୀ ବିଦ୍ୟାର୍ଥୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣରେ ଅଧ୍ୟାପକ ଲମ୍ବୋଦର ପ୍ରଧାନ ଓ ଅଧ୍ୟାପିକା ଆନନ୍ଦିନୀ ସାହୁ ସହଯୋଗ କରିଥିଲେ। ଅଧ୍ୟାପିକା ପ୍ରଜ୍ଞାସିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରଣା, ମାଳି ସମାଜ ଆଦିବାସୀ ମାନ୍ୟତାକୁ ବିରୋଧ



ବୈଠକରେ ଯୋଗଦେଇଥିବା ସମାଜର କର୍ମକର୍ତ୍ତା।

ଘଣ୍ଟାପଡା,୧୯(ପ୍ରଭାତ କୁମାର ସାହୁ)

**ରେକଡୋଲ ଗ୍ରାମରେ କନ୍ଧ ସମାଜ ବୈଠକ**

କନ୍ଧମାଳ ବ୍ଲକ ରେକଡୋଲ ଗ୍ରାମରେ ଆଞ୍ଚଳିକ କନ୍ଧ ସମାଜ ଉନ୍ନୟନ ପରିଷଦ ପକ୍ଷରୁ ଅଧ୍ୟକ୍ଷ ସାମନ୍ତ ମାଝିଙ୍କ ଆହ୍ୱାନ କ୍ରମେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଦିବାସୀ ନେତା ବିପିନ ବିହାରୀ ଭୋଇ, ଧର୍ମୁ କହଁର, ଦେବାଧି ମଳିକ, ଅଭିମନ୍ୟୁ ଭୋଇ, କନିଷ୍ଠ ଭୋଇ, ସୁଶିଲ ଝାଙ୍କର, ପୌଲସ୍ତି ଭୋଇ, ଶମ୍ଭୁ ଭୋଇ, ଚିନ୍ମୟ ଭୋଇ, ଲତାବନ ମାଝି, ରଘୁନାଥ ମଲିକ, ଜଗଦୀଶ ମଲିକ, ଗୋପୀନାଥ କହଁର, ବଂଶୀଧର ମାଝି ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ସଭାରେ ମାଳି ଓ ରଣା ସମାଜକୁ ଆଦିବାସୀ ମାନ୍ୟତା ଦେବା ପାଇଁ ରାଜ୍ୟ ସରକାରଙ୍କ ଆଦିବାସୀ ପରାମର୍ଶଦାତା କମିଟି (ଟିଏସି) ମୋହର ଲଗାଇବା ପରେ କ୍ୟାବିନେଟ ଅନୁମୋଦନ କରି କେନ୍ଦ୍ର ସରକାର ନିକଟକୁ ପ୍ରସ୍ତାବ ପଠାଇବା ବିଷୟକୁ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଉକ୍ତ ସମାଜକୁ ଆଦିବାସୀରେ ସାମିଲ କରାଗଲେ ଆଦିବାସୀ ସମାଜର ଜମି ଉପରେ ପ୍ରଭାବ ପଡିବ ବୋଲି ମତପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଆଗାମୀ ଦିନରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦରଖାସ୍ତ ପଠାଇବା ସହିତ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ନିଷ୍ପତ୍ତି ନିଆଯାଇଛି। ଧର୍ମୁ କହଁର ସ୍ୱାଗତ ଭାଷଣ ଓ ଦେବାଧି ମଲିକ ଧନ୍ୟବାଦ ଦେଇଥିଲେ।

# ଅଭିଯୁକ୍ତଙ୍କୁ ୭ବର୍ଷ କାରାଦଣ୍ଡାଦେଶ

ବୌଦ୍ଧ,୧୯(ଅଜିତ କୁମାର ବାରିକ)

**ଟାଙ୍ଗିଆରେ ଆକ୍ରମଣ ମାମଲା**

ବୌଦ୍ଧ ଜିଲା ସିଜେଏମ୍ (ମୁଖ୍ୟ ଦଣ୍ଡାଧିଶ) ବିଶେଶ୍ୱର ବିଶ୍ୱପ୍ରକାଶ ରାୟ ଶୁକ୍ରବାର ଏକ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୭ ବର୍ଷ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ, ୨୨।୬।୨୦୧୭ରେ ହରଭଙ୍ଗା ଥାନା ବଡନନ୍ଦାଗାଡ଼ୁ ଗ୍ରାମର କୁଞ୍ଜ ପ୍ରଧାନ ଘର ବାରଣ୍ଡାରେ ଶୋଇଥିଲେ। ଏହି ସମୟରେ ଗ୍ରାମର ଅଭିଯୁକ୍ତ ଶ୍ରୀଧର ମଲିକ (୪୬) ହଠାତ୍ ସେଠାରେ ପହଞ୍ଚି ଗାଳିଗୁଲଜ କରିବା ସହ ଟାଙ୍ଗିଆ ସାହାଯ୍ୟରେ କୁଞ୍ଜଙ୍କ ଦୁଇଗୋଡକୁ ହାଣିଦେଇଥିଲେ। ଚିତ୍କାର ଶୁଣି ତାଙ୍କ ପୁଅ ଭରତ ପ୍ରଧାନ ପହଞ୍ଚି ଯିବାରୁ ଅଭିଯୁକ୍ତ ଶ୍ରୀଧର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ନେଇ ଭରତ ଗତ ୨୨।୬।୨୦୧୭ରେ ହରଭଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୪୦/୨୦୧୭) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଉକ୍ତ ମାମଲାଟି ବୌଦ୍ଧ ସିଜେଏମ୍‌ଙ୍କ ଅଦାଲତରେ ଏସ୍‌ଟି କେସ୍‌ନଂ ୨୩/୧୯ ହୋଇ ବିଚାର ହୋଇଥିଲା। ସରକାରଙ୍କ ପକ୍ଷରୁ ୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ସିଜେଏମ୍ ରାୟ ଅଭିଯୁକ୍ତ ଶ୍ରୀଧରଙ୍କୁ ଜେଲଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦେବରଞ୍ଜନ ବିଶି ମାମଲା ପରିଚାଳନା କରୁଥିଲେ।

## ଗଙ୍ଗାଧର ଜୟନ୍ତୀ ପାଳିତ

ତରଭା,୧୯(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ଏ.ଇ.ଏସ ମହାବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ କଲେଜ ଅଧ୍ୟକ୍ଷା ମିନତୀ ମିଶ୍ର ସଭାପତିତ୍ୱ କରିଥିଲେ। କଲେଜର ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ମନୋରଞ୍ଜନ ଭୋଇ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଗଙ୍ଗାଧର ମେହେରଙ୍କ ଜୀବନୀ ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ସାହିତ୍ୟ କୃତି ଉପରେ ଅଧ୍ୟାପକ ପ୍ରଦ୍ୟୁମ୍ନ ସାହୁ, ସାଗରିକା ବିଶି ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ଶେଷରେ ଅଧ୍ୟାପିକା ସୁନିତା ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ




ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ବାଉଁଶୁଣୀ, ୧୯(ଦେବାଶିଷ ନେପାକ)

ବାଉଁଶୁଣୀ ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ପ୍ରଥମବର୍ଷର ଛାତ୍ରୀଛାତ୍ରଙ୍କୁ ଫୁଲଚନ୍ଦନ ଦେଇ ସଭାସ୍ଥଳକୁ ପାଛୋଟି ନେଇଥିଲେ। ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ସଭାରେ ଅଧ୍ୟକ୍ଷତା କରିଥିଲେ। ଇତିହାସ ବିଭାଗ ଅଧ୍ୟାପକ କଲେଜର ନୀତିନିୟମ ପାଠପଢା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ପ୍ରଦୀପ ଭୁକ୍ତା, ଶିକ୍ଷା ବିଭାଗ ଅଧ୍ୟାପକ ଡ. ଉମାକାନ୍ତ ବିଶାଳ, ଇଂରାଜୀ ଅଧ୍ୟାପକ ଅନୀତା ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଭିଜିଲାନ୍ସ ତଦନ୍ତ ଦାବିରେ ଭାଜପାର ବିକ୍ଷୋଭ

ବୌଦ୍ଧ,୧୯(ଅଜିତ କୁମାର ବାରିକ)

ବୌଦ୍ଧଗଡ ଏନ୍ଏସିରେ ଅନିୟମିତତା, ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି କରି ଶୁକ୍ରବାର ଜିଲା ଭାଜପା ପକ୍ଷରୁ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ୧୦ଦଫା ସମ୍ବଳିତ ଦାବିପତ୍ର ନିର୍ବାହୀ ଅଧିକାରୀଙ୍କ ଜରିଆରେ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି।



ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବୌଦ୍ଧ ଏନ୍ଏସିରେ ଅନିୟମିତତା, ଦୁର୍ନୀତି**

ଦାବିଗୁଡିକ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)ରେ ବ୍ୟାପକ ଅନିୟମିତତା ହୋଇଥିବାବେଳେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସଶକ୍ତୀକରଣ ପାଇଁ ମୁକ୍ତା ଯୋଜନାରେ ଠିକାଦାର ପୋଷଣ ନୀତି ଚାଲିଛି। ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ବୌଦ୍ଧ ସହରର ବାପୁଜୀନଗର, ରାଜନପାଲି ଓ ଖଲିଆବଗିଚା ପୋଖରୀ ଖନନ କାର୍ଯ୍ୟରେ କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା (ଅମୃତ ଯୋଜନା)ର ଅନୁସରଣ କରାଯାଇ ନ ଥିବା, ସହରର କେତେକ ଅନାବଶ୍ୟକ ସ୍ଥାନରେ ପାର୍କ ଓ ଜିମ୍ ପ୍ରତିଷ୍ଠାକରି ସରକାରୀ ଅନୁଦାନ ହଡପ କରାଯିବା, ସ୍ୱଚ୍ଛଭାରତ ଯୋଜନାରେ ବ୍ୟାପକ କେନ୍ଦ୍ରୀୟ ଅନୁଦାନ ମିଳୁଥିଲେ ମଧ୍ୟ ଲୋକଙ୍କୁ ସ୍ୱାସ୍ଥ୍ୟକର ପରିବେଶ ଯୋଗାଇ ନ ପାରିବା, ରାସ୍ତାଘାଟ, ଡ୍ରେନ୍ ନିୟମିତ ସଫା ନ ହେବା, ସହରବାସୀଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ ବିଫଳ, ସହରର ଖଲିଆବଗିଚା, ବାବୁସାହି, ବଗିଚାସାହି ମହାନଦୀପଠାରେ ରହୁଥିବା ବସ୍ତି ବାସିନ୍ଦାଙ୍କୁ ଜାଗା ମିଶନ ଯୋଜନାରେ ସାମିଲ କରା ନ ଯିବା, ଉଠାଦୋକାନ କରି ଜୀବିକା ନିର୍ବାହ କରୁଥିବା ଗରିବ ଲୋକଙ୍କୁ ଥଇଥାନ କରିବାରେ ପ୍ରଶାସନ ପାତରଅନ୍ତର ନୀତି ଅବଲମ୍ବନ କରୁଥିବା ଆଦି ଅଭିଯୋଗର ଭିଜିଲାନ୍ସ ତଦନ୍ତ ଦାବି କରାଯାଇଛି। ମଣ୍ଡଳ ସଭାପତି ବ୍ୟୋମକେଶ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାବେଶରେ ଜିଲା ସଭାପତି ବିପ୍ରଚରଣ ମହାନ୍ତି, ବରିଷ୍ଠ ଭାଜପା ନେତା ସଚ୍ଚିଦାନନ୍ଦ ଦଲାଲ, ସୁଶାନ୍ତ କୁମାର ପ୍ରଧାନ, ସରୋଜ କୁମାର ପ୍ରଧାନ, ସୂର୍ଯ୍ୟନାରାୟଣ ମହାପାତ୍ର, ସୌମିତ୍ରୀ ନାୟକ, ଯୁଗଳ ସାହୁ, ଓମ୍‌ପ୍ରକାଶ ମିଶ୍ର, ମନରଞ୍ଜନ ଦାଶ, ଯୁଗଳ କିଶୋର ସାମଲ, ଶିଶିର କୁମାର ଘୋଷ, ମହିଳା ନେତ୍ରୀ ମିନାରାଣୀ ମିଶ୍ର, ନମିତାରାଣୀ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଜଣେ ମୃତ

ଲହୁଣୀପଡ଼ା,୧।୯(ଦାଶରଥି ପଣ୍ଡା): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଶଙ୍ଖପୋଷ ପଞ୍ଚାୟତ ଅର୍ଜୁନବୁଆଁ ଗ୍ରାମର ଅଗସ୍ତି ମୁଣ୍ଡା (୫୮) ଗୁରୁବାର ଅପରାହ୍ନରେ ନିଜ ଜମିପଟେ ଯାଇଥିବା ବେଳେ ହିଡରେ ଗୋଡ଼ ଖସି ଯିବାରୁ ଗଡ଼ିଆ ଭିତରେ ପଡି ଯାଇଥିଲେ। ଅନେକ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ଗ୍ରାମବାସୀଙ୍କ ଠାରୁ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଦେଖିଲା ବେଳକୁ ଅଗସ୍ତିଙ୍କ ମୃତ୍ୟୁ ଘଟିଥିଲା। ଲହୁଣୀପଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବଣେଇଁ ଉପଖଣ୍ଡ ଚିକିତ୍ସାଳୟର ମର୍ଗ ହାଉସରେ ରଖିଥିଲେ। ଶୁକ୍ରବାର ସକାଳୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

### ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଚାଲିଛି ପଞ୍ଚାୟତ କାମ

**ପ୍ରଶାସନ ଦୃଷ୍ଟିଦେବାକୁ ଦାବି**

ବାଲିଶଙ୍କରା,୧।୯(ହୃଦାନନ୍ଦ ବାରିକ): ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକରେ ୧୯ଟି ପଞ୍ଚାୟତ ରହିଛି। ସେଥିମଧ୍ୟରୁ ଉପାନ୍ତ ଅଞ୍ଚଳ ବନଡେଗା ପଞ୍ଚାୟତରେ ନିଜସ୍ୱ ପଞ୍ଚାୟତ କାର୍ଯ୍ୟାଳୟ ନ ଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ରାଜୀବ ଗାନ୍ଧୀ ସେବା କେନ୍ଦ୍ର ହିଁ ପଞ୍ଚାୟତବାସୀଙ୍କ ସାହା ଭରସା। ଏହି କେନ୍ଦ୍ରରେ ଚାଲୁଛି ଅଫିସ କାର୍ଯ୍ୟ। ଅପରପକ୍ଷେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର କାର୍ଯ୍ୟାଳୟ ସମ୍ମୁଖ ମାଟିରାସ୍ତା ହୋଇଥିବାରୁ ବର୍ଷା ଦିନେ କାଦୁଅ ପଚପଚ ହେଉଥିବାବେଳେ ପିଡିଏସ ଚାଉଳ ଗାଡି ଆସିଲେ କାଦୁଅରେ ଦବି ଯାଇଥାଏ। କଂକ୍ରିଟ ରାସ୍ତା ଏବଂ ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ପଞ୍ଚାୟତବାସୀ ବାରମ୍ବାର ଦାବି କରୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ତେବେ ଜିଲାପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଡ୍ରାଇଭର ସଂଘ ପକ୍ଷରୁ ରକ୍ତଦାନ ଶିବିର

ଲହୁଣିପଡା,୧।୯(ଦାଶରଥି ପଣ୍ଡା): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ କୁଡେଇକଳା ପଞ୍ଚାୟତ ଉଲସରେଇସ୍ଥିତ କଲ୍ୟାଣ ମଣ୍ଡପଠାରେ ଡ୍ରାଇଭର ଦିବସରେ ଡ୍ରାଇଭର ମହାସଂଘ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା, ପ୍ରଶାନ୍ତ କୁମାର ଦାସ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଲହୁଣୀପଡ଼ାର ବିଭିନ୍ନ ଅଞ୍ଚଳରୁ ଡ୍ରାଇଭରମାନେ ଯୋଗଦେଇ ରକ୍ତଦାନ କରିଥିଲେ। ଓଡିଶା ଡ୍ରାଇଭର ମହାସଂଘ ସଭାପତି ପ୍ରତାପ ମାହାନ୍ତ, ଜସୋବନ୍ତ ପାତ୍ର, କୃତିବାସ ମାହାନ୍ତ, ପଙ୍କଜ କିଷାନ, ଗୁରୁ ଚରଣ ଭୂମିଜ, କୁଳମଣି ନାୟକ, ରାଜେଶ ଓରାମ ତଥା ଉପଦେଷ୍ଟା ମଣ୍ଡଳୀର ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରକ୍ତ ନମୁନା ସଂଗ୍ରହ ପାଇଁ ରାଉରକେଲାର ଡା, ପ୍ରଶାନ୍ତ କୁମାର ଦାସ ଏବଂ ଡାକ୍ତରୀ ଦଳ, ଲହୁଣୀପଡ଼ାର ଡା, ସସ୍ମିତା ରାଣି ନାଗ, ଡା. ସୁଧାଂଶୁ କୁମାର ସାହୁ, ଡା. ଅରବିନ୍ଦ ସାହୁଙ୍କ ସହ ଫାର୍ମାସିଷ୍ଟ ଦିନେଶ କୁମାର ସାହୁ ଏବଂ ପ୍ରଶନ୍ନ କୁମାର ନାଥ, ଏଏନଏମ ତପସ୍ୱୀନ ମାହାନ୍ତ, ଷ୍ଟାଫ ନର୍ସ ବିନିତା ମୁଣ୍ଡା ଉପସ୍ଥିତ ରହି ରକ୍ତନମୁନା ସଂଗ୍ରହ କରିଥିଲେ। ଏହି ରକ୍ତଦାନ ଶିବିରରେ ସମୁଦାୟ ୧୧୮ ଟି ରକ୍ତ ନମୁନା ସଂଗ୍ରହ ହୋଇଥିବା ଜଣାପଡିଛି। ଶିବିରକୁ ବଳରାମ ମାହାନ୍ତ, ମନୋରଞ୍ଜନ ମାହାନ୍ତ, ମହାଦେବ ମୁଣ୍ଡା, ହଗନ ମୁଣ୍ଡା, ଗୁରୁଚରଣ ମାହାନ୍ତ, ନକୁଳ ମାହାନ୍ତ ପ୍ରମୁଖଙ୍କ ସମେତ ଡ୍ରାଇଭରମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଚୋରି ଅଭିଯୋଗ, ଜଣେ ଗିରଫ

ରାଉରକେଲା,୧।୯(ସଙ୍ଗୀତା ଜେନା): ସେକ୍ଟର -୧୫ ଥାନା ଅନ୍ତର୍ଗତ ଏ ବ୍ଲକ ଅଞ୍ଚଳରୁ ଗୁରୁବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତି ୩୬ ଖଣ୍ଡ ଲୁହା ରଡ୍ ଚୋରି କରୁଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଏମ୍‌ଡ଼ି ସଫି ସଫାତ୍ ସାନି ରାଜା। ତାଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୮୩/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି।



ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ବିର୍ସା ମୁଣ୍ଡା ବସ୍ ଷ୍ଟାଣ୍ଡ ପାଲଟିଛି ଟ୍ରକ୍ ଷ୍ଟାଣ୍ଡ । (ଫଟୋ-ମହେନ୍ଦ୍ର)

# ଜିଲାପାଳଙ୍କ ଅଫିସ ଘେରିଲା ସିପିଆଇ

ସୁନ୍ଦରଗଡ,୧।୯(ଜୟ ନାରାୟଣ ମେଣ୍ଡୁଲି)

ଚାଷ ଓ ଚାଷୀ ବଞ୍ଚାଅ ଦାବିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ( ସିପିଆଇ) ପକ୍ଷରୁ ଶୁକ୍ରବାର ସୁନ୍ଦରଗଡ ଜିଲାପାଳଙ୍କ ଅଫିସ ଘେରାଉ କରାଯାଇଥିଲା। ଶତାଧିକ ସିପିଆଇ କର୍ମୀ ଓ ଚାଷୀ ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ରଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଶୋକ କୁମାର ଦାଶ, ଅଖିଳ ଭାରତ କୃଷକ ସଭାର ରାଜ୍ୟ ସାଧାରଣ ସମ୍ପାଦକ କ୍ଷୀରୋଦ ସିଂଦେଓ, ରାଜ୍ୟ ସମ୍ପାଦକ ସୁନୀଲ ନାଏକ, ତରଣୀ ସେନ ରଣା, ରାଜେନ୍ଦ୍ର ନାଏକ, ସନ୍ତୋଷ ଆଚାର୍ଯ୍ୟ ପ୍ରମୁଖ ସରକାରଙ୍କ କୃଷି ଓ କୃଷକ ଅବହେଳା ନେଇ ତୀବ୍ର ସମାଲୋଚନା କରିଥିଲେ। ଡ. ସ୍ୱାମୀ ନାଥନ କମିଶନଙ୍କ ସୁପାରିଶକୁ କାର୍ଯ୍ୟକାରୀ କରିବା, ଧାନ କୁଇଣ୍ଟାଲ ପିଛା ୪୦୦୦ଟଙ୍କା ଧାର୍ଯ୍ୟ କରି ଅଭାବୀ ବିକ୍ରିକୁ ରୋକିବା, କୃଷି ଋଣ ଛାଡ କରି ଚାଷୀଙ୍କୁ ମାସିକ ୬୦୦୦ଟଙ୍କା ପେନ୍‌ସନ, ଘରୋଇ କମ୍ପାନୀର ଫସଲ ବୀମା ପ୍ରଚଳନ ବନ୍ଦ କରିବା, ଜିଲାର ଛୋଟ ବଡ ନଦୀରେ ଚେକ୍ ଡ୍ୟାମ ନିର୍ମାଣ, ଠିକ ସମୟରେ ରିହାତି ଦରରେ ସାର ଓ କୀଟନାଶକ ଔଷଧ ପ୍ରଦାନ,


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ଅନ୍ୟ ରାଜ୍ୟ ଭଳି ଓଡିଶାରେ ମଧ୍ୟ ଧାନ କୁଇଣ୍ଟାଲ ପିଛା ୪୦୦ରୁ୮୦୦ ଟଙ୍କା ପର୍ଯ୍ୟନ୍ତ ବୋନସ ପ୍ରଦାନ ଆଦି ୧୫ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହି ଘେରାଉରେ ଅନ୍ୟମାନଙ୍କ ମଧ୍ୟରେ ଲଳିତ ମୋହନ ଭୋଇ, ଅଖିଳ ମାଝି, ଭାଲେନକିଣ୍ଡୋ, ବଂଶୀଧର କଉଡି, ବିନୋଦ ଦଣ୍ଡସେନା, ମାନଫିଲ ମିଞ୍ଜ, ନରେନ୍ଦ୍ର ତାଜନ, ଶିବନାଥ କିଷାନ, ଭଜମନ କିଷାନ, କିଶୋର ସା, ଭଜମନ ଭୈଷାଲ ପ୍ରମୁଖ ଯୋଗଦେଇ ଚାଷୀଙ୍କ ସମସ୍ୟା ଓ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଚାଷୀ ମାରଣାସ୍ତ୍ର ନୀତିକୁ ସମାଲୋଚନା କରିଥିଲେ।

# ହାଇୱା ଚାଳକ କୋର୍ଟ ଚାଲାଣ

**କିନ୍ନର ଦୁର୍ଘଟଣା ମାମଲା**

ଲହୁଣୀପଡ଼ା,୧।୯(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ରାଜାମୁଣ୍ଡା ବାଇପାସ୍‌ଠାରେ ୨କିନ୍ନରଙ୍କ ଉପରେ ହାଇୱା ଚଢ଼ାଇ ମାରି ଦେଇଥିବା ଚାଳକଙ୍କୁ ପୋଲିସ ବିହାର ପାଟଣା ଅଞ୍ଚଳରୁ ଗିରଫ କରି ଥାନାରେ ପଚରାଉଚରା କରିବା ସହିତ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ପବନା ରାୟ (୪୦) । ସୂଚନାରୁ ପ୍ରକାଶ ଯେ, ଗତ ୨୭ ତାରିଖ ମଧ୍ୟରାତ୍ରିରେ ରାଜାମୁଣ୍ଡା ବାଇପାସ ଛକ ନିକଟରେ ଏକ ହାଇୱା ଧକ୍କାରେ ୨ କିନ୍ନରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ କିନ୍ନର ଅଳ୍ପକେ ବର୍ତ୍ତି ଯାଇଥିଲେ। ହାଇୱା ଚାଳକ ପବନା ଜାଣିଶୁଣି ତାଙ୍କ ଉପରେ ଗାଡ଼ି ଚଢ଼ାଇ ମାରି ଦେଇଥିବା କିନ୍ନର ସଂଘ କର୍ମକର୍ତ୍ତା ଲହୁଣୀପଡ଼ା ଥାନାରେ ଅଭିଯୋଗ କରିବା ସହିତ ତାଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ। ହାଇୱା ଚାଳକଙ୍କୁ ଧରିବାକୁ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଥିଲା। ପବନା ବିହାର ପାଟଣା ଅଞ୍ଚଳରେ ରହିଥିବା ନେଇ ପୋଲିସ ବିଶେଷ ସୂତ୍ରରୁ ସୂଚନା ପାଇ ଚଢ଼ାଉ କରିଥିଲା। ଲହୁଣୀପଡ଼ା ଥାନାକୁ ଆଣି ପଚରାଉଚରା କରିବା ସମୟରେ ଝଗଡାର ପ୍ରତିଶୋଧ ନେବାପାଇଁ କିନ୍ନର ରଥ କିଷାନ ଓ ରାଜା ପାତ୍ର ଉପରେ ଗାଡି ଚଢେଇ ମାରି ଦେଇଥିବା ପୋଲିସ ନିକଟରେ ଅଭିଯୁକ୍ତ ପ୍ରକାଶ କରିଥିବା ବଣେଇଁ ଏସ୍‌ଡିପିଓ ସ୍ୱରାଜ ଦେବତା ସୂଚନା ଦେଇଛନ୍ତି।

# ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ ବୈଠକ



ଲହୁଣୀପଡ଼ା,୧।୯(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ବଡ ପୁରୁଣାପଣି ପଞ୍ଚାୟତ ପରିସରରେ ବଣେଇଁ ଉପଖଣ୍ଡ ସ୍ତରୀୟ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଲହୁଣୀପଡ଼ା ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ମାହାନ୍ତ ଅଧ୍ୟକ୍ଷତା କରିଥିଲେ। ଏଥିରେ ଲହୁଣୀପଡ଼ା, କୋଇଡ଼ା, ଗୁରୁଣ୍ଡିଆ, ବଣେଇଁ ପଞ୍ଚାୟତର ଚତୁର୍ଥ ଶ୍ରେଣୀ କର୍ମଚାରୀ ଯୋଗ ଦେଇଥିଲେ। ପଞ୍ଚାୟତଗୁଡିକରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ଦୀର୍ଘଦିନ ଧରି କାମ କରି ଆସୁଥିଲେ ମଧ୍ୟ ସରକାର ସେମାନଙ୍କୁ ଅବହେଳା କରି ଆସୁଛନ୍ତି ବୋଲି ଅଭିଯୋଗ କରିବା ସହିତ ଆମକୁ ସ୍ଥାୟୀ ନିଯୁକ୍ତି, ନିୟମିତ ଦରମା,ସମାନ କାମକୁ ସମାନ ଦରମା, ରାଜ୍ୟ ବଜେଟରେ ସ୍ୱତନ୍ତ୍ର ପାଣ୍ଠି ପ୍ରଦାନ, ପଞ୍ଚାୟତ ରାଜ ବିଭାଗରେ ତାଙ୍କୁ ତାଲିକାଭୁକ୍ତ କରିବା ଆଦି ୮ ଟି ଦଫା ଉପରେ ଆଲୋଚନା କରିବା ସହିତ ଏହାକୁ ପୂରଣ କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରିଥିଲେ। ଏହି ବୈଠକରେ ଲହୁଣୀପଡ଼ା ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ମାହାନ୍ତ, ନୀଳକେତନ ମାହାନ୍ତ, ଯୁଗଳ କିଷାନ, ବଣେଇଁ ବ୍ଲକ ସଭାପତି ଦୁର୍ଯ୍ୟୋଧନ କାଲୋ ଏବଂ ସମ୍ପାଦକ ଲଛମନ ମାହାନ୍ତ, ମନୁ ନାୟକ,ସବ୍ୟସାଚୀ ନାଏକ,ନାରାୟଣ ନାଏକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଲାଲ ମୋହନ ମହାକୁଡ଼, ହେମାଦ୍ରୀ ମାହାନ୍ତ, ରବି ନାଗ, ନୀତିଶ ସିଂ,ତୁରୀ ମୁଣ୍ଡା, ଜୟଦେବ ମାହାନ୍ତ, ଅର୍ଜୁନ ମହାକୁଡ଼ ସମେତ ଚାରି ବ୍ଲକ ର ପଞ୍ଚାୟତ ର ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନେ ଉପସ୍ଥିତ ଥିଲେ ବୋଲି ଜଣାପଡ଼ିଛି।

# ପୌରପାଳିକା ପାଳିଲା ସ୍ୱାୟତ୍ତ ଶାସନ ଦିବସ


ଅତିଥିମାନେ ପୌରପାଳିକାର ସ୍ୱତନ୍ତ୍ର ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି।

ସୁନ୍ଦରଗଡ,୧।୯(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ପୌରପାଳିକା ତରଫରୁ ୭୨ତମ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପ୍ରଭାତରୁ ରାମଧୂନ ପ୍ରଚାର ପରେ ପୌରପାଳିକାଠାରେ ପୌରାଧ୍ୟକ୍ଷା ତନୟା ମିଶ୍ର ପତାକା ଉତ୍ତୋଳନ କରିଥିଲେ। ଦିନ ତମାମ ବିଭିନ୍ନ କାର୍ଯ୍ୟକ୍ରମପରେ ସନ୍ଧ୍ୟାରେ ସ୍ଥାନୀୟ ଜିଲା ସଂସ୍କୃତି ଭବନଠାରେ ପୌରାଧ୍ୟକ୍ଷା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି,ବିଶେଷ ଅତିଥିଭାବେ ଏମ୍‌ପି ଜୁଏଲ ଓରାମ, ଏବଂ ସମ୍ମାନିତ ଅତିଥିଭାବେ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ବିଧାୟିକା କୁସୁମ ଟେଟେ ,ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପୋ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ପୂର୍ବତନ ବିଧାୟିକା ସୁଷମା ପଟେଲ, ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ, ପଶ୍ଚିମ ଓଡିଶା ବିକାଶ ପରିଷଦ ସଭ୍ୟ ବୈକୁଣ୍ଠ ନାଏକ, ଡୁଡା ପ୍ରକଳ୍ପ ଅଧିକାରୀ ଲଳିତ ସୋରେଙ୍ଗ ଏବଂ ମୁଖ୍ୟ ବକ୍ତାଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଅତିଥିମାନେ ସ୍ୱାୟତ୍ତ ଶାସନ ଦିବସ ପାଳନର ମହତ୍ତ୍ୱ ଓ ସହରର ସର୍ବାଙ୍ଗୀନ ବିକାଶରେ ସମସ୍ତଙ୍କ ସହଭାଗୀତା ଉପରେ ଗୁରୁତ୍ୱାରୋପ କରି ପୌରାଧ୍ୟକ୍ଷା ଓ ପୌରପରିଷଦର ନେତୃତ୍ୱରେ ସହରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ପ୍ରଂଶସା କରିଥିଲେ। ପୌରାଧ୍ୟକ୍ଷା ମିଶ୍ର ତାଙ୍କ ଅଭିଭାଷଣରେ ସହର ବିଭିନ୍ନ ୱାର୍ଡରେ ଚାଲିଥିବା ମିନି ପାର୍କ ଖୁବ ଶୀଘ୍ର ଶେଷ ହେବ ଓ ଉନ୍ନୟନ ମୂଳକ କାର୍ଯ୍ୟର ସୂଚନା ଦେଇଥିଲେ। ଏଥିସହ ନୂତନ ଭେଣ୍ଡିଂ ଜୋନ୍ ନିର୍ମାଣ କରି ବେକାର ଯୁବତୀଯୁବକଙ୍କୁ ଆତ୍ମ ନିର୍ଭର ପାଇଁ ସୁଯୋଗ ସୃଷ୍ଟି କରାଯିବ ବୋଲି କହିଥିଲେ। ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁମିତା ସିଂ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୌରପାଳିକାର ସ୍ୱତନ୍ତ୍ର ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

### କନିଷ୍ଠ ଯନ୍ତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ବ୍ଲକ ଉପାଧ୍ୟକ୍ଷଙ୍କ ବିରୋଧରେ ଫେରାଦ**

ସୁନ୍ଦରଗଡ,୧।୯
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ଉପାଧ୍ୟକ୍ଷ ପୀତାମ୍ବର ଶେଖର ଦେଓଙ୍କ ବିରୋଧରେ ଜିଲାପାଳଙ୍କ ନିକଟରେ ଫେରାଦ ହେଲା ଓଡିଶା ଡିପ୍ଲୋମା ଇଞ୍ଜିନିୟରର୍ସ ସାର୍ଭିସ ଆସୋସିଏଶନ। ଏହି ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ସୀମାକୀର୍ତ୍ତି ବେହେରାଙ୍କୁ ଏକ ପୋଖରୀ କାର୍ଯ୍ୟ ପରିଦର୍ଶନ ବେଳେ ଉପାଧ୍ୟକ୍ଷ ଶେଖର ଦେଓ ତାଙ୍କୁ ଦୁର୍ବ୍ୟବହାର କରିଥିବା ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ଏ ନେଇ ଜିଲାପାଳ ଓ ବିଡିଓଙ୍କୁ ଶୁକ୍ରବାର ଭେଟି ଲିଖିତ ଅଭିଯୋଗ କରିଥିଲା। ବାଲିଶଙ୍କରା ବ୍ଲକ ବନ୍ଧବାହାଲ ପଞ୍ଚାୟତ ବୀଜାଗଡ ସ୍କୁଲ ପଡା ପୋଖରୀ କାର୍ଯ୍ୟ ତଦନ୍ତ ପାଇଁ ସୁନ୍ଦରଗଡ ଜିଲାପରିଷଦର ଏକ ଟିମ୍ ଗତ୨୧ତାରିଖରେ ପରିଦର୍ଶନ ପାଇଁ ଯାଇଥିଲା ବେଳେ ଉପାଧ୍ୟକ୍ଷ କନିଷ୍ଠ ଯନ୍ତ୍ରୀ ବେହେରାଙ୍କୁ ଗାଳିଗୁଲଜ କରି ଦୁର୍ବ୍ୟବହାର କରିଥିଲେ।

# ରକ୍ତଦାନ ଶିବିରରୁ ୫୦ ୟୁନିଟ୍ ସଂଗ୍ରହ




ବଡ଼ଗାଁ,୧।୯( ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡ୍ରାଇଭର ଦିବସ ଉପଲକ୍ଷେ ଡ୍ରାଇଭର ମହାସଂଘ ପକ୍ଷରୁ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ସଂଘ କର୍ମକର୍ତ୍ତା ଗୁରୁ ମେହେର ଓ ସୁରେଶ ବାଗ ଶିବିରକୁ ଉଦ୍‌ଘାଟନ କଲାପରେ ରକ୍ତ ସଂଗ୍ରହ ହୋଇଥିଲା। ସୁନ୍ଦରଗଡ ବ୍ଲଡ୍ ବ୍ୟାଙ୍କର କର୍ମଚାରୀ ରତ୍ନପ୍ରଭା ନାଏକ, ଭାଗିରଥି ଶତପଥୀ, ବିଜୟ ରକ୍ସା, ଯୁଧିଷ୍ଠିର ଭାଇସଲ୍, ଆଶାରାଣୀ ନାୟକ ରକ୍ତ ସଂଗ୍ରହ କରିଥିବାବେଳେ ସଂଘ କର୍ମକର୍ତ୍ତା ରାମକୃଷ୍ଣ ସାହୁ, ପିଣ୍ଟୁ ଗୌଡ, ସରୋଜ ମିଶ୍ର, ସଞ୍ଜୀବ ବିଷି ଓ କୁତ୍ରା ବ୍ଲକ୍ ଡ୍ରାଇଭର ସଂଘ କର୍ମକର୍ତ୍ତା ମନୋଜ ଏକ୍କା, ଅଶୋକ ଜୟପୁରିଆ ପ୍ରମୁଖ ଯୁବକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ଅଞ୍ଚଳର ୫୦ ଡ୍ରାଇଭର ରକ୍ତଦାନ କରିଥିଲେ। ମୋଟ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହାପରେ ଡ୍ରାଇଭରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

# ପ୍ରଧାନ ଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ହେମଗିର,୧।୯(ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ବ୍ଲକ କୁଚେଡେଗା ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଈଶ୍ୱର ଖମାରିଙ୍କ ଉଦ୍ଦେଶ୍ୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ କରୁଣା ସାଗର ପଟେଲ, ସମ୍ମାନିତ ଅତିଥି ଏବିଇଓ କିଶୋର କୁମାର ଅର୍କ, ପ୍ରଧାନ ଶିକ୍ଷୟିତ୍ରୀ ନବନୀତା ନାଏକ, ପ୍ରଧାନ ଶିକ୍ଷକ ରାମ କୁମାର ପ୍ରଧାନ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସାଲିକରାମ ପ୍ରଧାନ,ଏନ୍‌ପିଏସ୍ ଶିକ୍ଷକ ସଂଘର ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ପଧାନ,ଏସ୍‌ଏମ୍‌ସି ସଭାପତି ଖିମତି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅରୁଣ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଦେବଦତ୍ତ ପାଣ୍ଡେ, କାହ୍ନୁଚରଣ ପଧାନ, ନିରଞ୍ଜନ ପଟେଲ, ଦିଲୀପ କୁମାର ପଣ୍ଡା, ତେଜରାଜ ବହିଦାର, ବାସନ୍ତି ସାହୁ, ପଲ୍ଲବୀ ଦାସ, ଅନୁପମା ଖିଲେଇ, ମନୋଜ ପଟେଲ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।


ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

# ଶିକ୍ଷକ ନିଯୁକ୍ତି ଦାବିରେ ବ୍ଲକ କାର୍ଯ୍ୟାଳୟ ଘେରାଉ

ବଣାଇଁ,୧।୯(ପ୍ରଦୀପ ତ୍ରିପାଠୀ )

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକରେ ଥିବା ଆଦିବାସୀ ହରିଜନ ଉନ୍ନୟନ ବିଭାଗ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୀର୍ଘଦିନ ହେବ ଶିକ୍ଷକଙ୍କ ଅଭାବ ଦେଖାଦେଇଛି। ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବା ଯୋଗୁ ସେଠାରେ ପାଠପଢୁଥିବା ଆଦିବାସୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଏବେ ଅନ୍ଧାର ଘେରକୁ ଠେଲି ହୋଇଯାଉଛି। କେବଳ ପ୍ରିନ୍ସିପାଲଙ୍କୁ ଛାଡିଦେଲେ ଅନ୍ୟ କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ନିୟମିତ ବିଦ୍ୟାଳୟକୁ ଆସୁନାହାନ୍ତି। ଏଥିସହ ଆବଶ୍ୟକ ପଦବୀ ପୂରଣ ହେଉ ନ ଥିବା ଛାତ୍ରୀଛାତ୍ରୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଛି। ଶିକ୍ଷାରୁ ବଞ୍ଚିତ ହେବା ନେଇ ଛାତ୍ରୀଛାତ୍ର ବିଭିନ୍ନ ସମୟରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ସେମାନଙ୍କ କଥା କେହି ଶୁଣି ନ ଥିଲେ। ଶୁକ୍ରବାର ବାଧ୍ୟ ହୋଇ ଶତାଧିକ ଛାତ୍ରୀଛାତ୍ର ହାତରେ ପ୍ଲାକାର୍ଡ ଧରି ପ୍ରାୟ ୧କି.ମି.ରୁ ଊର୍ଦ୍ଧ୍ୱ ରାସ୍ତାରେ ଚାଲି ଚାଲି ଆସି ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହିତ ଧାରଣାରେ ବସିଥିଲେ। ମୁଖ୍ୟତଃ ପ୍ରିନ୍ସିପାଲଙ୍କ ବଦଳି ଓ ଶିକ୍ଷକ ନିଯୁକ୍ତି ଦାବି କରିଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ବଣାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଦର୍ଶୀ ସାହୁଙ୍କୁ ଯୋଗାଯୋଗ କରିବାରୁ ଘଟଣା ସମ୍ପର୍କରେ ଅବଗତ ଥିବା ଓ ସମାଧାନ ପାଇଁ ସ୍ୱତନ୍ତ୍ର ଅଧିକାରୀଙ୍କ ସହ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀଙ୍କୁ ମଧ୍ୟ ଘଟଣାସ୍ଥଳକୁ ପଠାଇଥିବା ସେ କହିଛନ୍ତି।



ହାତରେ ପ୍ଲାକାର୍ଡ ଧରି ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

